# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୯/୨୦୨୪ (୧୮ ପୃଷ୍ଠା) | Bhubaneswar, Monday, September 9/2024 Page 18 ₹ 7.00 | BERHAMPUR

୫୦ଶ ଭାଗ ୨୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 286 ମୂଲ୍ୟ ₹୭/-





**୧୦ରେ 'ଦେବରା' ଟ୍ରେଲର**

ସେପ୍ଟେମ୍ବର ୧୦ରେ 'ଦେବରା' ଫିଲ୍ମର ଟ୍ରେଲର ରିଲିଜ୍ ହେବ ବୋଲି ସାଉଥ୍ ଅଭିନେତା ଜୁନିୟର ଏନ୍‌ଟିଆର୍ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ୦୭

୧୮ **ସାବାଲେଙ୍କାଙ୍କୁ ମହିଳା ସିଙ୍ଗଲ୍ସ ଟାଇଟଲ**

ବେଲାରୁଷର ଆରିନା ସାବାଲେଙ୍କା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।




# ୪୬ ଲକ୍ଷ ଚାଷୀଙ୍କୁ ସିଏମ୍ କିଷାନ କିସ୍ତି





ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ଅଡିଟୋରିୟମଠାରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟମାନେ ।

- **ସିଏମ୍ କିଷାନ ପୋର୍ଟାଲ, କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ ଉନ୍ମୋଚିତ**
- **କୃଷି ବିଦ୍ୟାନିଧି ଯୋଜନାରେ ୨ ଲକ୍ଷ ଟଙ୍କା ଛାତ୍ର ବୃତ୍ତି ବ୍ୟବସ୍ଥା**

ସମ୍ବଲପୁର/ଭୁବନେଶ୍ୱର, (ପ୍ରମୋଦ ବହିଦାର/ ସୁନିତ୍ ମିଶ୍ର) ୮।୯

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଁଖାଇ ଅବସରରେ ସମ୍ବଲପୁରଠାରେ ସିଏମ୍ କିଷାନ ସହାୟତା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ ପ୍ରାୟ ୪୬ଲକ୍ଷ ଚାଷୀ ସିଏମ୍ କିଷାନ କିସ୍ତି ଟଙ୍କା ପାଇ ଉପକୃତ ହୋଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ପିଏମ୍ କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ, ସିଏମ୍ କିଷାନ ପୋର୍ଟାଲ ଓ କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲର ଉନ୍ମୋଚନ କରିଛନ୍ତି। ସମ୍ବଲପୁରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଚାଷୀକୁଳର ସମୃଦ୍ଧି ଓ ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ମା' ସମଲେଇଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ମିଶି ମନ୍ଦିର ପରିସରରେ ନବାନ୍ନ ଖାଇଛନ୍ତି।

ସିଏମ୍ କିଷାନ ସହାୟତା ଯୋଜନା ନିମନ୍ତେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସମସ୍ତ ଚାଷୀ ଭଉଣୀ, ଭାଇମାନଙ୍କୁ କୃଷି କ୍ଷେତ୍ରରେ ସଶକ୍ତ କରିବାର ମୂଳ ଲକ୍ଷ୍ୟ ରଖି ରାଜ୍ୟ ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି। ସିଏମ୍ କିଷାନ ଯୋଜନାରେ ହସ୍ତାନ୍ତର ହେଉଥିବା ଏହି ସହାୟତା ରାଶି ଚାଷୀମାନଙ୍କୁ ଅତ୍ୟାବଶ୍ୟକ କୃଷି ସାମଗ୍ରୀ ଯଥା- ବିହନ, ସାର, କୀଟନାଶକ ଇତ୍ୟାଦି ଆବଶ୍ୟକତା ଅନୁଯାୟୀ କିଣିବାରେ ☞ପୃଷ୍ଠା-୪

# ଭାରତରେ ସନ୍ଦିଗ୍ଧ ମଙ୍କିପକ୍ସ ଆକ୍ରାନ୍ତ

ନୂଆଦିଲ୍ଲୀ,୮।୯ (ପି.ଟି.)

ନିକଟରେ ମଙ୍କିପକ୍ସ ସଂକ୍ରମିତ ଦେଶରୁ ଭାରତ ଫେରିଥିବା ଜଣେ ବ୍ୟକ୍ତିଙ୍କଠାରେ ଏହି ରୋଗର ଲକ୍ଷଣ ଦେଖାଦେଇଛି। ଏହାକୁ ସନ୍ଦିଗ୍ଧ ମଙ୍କିପକ୍ସ ମାମଲା ଭାବେ ଚିହ୍ନଟ କରାଯାଇ ତାଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ସେ ପ୍ରକୃତରେ ମଙ୍କିପକ୍ସରେ ପୀଡ଼ିତ କି ନୁହନ୍ତି, ତାହା ସ୍ପଷ୍ଟ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର କହିଛି। ତାଙ୍କୁ ଏକ ନିର୍ଦ୍ଦିଷ୍ଟ ହସ୍ପିଟାଲରେ ଆଇସୋଲେଶନରେ ରଖାଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସନ୍ଦିଗ୍ଧ ମାମଲାକୁ ନେଇ ଚିନ୍ତାର କୌଣସି କାରଣ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସନ୍ଦିଗ୍ଧ ରୋଗୀଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଉଛି। ଦେଶରେ ସ୍ଥିତି ନିୟନ୍ତ୍ରଣରେ ରହିଛି। ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଡିସି) ପକ୍ଷରୁ କ୍ରମାଗତ ଭାବେ ସ୍ଥିତି ଅନୁଧ୍ୟାନ କରାଯାଉଛି। ମଙ୍କିପକ୍ସ ସଂକ୍ରମଣର ମୁକାବିଲା ପାଇଁ ସରକାର ସର୍ବଦା ପ୍ରସ୍ତୁତ ରହିଥିବା ମନ୍ତ୍ରଣାଳୟ କହିଛି।

# ସରୁନି ତଦନ୍ତ, ହେଉନି ରହସ୍ୟ ଉନ୍ମୋଚନ

**ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ିକୁ ୧୫ ବର୍ଷ**



ପାରାଦୀପ,୮।୯(ଶରତ ରାଉତ)

ପାରାଦୀପ ବନ୍ଦର ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିବା ଏମ୍‌ଭି ବ୍ଲାକ୍‌ରୋଜ୍ ବୁଡ଼ି ଘଟଣାକୁ ସୋମବାର ୧୫ ବର୍ଷ ପୂରିଛି। ପାରାଦୀପ ବନ୍ଦରଠାରୁ ୬ କିମି ସମୁଦ୍ରର ଆଙ୍କରେଜ୍ ଏରିଆରେ ୨୦୦୯ ସେପ୍ଟେମ୍ବର ୯ରେ ଏହି ଜାହାଜ ବୁଡ଼ି ଯାଇଥିଲା। ପ୍ରାୟ ୨୦୧୪ ମସିହା ପର୍ଯ୍ୟନ୍ତ ବ୍ଲାକରୋଜ ଅଧାବୁଡ଼ା ଅବସ୍ଥାରେ ଥିଲା। ତାହା ଦେଖାଯାଉଥିଲା। ଏବେ ସେହି ଜାହାଜ ସମୁଦ୍ରରେ ଅଦୃଶ୍ୟ ହୋଇଗଲାଣି। କିନ୍ତୁ ରାଜ୍ୟ ରାଜନୀତିରେ ସମୟାନୁସାରେ ବ୍ଲାକରୋଜ ଜାହାଜ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ନିର୍ବାଚନ ସମୟଠାରୁ ଆରମ୍ଭ କରି ବିଧାନସଭା, ଲୋକ ସଭା ପର୍ଯ୍ୟନ୍ତ ତଦନ୍ତ ପାଇଁ ବିଭିନ୍ନ ରାଜନେତା ଓ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। କିନ୍ତୁ ଗତ ୧୫ ବର୍ଷ ମଧ୍ୟରେ ଜାହାଜ ବୁଡ଼ିବା ଘଟଣାର ରହସ୍ୟ ଉନ୍ମୋଚନ ହୋଇନାହିଁ କି ତଦନ୍ତକାରୀ ସଂସ୍ଥା ଏପର୍ଯ୍ୟନ୍ତ ବ୍ଲାକରୋଜ୍ ଜାହାଜ ମାଲିକ ମଙ୍ଗୋଲିଆର ସି କକ୍‌ଙ୍କ ପାଖରେ ପହଞ୍ଚି ପାରିନାହିଁ। ସୂଚନାଯୋଗ୍ୟ, ୨୦୦୯ ସେପ୍ଟେମ୍ବର ୯ରେ ଏମ୍‌ଭି ବ୍ଲାକ୍‌ରୋଜ୍ ପାରାଦୀପ ☞ପୃଷ୍ଠା-୪

# ରୁଷିଆ-ୟୁକ୍ରେନ୍ ଶାନ୍ତି ପାଇ ଡୋଭାଲ

ନୂଆଦିଲ୍ଲୀ,୮।୯ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ରୁଷିଆ ଏବଂ ୟୁକ୍ରେନ୍ ଗସ୍ତରେ ଯାଇ ୨ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ ପାଇଁ ଭାରତ ସମ୍ଭାବ୍ୟ ଭୂମିକା ନେଇପାରିବ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଉଦ୍ୟମକୁ ଆଗେଇ ନେବା ପାଇଁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଚଳିତ ସପ୍ତାହରେ ରୁଷିଆ ଗସ୍ତରେ ଯାଉଛନ୍ତି। ସେ ସେଠାରେ ଉଭୟ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିବେ ବୋଲି କୁହାଯାଉଛି। ରୁଷିଆରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀ (ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା) ଜାତୀୟ ସୁରକ୍ଷା ପରାମର୍ଶଦାତାମାନଙ୍କ ସମ୍ମିଳନୀରେ ଡୋଭାଲ ଯୋଗଦେବେ। ଏହି ଅବସରରେ ସେ ମସ୍କୋ ଏବଂ କିଭ୍ ମଧ୍ୟରେ ଯୁଦ୍ଧ ବନ୍ଦ ପାଇଁ ଶାନ୍ତି ଆଲୋଚନାକୁ ଆଗେଇନେବା ଦିଗରେ କାର୍ଯ୍ୟ କରିବେ। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଦେଶରେ ବିଶ୍ୱାସ ଆଗ


# କୋରାପୁଟ ଜିଲାରେ ପ୍ରବଳ ବର୍ଷା

କୋରାପୁଟ/କୁନ୍ଦୁରା, ୮।୯ (ଅମିତାଭ ବେହେରା/ ସନ୍ତୋଷ ପ୍ରହରାଜ)

**ମାଛକୁଣ୍ଡ, ଜଳାପୁଟର ୫ ଗେଟ୍ ଖୋଲିଲା**

କୋରାପୁଟ ଜିଲାରେ ରବିବାର ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କୋଲାବ ନଦୀ ଫୁଲୁଥିବାରୁ କେତେକ ତଳିଆ ଅଞ୍ଚଳରେ ପାଣି ପଶିଛି। ଏଥିଯୋଗୁ ଲମତାପୁଟ ବ୍ଲକ ଅନକାଡ଼େଲିଠାରେ ଥିବା ମାଛକୁଣ୍ଡ ଡ୍ୟାମରେ ଜଳସ୍ତର ବିପଦ ସଂକେତ ଉପରେ ଥିବାରୁ ଡ୍ୟାମ୍‌ର ୨ ଗେଟ ଓ ଜଳାପୁଟରୁ ୩ ଗେଟ୍ ଏଭଳି ୫ ଗେଟ୍ ଖୋଲାଯାଇଛି। ମାଛକୁଣ୍ଡ ଡ୍ୟାମ୍‌ର ବିପଦ ସଙ୍କେତସ୍ତର ୨୫.୯୦ଫୁଟ ଥିବାବେଳେ ଜଳସ୍ତର ୨୫.୮୭ ଫୁଟ ରହିଛି। ଏହି ୨ ଗେଟ ଜରିଆରେ ପ୍ରତି ସେକେଣ୍ଡରେ ୪ ହଜାର କ୍ୟୁସେକ ଜଳ ନିଷ୍କାସନ ହେଉଥିବାବେଳେ ୪ ହଜାର କ୍ୟୁସେକ ଜଳ ଡ୍ୟାମ ଭିତରକୁ ପ୍ରବେଶ କରୁଛି। ସେହିପରି ଜଳାପୁଟ ଡ୍ୟାମ୍‌ର ବିପଦ ସଙ୍କେତସ୍ତର ୨୭୫୦ଫୁଟ ରହିଥିବା ବେଳେ ୨୭୪୯ ଫୁଟକୁ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଡ୍ୟାମ୍‌ର ୩, ୫ ଓ ୬ ନଂ ଗେଟ୍ ଖୋଲାଯାଇ ଜଳ ନିଷ୍କାସିତ ହେଉଛି। ଫଳରେ କୁନ୍ଦୁରା ବ୍ଲକର କୁରଲୁ ଓ ☞ପୃଷ୍ଠା-୪

# ଶିଶୁକନ୍ୟାଙ୍କୁ ସ୍ୱାଗତ କଲେ ଦୀପିକା, ରଣବୀର

ମୁମ୍ବାଇ, ୮।୯



ବଲିଉଡ୍‌ର ଅନ୍ୟତମ ଷ୍ଟାର ଦମ୍ପତି ଦୀପିକା ପାଦୁକୋନ ଓ ରଣବୀର ସିଂ ମାତାପିତା ହୋଇଛନ୍ତି। ରବିବାର ଦୀପିକା ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏନେଇ ଦୀପିକା ଏବଂ ରଣବୀର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଏକ ମିଳିତ ପୋଷ୍ଟ କରି ସୂଚନା ଦେଇଛନ୍ତି। ଉକ୍ତ ପୋଷ୍ଟରେ କ୍ୟାପ୍ଶନ୍‌ରେ ଲେଖାହୋଇଛି, ୨୦୨୪ ଅଗଷ୍ଟ ୮ରେ ଆମେ ଜଣେ ଶିଶୁକନ୍ୟାଙ୍କୁ ସ୍ୱାଗତ କରିଛୁ। ଏହି ପୋଷ୍ଟରେ ଆଲିଆ ଭଟ୍ଟ, ଅର୍ଜୁନ କପୁର, ଶ୍ରଦ୍ଧା କପୁର, କ୍ରିତି ସାନୋନ୍, ସୋନାକ୍ଷୀ ସିହ୍ନା, ଅନନ୍ୟା ପାଣ୍ଡେ, ସଞ୍ଜୟ କପୁରଙ୍କ ପରି ବହୁ ବଲିଉଡ୍ ତାରକା କମେଣ୍ଟ କରି ଉଭୟ ଦୀପିକା ଏବଂ ରଣବୀରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାପୂର୍ବରୁ ଶନିବାର ଗଣେଶ ଚତୁର୍ଥୀ ଅବସରରେ ମୁମ୍ବାଇର ପ୍ରସିଦ୍ଧ ସିଦ୍ଧି ବିନାୟକ ମନ୍ଦିରରେ ପହଞ୍ଚି ଉଭୟ ଦୀପିକା ☞ପୃଷ୍ଠା-୪

# ହସ୍ପିଟାଲ ବିଲ୍ ପାଇଁ ପୁଅକୁ ବିକ୍ରି

ଲକ୍ଷ୍ନୌ, ୮।୯



ଉତ୍ତରପ୍ରଦେଶର କୁଶିନଗର ଜିଲାରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ବରୱା ପଟ୍ଟି ନିବାସୀ ହରିଶ ପଟେଲ ନାମକ ଜଣେ ଦିନ ମଜୁରିଆ ନିଜ ସ୍ତ୍ରୀ ଏବଂ ନବଜାତକଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରିବା ପାଇଁ ତାଙ୍କ ୩ ବର୍ଷୀୟ ପୁଅକୁ ବିକ୍ରି କରିବାକୁ ବାଧ୍ୟ ହୋଇଥିବା ଜଣାପଡ଼ିଛି। ହରିଶ ସ୍ତ୍ରୀଙ୍କ ପ୍ରସବ ପାଇଁ ତାଙ୍କୁ କୁଶିନଗରସ୍ଥିତ ଏକ ପ୍ରାଇଭେଟ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତେବେ ସ୍ତ୍ରୀଙ୍କ ପ୍ରସବ ପରେ ସେ ହସ୍ପିଟାଲର ଫିଜ୍ ଭରିବାକୁ ନିଜର ଅସମର୍ଥତା ପ୍ରକାଶ କରିଥିଲେ। ତେଣୁ ହସ୍ପିଟାଲ କର୍ମଚାରୀମାନେ ମା' ଏବଂ ନବଜାତକଙ୍କୁ ଡିସ୍‌ଚାର୍ଜ କରିବେ ନାହିଁ ବୋଲି ହରିଶଙ୍କୁ ଧମକ ଦେଇଥିଲେ। ତେବେ ହସ୍ପିଟାଲର କିଛି କର୍ମଚାରୀ ହରିଶଙ୍କୁ ନିଜ ୩ ବର୍ଷୀୟ ପୁଅଙ୍କୁ ବିକ୍ରି କରି ଟଙ୍କା ଯୋଗାଡ଼ କରିବାକୁ ପରାମର୍ଶ ଦେଇଥିବା ପୋଲିସ କହିଛି। ସ୍ତ୍ରୀ ଓ ନବଜାତକଙ୍କୁ ଡିସ୍‌ଚାର୍ଜ କରିପାରୁ ନ ଥିବାରୁ ଶେଷରେ ହରିଶ ହତାଶ ହୋଇ ଉକ୍ତ ପରାମର୍ଶକୁ ଗ୍ରହଣ କରିଥିଲେ। ସେ ନିଜର ପୁଅଙ୍କୁ ଶୁକ୍ରବାର ଅନ୍ୟ ଏକ ଦମ୍ପତିଙ୍କୁ ବିକ୍ରି କରିଦେଇଥିଲେ। କେବଳ କିଛି ହଜାର ଟଙ୍କା ପାଇଁ ଏକ ନକଲି ପୋଷ୍ୟ ଶିଶୁ ଦସ୍ତାବିଜ୍‌ରେ ସ୍ୱାକ୍ଷର କରି ହରିଶ ତାଙ୍କ ପୁଅଙ୍କୁ ବିକ୍ରି କରିଥିବା କୁଶିନଗର ପୋଲିସ ଅଧୀକ୍ଷକ ସନ୍ତୋଷ କୁମାର ମିଶ୍ର ରବିବାର ସୂଚନା ଦେଇଛନ୍ତି। ଉକ୍ତ ଘଟଣା ଲୋକଲୋଚନକୁ ଆସିବା ପରେ ପୋଲିସ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମାମଲାରେ ୫ ଜଣଙ୍କୁ ଗିରଫ କରିଛି। ବିକ୍ରି ହୋଇଥିବା ୩ ବର୍ଷୀୟ ଶିଶୁଙ୍କୁ ହରିଶଙ୍କଠାରୁ କିଣିଥିବା ଦମ୍ପତି ଭୋଲା ଯାଦବ ଏବଂ କଳାବତୀଙ୍କୁ ପୋଲିସ ଗିରଫ କରିଛି। ସେହିପରି ଏହି ଶିଶୁ ବିକ୍ରି ମାମଲାରେ ମଧ୍ୟସ୍ଥତା କରିଥିବା ଅମରେଶ ଯାଦବ, ତାରା କୁଶୱାହା ନାମକ ଜଣେ ନକଲି ଡାକ୍ତର ଏବଂ ହସ୍ପିଟାଲର ସହାୟକ ସୁଗାନ୍ତିଙ୍କୁ ମଧ୍ୟ ରବିବାର ପୋଲିସ ଗିରଫ କରିଛି। ବିକ୍ରି ହୋଇଥିବା ୩ ବର୍ଷୀୟ ଶିଶୁଙ୍କୁ ପୋଲିସ ସୁରକ୍ଷିତ ଭାବେ ଉଦ୍ଧାର କରି ହରିଶ ଓ ତାଙ୍କ ସ୍ତ୍ରୀଙ୍କୁ ଫେରାଇଥିବା କୁଶିନଗର ଏସ୍‌ପି କହିଛନ୍ତି। ଘଟଣାର ତଦନ୍ତ ଏବେ ମଧ୍ୟ ଜାରି ରହିଛି।


DHARITRI YOUTH CONCLAVE 2024 CLIMATE CHANGE: BUILDING RESILIENCE

ଧରିତ୍ରୀ 50 Years

DHARITRI YOUTH CONCLAVE 2024

CLIMATE CHANGE : BUILDING RESILIENCE

DHARITRI CLIMATE GRANT

Inviting young people and youth organisations of Odisha deeply engaged in climate action with local communities.

Kindly send us entries of your work with simple bio description (250-300 words) and 4 high resolution photos/ a video of your climate action activities to get a chance to win the Dharitri Climate Grant.

You can also nominate someone else by following the same process.

Selected entries will be awarded the **Dharitri Climate Grant** as encouragement and impetus for their climate action work at **Dharitri Youth Conclave 2024** to be held in November at Bhubaneswar.

Chosen entries will also get invited to attend the Conclave with young climate warriors and experts in the field.

Please send details to : dharitriyouthconclave@gmail.com

Visit : www.dharitriyouthconclave.com for details

SAVE THE PLANET — CLIMATE ACTION NOW

# ସମଲେଇଙ୍କଠାରେ ନବାନ୍ନ ଭୋଗ ଅର୍ପଣ



ସମଲେଇ ପୀଠରେ ପୂଜକମାନେ ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଭୋଗ ଅର୍ପଣ କରୁଛନ୍ତି।

**ସମ୍ବଲପୁର,୮।୯(ବି.ଶଙ୍କର)**

ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ରୀତିନୀତି ଓ ପରମ୍ପରାନୁସାରେ ରବିବାର ପାଳିତ ହୋଇଛି। ସମ୍ବଲପୁର ଇଷ୍ଟଦେବୀ ସମଲେଶ୍ୱରୀ, ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ, ଝାରସୁଗୁଡ଼ାର ଇଷ୍ଟଦେବୀ ସମଲେଶ୍ୱରୀ, ବୌଦ୍ଧର ଭୈରବୀ, ବରଗଡର ସମଲେଇ, ନୂଆପଡ଼ା ଜିଲାର ଟାନୱଟ କଣାଭଇରା ଓ ସମଲେଇ, ସୁନ୍ଦରଗଡ଼ ଜିଲାର ସମଲେଇ, ଶିଖରବାସିନୀ ପୀଠରେ ଧାର୍ଯ୍ୟ ଲଗ୍ନ ଅନୁସାରେ ନବାନ୍ନ ଲାଗିଛି। ଏହି କ୍ରମରେ ସମ୍ବଲପୁର ଇଷ୍ଟଦେବୀ ସମଲେଇଙ୍କ ପୀଠରେ ରବିବାର ସକାଳ ୯ଟା ୧୨ ମିନିଟରୁ ୯ଟା ୨୭ ମଧ୍ୟରେ ପ୍ରଶସ୍ତ ତୁଳାଲଗ୍ନେ ନବାନ୍ନ ଭୋଗ ଲାଗିଛି। କ୍ଷତ୍ରୀୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ସକାଳ ୮ଟା ୩୦ରେ ଘଣ୍ଟ, ଶଙ୍ଖ ସହ ନବାନ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ନିଆଯାଇଥିଲା। ଏହାପରେ କ୍ରମାନ୍ୱୟରେ ଗଙ୍ଗାଧର ରାୟ, କୋଦଣ୍ଡ ରାୟ, ପ୍ରଶାନ୍ତ ରାୟଙ୍କ ଘରୁ ନୂଆଁଖାଇ ଭୋଗ ମନ୍ଦିରକୁ ପ୍ରବେଶ ହୋଇଥିଲା। ଘଣ୍ଟ, ଶଙ୍ଖ, ହୁଳହୁଳି ଜୟ ମା' ସମଲେଇ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ମନ୍ଦିର ପରିସର। ଅପରପକ୍ଷେ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ଉଚ୍ଚାରଣ କରି ଇଷ୍ଟଦେବୀ ମା' ସମଲେଇଙ୍କୁ ନବାନ୍ନ ଭୋଗ ଅର୍ପଣ ହୋଇଥିଲା। ନିୟମାନୁସାରେ ସକାଳ ୯ଟା ୩୦ରେ ପୂଜକମାନେ ମନ୍ଦିର ଗମ୍ଭୀରା ଭିତରୁ ବାହାରି ୧୧୫ ପାର୍ଶ୍ୱ ଦେବତାଙ୍କୁ ନୂଆଁପତ୍ରରେ ଚାଉଳ, ଘିଅ ଓ ଗୁଡ଼ରେ ପ୍ରସ୍ତୁତ ନବାନ୍ନ ଭୋଗ ଅର୍ପଣ କରିଥିଲେ। ୧୦ଟା ୫୦ରେ ମଙ୍ଗଳ ତଥା ମହାଆଳତି ଓ ମଧ୍ୟାହ୍ନ ୧୨ଟାରେ ଦେବୀଙ୍କୁ ଅନ୍ନଭୋଗ ଓ ପହଡ ନୀତି, ରାତି ୭ଟାରେ ଆଳତି, ୯ଟାରେ ଅନ୍ନଭୋଗ ସହ ୧୦ଟାରେ ମନ୍ଦିର ଦ୍ୱାର ବନ୍ଦ ହୋଇଥିଲା।

ରବିବାର ନୂଆଁଖାଇ ତିଥିରେ ପ୍ରାତଃ ୪ଟାରୁ ସମଲେଇ ମନ୍ଦିରରେ ବୁଦ୍ଧଦ୍ୱାର ନୀତି ହୋଇଥିଲା। ପୂଜକମାନେ ଦେବୀଙ୍କୁ ସମ୍ବଲପୁରୀ ପାଟବସ୍ତ୍ର ପିନ୍ଧାଇଥିଲେ। ସେହିପରି ରୌପ୍ୟ ଓ ସୁନା ଅଳଙ୍କାରରେ ଦେବୀଙ୍କୁ ସଜ୍ଜିତ କରାଯାଇଥିଲା। ସକାଳ ୭ଟା ୪୫ରେ ପୂଜକମାନେ ମନ୍ଦିର ପରିସରସ୍ଥ ୧୧୫ଟି ସ୍ଥାନରେ ବନା(ଝୋଟି) ପକାଇଥିଲେ। ପରମ୍ପରାନୁସାରେ ନୂଆଁ ଚାଉଳର ପିଠା କାକରା, ଉଖୁଡା, ଖିରି, ସାରୁ ଶାଗ ଝାଡୁଆପଡା ବେହେରା ପରିବାରଙ୍କ ଘରୁ ମନ୍ଦିରକୁ ଆସିଥିଲା। ମନ୍ଦିର ପୂଜକ ସୁଧାଂଶୁ ରାୟ, ହିମାଂଶୁ ରାୟ, ପ୍ରକାଶ ରାୟ, ସଗନ ରାୟ, ନିର୍ଭୟ ରାୟ, ଦେବେନ୍ଦ୍ର ରାୟ, ଯୋଗେନ୍ଦ୍ର ରାୟ, ସୁଶିଲ ରାୟ, ସଚିନ ରାୟ ପ୍ରମୁଖ ଦେବୀଙ୍କଠାରେ ନବାନ୍ନ ଅର୍ପଣ ବେଳେ ଉପସ୍ଥିତ ଥିଲେ।

# ସମଲେଇ ପୀଠରେ ନବାନ୍ନ ଖାଇଲେ ମୁଖ୍ୟମନ୍ତ୍ରୀ



ସମଲେଇ ମନ୍ଦିରରେ ରବିବାର ନବାନ୍ନ ଭକ୍ଷଣ କରୁଛନ୍ତି ବାମରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ।

**ସମ୍ବଲପୁର, ୮।୯ (ଭବାନୀ ଶଙ୍କର ଭୋଇ)**

ଗଣପର୍ବ ନୂଆଁଖାଇ ପାଇଁ ଚଳଚଞ୍ଚଳ ପଶ୍ଚିମ ଓଡ଼ିଶାର ପୁରପଲ୍ଲୀ। ନୂଆଁଖାଇ ଅବସରରେ ରବିବାର ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବା ସହ ମନ୍ଦିର ପରିସରରେ ଆୟୋଜିତ ନୂଆଁଖାଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ପରେ ସେ ନବାନ୍ନ ଖାଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଏସ୍‌ପି, ମହାନଗର କମିଶନର ବେଦଭୂଷଣ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ, କୃଷି ଓ କୃଷକ ବିକାଶ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରରୁ ଆସି ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ସମ୍ବଲପୁର ସର୍କିଟହାଉସ ନିଆଯାଇଥିଲା। ପରେ ସେଠାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟ ମନ୍ତ୍ରୀଙ୍କ ସହ ସେ ସମଲେଶ୍ୱରୀ ମନ୍ଦିରରେ ପହଞ୍ଚି ଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ମାଁଙ୍କ ନିକଟରେ ନୂଆଁଲାଗି ପାଇଁ ମଧ୍ୟାହ୍ନ ୧୨ଟାରୁ ୧ଟା ପର୍ଯ୍ୟନ୍ତ ଏକ ଘଣ୍ଟା ପାଇଁ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା। କଡା ସୁରକ୍ଷା ବଳୟ ଭିତରେ ମୁଖ୍ୟମନ୍ତ୍ରୀ ମା'ଙ୍କ ଦର୍ଶନ ସାରି ମନ୍ଦିର ପରିସରରେ ମା'ଙ୍କ ପ୍ରସାଦ ଏବଂ ନବାହ୍ନ ଖାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ଧର୍ମପତ୍ନୀ ଡ. ପ୍ରିୟଙ୍କା ମାର୍ଣ୍ଡି ମଧ ଉପସ୍ଥିତ ଥିଲେ।

# ଯୁବତୀଙ୍କୁ ଗଣବଳାତ୍କାର, ୪ ଗିରଫ

**ଭାପୁର,୮।୯(ରାଜକୁମାର ପ୍ରଧାନ)**

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଧୀନ ମହୁଲପୁଞ୍ଜି ଗ୍ରାମରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଦୀର୍ଘ ୭ମାସ ହେବ ସେହି ଗ୍ରାମର ୭ ଜଣ ଯୁବକ ନିୟମିତ ବଳାତ୍କାର କରିଆସୁଥିବା ବେଳେ ଏବେ ଯୁବତୀ ଜଣଙ୍କ ୭ ମାସର ଗର୍ଭବତୀ ହେବା ପରେ ଘଟଣା ପଦାକୁ ଆସିଛି। ଏ ନେଇ ଢ଼େଙ୍କାନାଳ 'ସଖୀ' ସେଣ୍ଟର ପକ୍ଷରୁ ରବିବାର ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୭୧୩/୨୪ରେ ମାମଲା ରୁଜୁ କରିଛି। ରବିବାର ଭାପୁର ପୋଲିସ ୪ ଜଣ ଯୁବକଙ୍କୁ ଗିରଫ କରି ସଦର ଥାନା ପୋଲିସକୁ ହସ୍ତାନ୍ତର କରିଛି। ସେମାନଙ୍କୁ ପଚରାଉଚରା ଜାରି ରହିଛି। ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ବାବୁଲି ନାୟକ, ବିରଞ୍ଚି ମହାରଣା, ଅବିନାଶ ପରିଡ଼ା ଓ ଜୀବନ ପରିଡ଼ା।

ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ବାପା ଘରଜ୍ୱାଇଁ ହୋଇ ଶ୍ୱଶୁର ଘରେ ରହୁଥିଲେ। ୧୮ ବର୍ଷ ପୂର୍ବରୁ ମା'ଙ୍କ ମୃତ୍ୟୁ ପରେ ସମ୍ପର୍କୀୟ ଜମିବାଡ଼ି ଛଡ଼ାଇନେଲେ। ବାପା କୌଣସି ଚାପରେ ପଡ଼ି ମାନସିକ ବିକାରଗ୍ରସ୍ତ ହୋଇଗଲେ। ଭାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। କିଛିବର୍ଷ ହେଲା ବାପାଙ୍କୁ ନେଇ ପୀଡ଼ିତା ଗ୍ରାମରେ ଥିବା ଏକ ପରିତ୍ୟକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ରହିଆସୁଥିଲେ, ଯାହାର କବାଟ ଭିତରପଟୁ ବନ୍ଦ ହେଉ ନ ଥିଲା। ମାନସିକ ବିକୃତ କାରଣରୁ ରାତି ହେଲେ ବାପା ନିଶାଗ୍ରସ୍ତ ହୋଇ ଶୋଇପଡୁଥିଲେ। ଏହି ସୁଯୋଗରେ ଗ୍ରାମର ଉକ୍ତ ଯୁବକମାନେ ରାତି ୧୦ଟା ପରେ ଘରକୁ ଆସୁଥିଲେ। ଯୁବତୀଙ୍କୁ ଛାତ ଉପରକୁ ଟେକିନେଇ ଗଣବଳାତ୍କାର କରୁଥିଲେ। ପ୍ରାୟ ୭/୮ମାସ ହେଲା ନିୟମିତ ତାଙ୍କୁ ଗଣବଳାତ୍କାର କରିଆସୁଥିଲେ। ଏହି ଘଟଣା ଗ୍ରାମର କିଛି ବ୍ୟକ୍ତି ଜାଣିଥିଲେ ସୁଦ୍ଧା କେହି ମୁହଁ ଖୋଲୁ ନ ଥିଲେ। ସେ ୭ମାସର ଗର୍ଭବତୀ ହୋଇଥିବା ଜଣାପଡ଼ିବା ପରେ ଗୁରୁବାର 'ସଖୀ' ସେଣ୍ଟର ପକ୍ଷରୁ ଯୁବତୀଙ୍କୁ ଉଦ୍ଧାର କରାଯାଇ ସୁଧାର ଗୃହକୁ ପଠାଇ ଦିଆଯାଇଛି।

# ହୃଦୟ ଛୁଇଁଲା ଅମ୍ବି, ବିନ୍ଦୁ ସୁବ୍ରମଣ୍ୟମ୍‌ଙ୍କ ମ୍ୟୁଜିକାଲ ଫ୍ୟୁଜନ



୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ରବିବାର ଚତୁର୍ଥ ସନ୍ଧ୍ୟାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡିଜିପି ୱାଇ.ବି. ଖୁରାନିଆ, ସଙ୍ଗୀତଜ୍ଞ ବିନ୍ଦୁ ସୁବ୍ରମଣ୍ୟମ୍ ଓ ଅମ୍ବି ସୁବ୍ରମଣ୍ୟମଙ୍କ ସହ ଅନ୍ୟମାନେ।

**୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଚତୁର୍ଥ ସନ୍ଧ୍ୟା**

**ଭୁବନେଶ୍ୱର,୮।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ସୃଜନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ଆରମ୍ଭରୁ ଦୁଇ ବିଶିଷ୍ଟ ସଙ୍ଗୀତଜ୍ଞ ଅମ୍ବି ଓ ବିନ୍ଦୁସୁବ୍ରମଣ୍ୟମ୍‌ଏବଂ ତାଙ୍କ ସୁବ୍ରମାନିଆ ମ୍ୟୁଜିକ୍ ଏନ୍ସେମ୍ବଲର ଏକ ଆକର୍ଷଣୀୟ ବାଦ୍ୟ ସଞ୍ଚାଳନ (ମ୍ୟୁଜିକାଲ ଫ୍ୟୁଜନ) ପ୍ରେକ୍ଷାଳୟ ପରିବେଶକୁ ଉତ୍ସବମୁଖର କରିଦେଇଥିଲା। ବେହେଲାରେ ଅମ୍ବି ସୁବ୍ରମଣ୍ୟମ୍, କଣ୍ଠରେ ବିନ୍ଦୁସୁବ୍ରମଣ୍ୟମ୍, କି-ବୋର୍ଡରେ ଫ୍ରିଜୋ ଫ୍ରାନ୍ସିସ, ମୃଦଙ୍ଗମ୍‌ରେ ଅନିରୁଦ୍ଧ ଭଟ୍ଟ, ଗିଟାରରେ ପ୍ରଶାନ୍ତ ଗଣାମୁଥୁ ଏବଂ ଡ୍ରମ୍‌ରେ କାର୍ତ୍ତିକ ମଣିଙ୍କ ସମସାମୟିକ ଅନ୍ତର୍ଜାତୀୟ ସଙ୍ଗୀତ ସହିତ ପାରମ୍ପରିକ ଭାରତୀୟ ସଙ୍ଗୀତର ମିଶ୍ରଣ ଶ୍ରୋତାଙ୍କ ହୃଦୟକୁ ଛୁଇଁଥିଲା। ବାଦ୍ୟଯନ୍ତ୍ର ମୃଦଙ୍ଗମ୍, ଡ୍ରମ୍ ଓ ବେହେଲାକୁ ବ୍ୟବହାର କରି ଏକ ନିଆରା ସଙ୍ଗୀତ ପରିବେଷଣ ସହିତ ଅମ୍ବି ସୁବ୍ରମଣ୍ୟମ ବିଭିନ୍ନ ଧ୍ୱନି, ସ୍ୱର ଓ କଣ୍ଠର ଏକ ଅନନ୍ୟ ମିଶ୍ରଣ ଉପସ୍ଥାପନ କରିଥିଲେ।

ସମ୍ମାନିତ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ପୋଲିସ ମହାନିର୍ଦ୍ଦେଶକ ତଥା ଓଡ଼ିଶା ପୋଲିସ ଫୋର୍ସର ମୁଖ୍ୟ ୱାଇ.ବି. ଖୁରାନିଆ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ତଥା ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିଜ ଷ୍ଟଡିଜ ଅଧ୍ୟାପକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଗୁରୁ ରତିକାନ୍ତ ମହାପାତ୍ର ଉତ୍ସବଟିର ପରିକଳ୍ପନା ଓ କାର୍ଯ୍ୟକାରୀ କରିଥିବାବେଳେ ଦେବୀପ୍ରସାଦ ମିଶ୍ର ସହଯୋଗ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଉତ୍ସବର ମିଡିଆ ପାର୍ଟନର ରହିଛି।






# ବର୍ଷା: ୨ଦିନ ୫ ଜିଲାକୁ ରେଡ୍ ୱାର୍ନିଂ

**ଭୁବନେଶ୍ୱର,୮।୯ (ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ରବିବାର ଅବପାତରେ ପରିଣତ ହୋଇଛି। ଏହା ଗୋପାଳପୁରଠାରୁ ୨୬୦ କିଲୋମିଟର ଦୂରରେ ରହିଥିବାବେଳେ ସୋମବାର ଗଭୀର ଅବପାତ ରୂପ ନେବ। ଫଳରେ ଆସନ୍ତା ୧୧ ଯାଏ କେତେକ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ପୁରୀ ଆଦି ଜିଲା ପାଇଁ ସୋମବାର ଅରେଞ୍ଜ ୱାର୍ନିଂ ରହିଛି। ସେହିପରି ସୋମବାର ଓ ମଙ୍ଗଳବାର ପାଇଁ ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ ଓ ଢ଼େଙ୍କାନାଳ ଜିଲାର କେତେକ ସ୍ଥାନରେ ବର୍ଷା ନେଇ ରେଡ୍ ୱାର୍ନିଂ ରହିଛି। ଏଥିସହ ଖୋର୍ଦ୍ଧା, ନୟାଗଡ଼, କଟକ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ସମ୍ବଲପୁର, ବରଗଡ଼ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ୪୪ତମ ମହାବିଶ୍ରାମ ଦିବସ, ସ୍ଥାନ: ରାଜଧାନୀ ହସ୍ପିଟାଲ ନିକଟ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ନବାନ୍ନଭକ୍ଷଣ ମହୋତ୍ସବ, ସ୍ଥାନ: ସତ୍ୟ ମହିମା ଆଶ୍ରମ, ଦାରୁଠେଙ୍ଗ, ସମୟ: ସକାଳ ୯ଟା।
- 'ଶ୍ରେଷ୍ଠ ଓଡ଼ିଆ ଗଳ୍ପ ୨୦୨୨' ଓ 'ଓଡ଼ିଆ ପ୍ରକାଶନ ୨୦୨୩'ର ପାଠକାର୍ପଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ଉତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ପକ୍ଷରୁ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସକାଳ ୯ଟା।
- ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଶ୍ରୀରାଧା ସାଂସ୍କୃତିକ ମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା। ଚିତ୍ରକଳା, ନୃତ୍ୟ, ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ସାଂସ୍କୃତିକ ମଞ୍ଚ, ସମୟ: ଅପରାହ୍ନ ୫ଟା।
- ଶ୍ରୀରାଧା ଜନ୍ମ ମହୋତ୍ସବ ସାଂସ୍କୃତିକ ମଞ୍ଚ ଉଦ୍‌ଘାଟନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ମା' ଜାଗୁଲେଇ ଦେବୀଙ୍କ ଦାଦଶ ଦିନାତ୍ମକ କାଠିଯାତ୍ରା ଆରମ୍ଭ, ସ୍ଥାନ: ଅଳଗୁମସ୍ଥିତ ଗତୀଶ୍ୱର ଦେବଙ୍କ ବେଢ଼ା, ସମୟ: ରାତି ୮ଟା।

## ବାଲେଶ୍ୱର

- ରକ୍ତଦାନ ଶିବିର,ସ୍ଥାନ:ବଡ଼ଖୁଡ଼ି, ବସ୍ତା,ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବାହାଘଯତୀନଙ୍କ ୧୦୯ତମ ସ୍ମୃତି ଦିବସ ଉଦ୍‌ଘାଟନୀ ଉତ୍ସବ ଓ ଜାତୀୟ ପତାକା ଉତ୍ତୋଳନ ଏବଂ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ,ସମୟ: ପୂର୍ବାହ୍ନ ୧୦ଟା୩୦। ବକ୍ତୃତା, ଦେଶାତ୍ମବୋଧ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଚଷାଖଣ୍ଡ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ସୁଭଦ୍ରା ରଥ ପରିକ୍ରମା, ସ୍ଥାନ: ଚୁଡ଼ାମଣି, ଶାଶୁଭୁଆଶୁଣୀ, କିଷ୍ଣତକୃଷ୍ଣପୁର, ସାନକୃଷ୍ଣପୁର, ବିରସ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ମତୋ ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ସଚେତନତା ରଥ ପରିକ୍ରମା, ସ୍ଥାନ: କାଦବରାଙ୍ଗ, ବଡ଼ବର୍ଢ଼କର୍ୟାଁ, ବଡ଼ମହିଁଷଗୋଠ, ଅଣିଜୋ, ଚାରିଗାଁ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଧୁମିଳନ, ସ୍ଥାନ: କୁଆଁସ ସିଦ୍ଧି ବିନାୟକ ମନ୍ଦିର, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ବିଭିନ୍ନ ଶୈବ ମନ୍ଦିରରେ ସୋମନାଥ ବ୍ରତଧାରୀଙ୍କ ମାନସିକ ପୂଜା, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୬ ଟା।
- ବିଭିନ୍ନ ମନ୍ଦିରରେ ପୁତ୍ର ଏବଂ କନ୍ୟାଙ୍କ ଆୟୁ ବୃଦ୍ଧି ନିମନ୍ତେ ମା' ମାନଙ୍କର ଷଷ୍ଠୀ ଓଷା ପାଳନ ଏବଂ ପୂଜା, ସ୍ଥାନ: ହାଟଡିହୀ, ସମୟ: ସକାଳ ୭ ଟା।
- ଗଣେଶ ପୂଜା ଉପଲକ୍ଷେ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମରଚାଇପଦା, ଗୋପାଳପୁର, ଶାଳନିଆଁ, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ଏକଲବ୍ୟ ବିଦ୍ୟାଳୟକୁ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ,
- ସ୍ଥାନ:ଜାମଦା ଏକଲବ୍ୟ ବିଦ୍ୟାଳୟ, ବରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭିନ୍ନକ୍ଷମ ସହାୟକ ଯନ୍ତ୍ର ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ତିରିଂ ବ୍ଲକ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ଶ୍ରୀ ଶ୍ରୀ ପୂର୍ଣ୍ଣେଶ୍ୱର ମନ୍ଦିର କମିଟି, କରଞ୍ଜିଆ, ସମୟ: ଅପରାହ୍ନ ୨ ଟା।
- ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ଫୁଟବଲ ଟୁର୍ନାମେଣ୍ଟର ଉଦଘାଟନ,
- ସ୍ଥାନ: ଭଞ୍ଜାବେଡା ଫୁଟବଲ ପଡିଆ ରରୁଆଁ ବ୍ଲକ, ସମୟ: ଅପରାହ୍ନ ୪ ଟା ୩୦।

## ବ୍ରହ୍ମପୁର

- ଦକ୍ଷିଣ ଓଡିଶାର ବିକାଶ ନେଇ ଗଣଧାରଣା,ସ୍ଥାନ: ବ୍ରହ୍ମପୁର ରେଳ ଷ୍ଟେଶନ,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଭାଜପାର ସଦସ୍ୟତା ଅଭିଯାନ, ସ୍ଥାନ: ବୁଗୁଡ଼ା ବସ୍‌ଷ୍ଟାଣ୍ଡ ସଙ୍ଗମ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ବେକାରୀଙ୍କ ପାଇଁ ଦକ୍ଷତା ବିକାଶ ଓ କୌଶଳ ରଥର ଶୁଭାରମ୍ଭ, ସ୍ଥାନ: ସରକାରୀ ଆଇଟିଆଇ କେନ୍ଦ୍ର, ନୂଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଦେଶୀୟ ପକ୍ଷୀ ଗଣନା, ସ୍ଥାନ: ଭିତରକନିକା, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: କଳସପୁର ପଞ୍ଚାୟତ କାର୍ଯ୍ୟାଳୟ, ଆଳି, ବଡମୂଳବସନ୍ତ ପଞ୍ଚାୟତ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ବଡ଼ବାରଙ୍ଗ ସ୍କୁଲ ଛକ, କେନ୍ଦ୍ରାପଡ଼ା ପୌରାଞ୍ଚଳ, ଓସ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ଗରଦପୁର ବ୍ଲକ କାର୍ଯ୍ୟାଳୟ, ଶିଳିପୁର ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ପକ୍ଷୋଟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜାରକା ଗଣେଶ ପୂଜା କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଧର୍ମଶାଳା ବ୍ଲକର ଜାରକାସ୍ଥିତ ଗଣେଶ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଷଷ୍ଠୀ ଓଷା ପର୍ବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ସିଦ୍ଧମୂଳାସ୍ଥିତ ଗୋକୁଳାନନ୍ଦଙ୍କ ପୀଠ, ସମୟ: ସକାଳ ସାଢ଼େ ୭ଟା।

## ସୁବର୍ଣ୍ଣପୁର

- ତରଭା ପୌର୍ଣ୍ଣମାସୀ କ୍ଲବ ପକ୍ଷରୁ ସୁନାରିପଡାରେ ନୂଆଁଖାଇ ଭେଟ୍‌ଘାଟ ଅବସରରେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ରାଧାକୃଷ୍ଣ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବଡଦାଣ୍ଡ ଛକ, ସରଗିବାହାଲ, ପଦ୍ମପୁର, ସମୟ: ସକାଳ ୯ଟା ୩୦।
- ନୂଆଁଖାଇ ଭେଟଘାଟ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ସନ୍ଧ୍ୟା ୭ଟା ୩୦।

## ରାଉରକେଲା

- ଖୁଦୁରୁକୁଣୀ ମେଳଣକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା କ୍ଲବ, ସେକ୍ଟର-୧୯, ସମୟ: ପୂର୍ବାହ୍ନ ୧୦ଟା ।
- ଆମ୍ ଆଦ୍‌ମୀ ପାର୍ଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଏମ୍-୨୭, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନୂଆଁଖାଇ ଉତ୍ସବ, ସ୍ଥାନ: ଧାମରା ସଂଘ, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼

- ଶ୍ରୀଶ୍ରୀ ଗଣେଶ ପୂଜାରମ୍ଭ, ସ୍ଥାନ: ଗଣେଶ ପୂଜା ମଣ୍ଡପ, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ, ଲୋକସାତ୍ର କଳା ପରିଷଦ କଟକ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ ସମ୍ବଲପୁରୀ ଲୋକନୃତ୍ୟ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ ମେଲଡ଼ି ଧୁମ ମ୍ୟୁଜିକ୍, ବାଲେଶ୍ୱର, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ରାତି ୮ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ' ଅପେରା ଯାତ୍ରା, ଯାଜ୍ଞସିନି, ସ୍ଥାନ: ପ୍ରଧାନପାଟ ରୋଡ଼, ବଡବଗିଚା, ସମୟ: ରାତ୍ରି ୧୧ଟା।

## ବୌଦ୍ଧ

- ନୂଆଁଖାଇ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ମାଉସୀ ମା' ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- କୁନି ପିଲାଙ୍କ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ଉପଲକ୍ଷେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ହାଉସିଂ ବୋର୍ଡ କଲୋନୀ, ରାୟଗଡା, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଡ. ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳନ, ସ୍ଥାନ: ପୌର କାର୍ଯ୍ୟାଳୟ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- କୋରାପୁଟରେ ସହୀଦ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ : ସହୀଦ ଯୀଶୁଦାନ ଖୋସଲା ପାର୍କ, କୋରାପୁଟ, ସମୟ : ପୂର୍ବାହ୍ନ ୧୧ଟା।

# ପ୍ରଥମ ପୃଷ୍ଠାରୁ...

## କୋରାପୁଟ ଜିଲାରେ ...

ବିରି ନଦୀ ମଧ୍ୟ ଫୁଲୁଛି। ଫଳରେ କୁନ୍ଦୁରା ଦୀଗାପୁରଠାରୁ ଘୁମରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବର୍ଷା ପ୍ରଭାବରେ କୁନ୍ଦୁରା ଓ କୋଟପାଡ ବ୍ଲକରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। କେତେକ ସ୍ଥାନରେ ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ବୈପାରୀଗୁଡା ବ୍ଲକରେ ସର୍ବାଧିକ ୧୭୦ ମି.ମି.ବର୍ଷା ହୋଇଛି। ବୈପାରୀଗୁଡା ଓ କୁନ୍ଦୁରା ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଜିଲା ଜରୁରିକଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ସେହିପରି କୋରାପୁଟ-ରାୟଗଡା ରାସ୍ତାର ବଙ୍ଗଳାଗୁଡାନ୍‌ଠାରେ ଥିବା ଏକ ବ୍ରିଜ ଉପରେ ବର୍ଷା ଜଳ ପ୍ରବାହିତ ହେବାରୁ ରାସ୍ତାର ୨ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ଜିଲାରେ ୫୫୮.୩ ମି.ମି.ବର୍ଷା ହୋଇଥିବା ସୂଚନା ମିଳିଛି। ବୈପାରୀଗୁଡା ବ୍ଲକରେ ସର୍ବାଧିକ ୧୭୦ ମି.ମି. ଓ ଜୟପୁର ବ୍ଲକରେ ୧୨୦ ମି.ମି. ବର୍ଷା ହୋଇଛି।



କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ବିରୀ ନଦୀ ପୋଲ ଉପରେ ୩ ଫୁଟ୍‌ର ବର୍ଷାଜଳ ପ୍ରବାହିତ ହେଉଛି।

## ୪୬ ଲକ୍ଷ ଚାଷୀଙ୍କୁ ...

ନିଶ୍ଚିତ ରୂପେ ସହାୟତା କରିବ। ରବିଋତୁରେ ୯୨୫ କୋଟିରୁ ଅଧିକଟଙ୍କା ବିନିଯୋଗ ମାଧ୍ୟମରେ ରାଜ୍ୟର ୪୫,୫୭,୭୩୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୯,୩୦୩ ଭୂମିହୀନ କୃଷି ପରିବାର ଏହା ମାଧ୍ୟମରେ ଉପକୃତ ହେବେ। ସିଏମ୍ କିଷାନର ଏହି ସହାୟତା ରାଶି ଉଭୟ ଖରିଫ ଓ ରବି ଋତୁ ପାଇଁ ୨ଟି କିସ୍ତିରେ ସମୁଦାୟ ୪ ହଜାର ଟଙ୍କା ପ୍ରଦାନ କରାଯିବ। ସିଏମ୍ କିଷାନ ଯୋଜନାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପିଲାମାନଙ୍କ ବୈଷୟିକ ଉଚ୍ଚଶିକ୍ଷା ନିମନ୍ତେ କୃଷି ବିଦ୍ୟାନିଧି ଯୋଜନାରେ ୨ ଲକ୍ଷ ଟଙ୍କା ଛାତ୍ର ବୃତ୍ତିର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ର ଆହୁରି କହିଛନ୍ତି, କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କୃଷକ କଲ୍ୟାଣକାରୀ ଯୋଜନା ପିଏମ୍ କିଷାନ ଯୋଜନାରେ ଭୂମିଧାରୀ ଚାଷୀଙ୍କ ପାଇଁ ୩ଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିରେ ସିଏମ୍ କିଷାନ ଯୋଡ଼ି ହୋଇଗଲେ ଚାଷୀଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ମିଳିବ। ଏହି ଯୋଜନାର ହିତାଧିକାରୀ ଚୟନ ପ୍ରକ୍ରିୟା କାର୍ଯ୍ୟକୁ ୨ ମାସ ବୃଦ୍ଧି କରାଯାଇ ନଭେମ୍ବର ୮ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟରେ ନାମ ପଞ୍ଜୀକରଣ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ କୃଷକମାନେ ଜନସେବା କେନ୍ଦ୍ର ମାଧ୍ୟମରେ ନିଃଶୁଳ୍କ ଭାବେ ସମ୍ପାଦନ କରିପାରିବେ। ଲୋକାର୍ପିତ ହୋଇଥିବା ସିଏମ୍ କିଷାନ ପୋର୍ଟାଲ ମାଧ୍ୟମରେ ଉଭୟ ସିଏମ୍ କିଷାନ ଓ ପିଏମ୍ କିଷାନ ଅନ୍‌ଲାଇନ କାର୍ଯ୍ୟ ସମ୍ପାଦିତ ହେବ। ରାଜ୍ୟର ସମସ୍ତ ଚାଷୀଙ୍କ ସୁବିଧା ପାଇଁ ବର୍ତ୍ତମାନଠାରୁ କୃଷକ ଓଡ଼ିଶା ୟୁନିଫାଏଡ ପୋର୍ଟାଲର ବ୍ୟବସ୍ଥା କରାଯାଇଛି। ଏହା ମାଧ୍ୟମରେ ଚାଷୀମାନେ ବିଭିନ୍ନ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ସମ୍ବନ୍ଧୀୟ ପ୍ରଚଳିତ ସରକାରୀ ଯୋଜନା ବିଷୟରେ ତଥ୍ୟ ଜାଣିପାରିବା ସହିତ ଏଥିରୁ ମିଳୁଥିବା ସୁବିଧା ପାଇଁ ମଧ୍ୟ ଆବେଦନ କରିପାରିବେ। ରାଜ୍ୟର ଚାଷୀଙ୍କ ଧାନ ଚାଷରେ ହେଉଥିବା କ୍ଷତିକୁ ଭରଣା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷକ ସମୃଦ୍ଧି ଯୋଜନା ପ୍ରଚଳନ କରାଯାଇଛି। ଏହି ଯୋଜନାରେ ଧାନ ସଂଗ୍ରହ ମୂଲ୍ୟରେ ୮୦୦ ଟଙ୍କା ବୃଦ୍ଧି କରାଯାଇ କୁଇଣ୍ଟାଲ ପିଛା ସଂଗ୍ରହ ମୂଲ୍ୟ ୨୩୦୦ ଟଙ୍କାରୁ ୩୧୦୦ଟଙ୍କା ଧାର୍ଯ୍ୟ କରାଯାଇଛି। କୃଷିଜାତ ସାମଗ୍ରୀର ଅଭାବୀ ବିକ୍ରିକୁ ରୋକିବା ପାଇଁ ରାଜ୍ୟର ପ୍ରତି ସବଡିଭିଜନରେ ଶୀତଳଭଣ୍ଡାର ବ୍ୟବସ୍ଥା କରାଯାଉଛି। ହୀରାକୁଦ କମାଣ୍ଡ ଏରିଆରେ ଜଳସେଚନ ସୁବିଧା ନିମନ୍ତେ ୮୫୫ କୋଟି ଟଙ୍କାର ବ୍ୟୟ ଅଟକଳ କ୍ୟାବିନେଟରେ ମଞ୍ଜୁର ହୋଇଛି। ଏହାସହ ସମ୍ବଲପୁରବାସୀଙ୍କ ଦୀର୍ଘଦିନର ଦାବିଥିବା ୨ୟ ଏମ୍ସ ସ୍ଥାପନକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କ ପାଖରେ ଆମେ ଦାବି ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆମ ସରକାରଙ୍କ ପ୍ରାଥମିକତାରେ ଚାଷୀ, ମହିଳା, ଅନୁସୂଚିତ ଜାତି ଏବଂ ଜନଜାତି ରହିଛନ୍ତି। ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି। ଶାସନକୁ ଆସିବାର ଶହେ ଦିନ ମଧ୍ୟରେ ସନ୍ତୁଳିତ ବିକାଶକୁ ଦୃଷ୍ଟିରେ ରଖି ହୀରାକୁଦ ଆୟକଟ୍ ଅଞ୍ଚଳର ସବୁ ଜାଗାକୁ ୯୦୦ କୋଟି ଟଙ୍କା ବିନିଯୋଗରେ ଜଳସେଚନ ସୁବିଧା କରିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟତମ ଅତିଥି ଭାବେ ଆଭାସୀ ମାଧ୍ୟମରେ ପାଟଣାଗଡ଼ରୁ ଯୋଡ଼ିହୋଇ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି, ନୂଆଁଖାଇ ଓ ଅକ୍ଷୟତୃତୀୟା ତିଥିରେ ଦୁଇଟି କିସ୍ତି ଜରିଆରେ ସିଏମ୍ କିଷାନ ସହାୟତା ପ୍ରଦାନ କରାଯିବ। ଚାଷୀଙ୍କୁ ସେମାନଙ୍କ ଅଧିକାର ଯୋଗାଇଦେବା ଲାଗି ଆମେ ସମସ୍ତେ ଉଦ୍ୟମ କଲେ ସେମାନେ ନିଶ୍ଚିତ ରୂପେ ଆଗକୁ ବଢ଼ିବେ ବୋଲି ସେ କହିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସମ୍ବଲପୁର ପାଇଁ ଏକ ଗୌରବର ଦିନ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆରଡିସି ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ। ପୁରୀରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ବିଭିନ୍ନ ଜିଲାରୁ ମନ୍ତ୍ରୀ, ସାଂସଦ ଏବଂ ବିଧାୟକଙ୍କ ସହିତ ଲୋକସେବା ଭବନରୁ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଛନ୍ତି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଧନ୍ୟବାଦ ଜଣାଇଛନ୍ତି।

## ସରୁନି ତଦନ୍ତ, ହେଉନି ...

ବନ୍ଦର ବର୍ଥରେ ଥିବା ବେଳେ ଲୁହାପଥର ବୋଝେଇ ହେଉଥିଲା। ୨୩୮୪୭ ମେଟ୍ରିକ୍ ଟନ୍ ପଣ୍ୟ ବୋଝେଇ ହୋଇଥିବାବେଳେ ଜାହାଜର କ୍ୟାପ୍‌ଟେନ୍ ପଣ୍ୟ ବୋଝେଇ ପାଇଁ ମନା କରିଥିଲେ। କାରଣ ବୋଝେଇ ହେଉଥିବା ଲୁହାପଥର ବର୍ଷାପାଣିରେ ଓଦା ହୋଇଥିଲା। ଜାହାଜର ଖଣି (ହାର୍ଜ)ରେ ତାହା ପଙ୍କ ଭଳି ଅଣେଇ ହେଉଥିଲା। ଓଦା ଲୁହାପଥର ଶୁଖାଇ ଜାହାଜରେ ବୋଝେଇ କରିବା ସମୟସାପେକ୍ଷ ଥିବାରୁ ସେତେବେଳେ ବନ୍ଦର ପ୍ରଶାସନ ପକ୍ଷରୁ ଜାହାଜ ବର୍ଥ ଛାଡିବା ପାଇଁ କୁହାଯାଇଥିଲା। ଆଙ୍କରେଜ୍ ଏରିଆରେ ଓଦା ଲୁହାପଥର ଶୁଖାଇବା ସହଜ ହୋଇଥାନ୍ତା ବୋଲି ସେତେବେଳେ କୁହାଯାଇଥିଲା। ଜାହାଜ ବର୍ଥ ଛାଡ଼ିବା ପୂର୍ବରୁ ଯେମିତି କାଗଜପତ୍ର କରାଯିବା କଥା ସେତେବେଳେ ତାହା ହୋଇ ନ ଥିଲା। ସନ୍ଧ୍ୟାରେ ଜାହାଜ ଆଙ୍କରେଜ ଏରିଆରେ ଧୀରେ ଧୀରେ ଅଣେଇ ହୋଇ ବୁଡ଼ିଯାଇଥିଲା। ସେତେବେଳେ ଜାହାଜରେ ଥିବା ୨୭ ଜଣ ନାବିକଙ୍କ ମଧ୍ୟରୁ ୨୬ ଜଣଙ୍କୁ ପାରାଦୀପ ବନ୍ଦର ମେରାଇନ ବିଭାଗର ଟଗ୍ ବୋଟ୍ ଉଦ୍ଧାର କରିଥିଲା। ଜାହାଜର ମୁଖ୍ୟ ଯନ୍ତ୍ରୀ ରୁଷିଆର ଆଲେକଜାଣ୍ଡାର ୟୁଲୋଶ୍ଚେଙ୍କୋ କ୍ୟାବିନ ଭିତରେ ରହିଯାଇଥିଲେ। ଜାହାଜ ବୁଡିବାର ୮ ଦିନ ପରେ ତାଙ୍କ ମୃତଦେହ ବାହାର କରାଯାଇଥିଲା। ୧୦ ଦିନ ପରେ ଜାହାଜରେ ଥିବା ୪୨୦୦ କେଏଲ ଇନ୍ଧନ, ୯୨୦ ମେଟ୍ରିକ୍ ଟନ୍ ଫର୍ନେଶ ଅଏଲ୍ ନିର୍ଗତ ହୋଇ ସମୁଦ୍ର ପାଣିରେ ଭାସିଥିଲା। ସେତେବେଳେ ପାରାଦୀପ ବନ୍ଦର ଜାହାଜରେ ଥିବା ତେଲକୁ ବାହାର କରିଥିଲା। ମୃତଦେହ ବାହାର କରିବା ଓ ତେଲ ନିଷ୍କାସନ କରିବା ପାଇଁ ଆମେରିକାର ଏକ ସଂସ୍ଥାକୁ ନିୟୋଜିତ କରିଥିଲା। ଏସବୁ କାମ ପାଇଁ ସେତେବେଳେ ପ୍ରାୟ ୪୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିଲା। ଏହି ଘଟଣାରେ ପ୍ରଥମେ ନେହେରୁ ବଙ୍ଗଳା ମେରାଇନ୍ ପୋଲିସ ମାମଲା (ନଂ.୨୬/୯) ରୁଜୁ କରିଥିଲା। ପରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ସେତେବେଳେ ଏହି ଘଟଣାକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ହାଇକୋର୍ଟରେ ୨ଟି ମାମଲା ମଧ୍ୟ ହୋଇଥିଲା। ତଦନ୍ତବେଳେ ଜଣାପଡ଼ିଥିଲା, ସମ୍ପୃକ୍ତ ବ୍ଲାକ୍‌ରୋଜ୍ ଜାହାଜର ଫିଟ୍‌ନେସ୍ ନ ଥିଲା। କାରଣ ଗୋଟିଏ ଜାହାଜ ୨୫ ବର୍ଷ ସମୁଦ୍ରରେ ରହିବା ପରେ ଅଯୋଗ୍ୟ ହୋଇଥାଏ। ପରେ ଏମ୍ଏମ୍‌ଡି (ମେରାଇନ୍ ମର୍କଣ୍ଟାଇଲ ଡିପାର୍ଟମେଣ୍ଟ)ଯାଞ୍ଚ ପରେ କେତେବର୍ଷ ପାଇଁ ଜାହାଜ ଚଳାଚଳ କରିବା ସକ୍ଷମ ରିପୋର୍ଟ ଦେବା ପରେ ଏହା ଚାଲିବା କଥା। ଏପରି କାଗଜପତ୍ର ଠିକ ନ ଥିବା ଜାହାଜକୁ କିପରି ପ୍ରବେଶ ପାଇଁ କ୍ଲିୟରାନ୍ସ ଦିଆଗଲା ତାହା ଏପର୍ଯ୍ୟନ୍ତ ଅସମାହିତ ହୋଇ ରହିଛି। ଜାହାଜ ଏଜେଣ୍ଟ କମ୍ପାନୀକୁ ସେତେବେଳେ କଳାତାଲିକାଭୁକ୍ତ କରାଯାଇଥିଲା। ସେହି କମ୍ପାନୀ ଏବେବି ନାମ ବଦଳାଇ କାମ କରୁଛି। ଉକ୍ତ ଜାହାଜ ଭାରତରୁ ଚାଇନା ଯିବାର ଥିଲା। ବିନା କାଗଜପତ୍ରରେ ୫ ବର୍ଷ ଧରି ବିଶ୍ୱର ବିଭିନ୍ନ ଦେଶକୁ ଯାଇଥିଲା। ଆଇଏମ୍‌ଓ (ଇଣ୍ଟରନ୍ୟାଶନାଲ ମାରିଟାଇମ ଅର୍ଗାନାଇଜେଶନ)ଏ ବିଷୟରେ କିପରି ଯାଞ୍ଚ କରି ନ ଥିଲା ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି।

ଜାହାଜରେ ଯେଉଁ ଲୁହାପଥର ବୋଝେଇ କରାଯାଇଥିଲା, ତାହା ୩ ରପ୍ତାନିକାରୀ ସଂସ୍ଥାର ଥିଲା। ସେତେବେଳେ ଅଧିକ ଲୁହାପଥର ଚାଇନା ଯାଉଥିଲା। ଅନେକ ସଂସ୍ଥା ରପ୍ତାନିକରୁଥିଲେ। ସେହି ରପ୍ତାନିକାରୀ ସଂସ୍ଥାର ରାଜନୈତିକ ସଂପୃକ୍ତି ଥିବା ଅଭିଯୋଗ ହେଉଛି। ସିବିଆଇ ତଦନ୍ତ ପାଇଁ ପାରାଦୀପ ବନ୍ଦର ପ୍ରଶାସନ ୨୦୧୮ରେ ସୁପାରିସ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ହୋଇନାହିଁ। ସବୁ ତଦନ୍ତ ସତ୍ତ୍ୱେ ଏପର୍ଯ୍ୟନ୍ତ ଜାହାଜ ମାଲିକ ସି କେକ୍‌ଙ୍କୁ ଭାରତ ସରକାର ଆଣିପାରିନାହାନ୍ତି। ଯେଉଁ ଜାଗାରେ ଜାହାଜ ବୁଡିଛି ସେଠାରେ ଅନ୍ୟ ଜାହାଜ ପାଇଁ ବିପଦ ହୋଇପାରେ ବୋଲି କୁହାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ସେମିତି ଘଟିନାହିଁ। କିନ୍ତୁ ୨-୩ ଥର ମାଛଧରା ବୋଟ୍ ବାଡ଼େଇ ହୋଇଛି। ଅଗଷ୍ଟରେ କୋଲ୍‌କାତାରୁ ପୋର୍ଟବ୍ଲେୟାର ଯାଉଥିବା ଏକ ଭାରତୀୟ ଜାହାଜ ବୁଡ଼ିଯାଇଛି। ସେଥିରେ ଥିବା ୧୪ ନାବିକଙ୍କ ମଧ୍ୟରୁ ୧୧ ଜଣଙ୍କୁ କୋଷ୍ଟଗାର୍ଡ ଉଦ୍ଧାର କରିଥିଲା। ଏବେବି ୩ ଜଣ ନିଖୋଜ ଅଛନ୍ତି। ବ୍ଲାକ୍‌ରୋଜ୍ ଜାହାଜ ଅଦୃଶ୍ୟ ହୋଇଛି, କିନ୍ତୁ ରାଜନୈତିକ ବୟାନରେ ଚର୍ଚ୍ଚାରେ ରହିଛି।

## ରୁଷିଆ-ୟୁକ୍ରେନ୍ ଶାନ୍ତି ....

ଡୋଭାଲ ତାଙ୍କ ରୁଷିଆ ପ୍ରତିପକ୍ଷଙ୍କ ସହ ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ଦିଗରେ ଆଲୋଚନା କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ୍ ରାଜଧାନୀ କିଭ୍‌କୁ ହାଇପ୍ରୋଫାଇଲ୍ ଗସ୍ତରେ ଯାଇ ସେଠାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଆଲୋଚନା କରିବା ଅବସରରେ ବିବାଦର ସମାଧାନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହାର ଅଢ଼େଇ ସପ୍ତାହ ପରେ ଡୋଭାଲ ମସ୍କୋ ଗସ୍ତରେ ଯାଉଛନ୍ତି।

ଇଟାଲୀ ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନି ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ କଥା ହୋଇଥିଲେ। ରୁଷିଆ-ୟୁକ୍ରେନ୍ ବିବାଦର ସମାଧାନ ବାହାର କରିବାରେ ଭାରତ ଏବଂ ଚାଇନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ବୋଲି ମେଲୋନି କହିଥିଲେ। ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସେଠାର ଭ୍ଲାଡିଭୋଷ୍ଟକ୍ ସହରରେ ଇଷ୍ଟର୍ନ ଇକୋନୋମିକ୍‌ଫୋରମ୍‌ର ଏକ ପ୍ୟାନେଲ ଆଲୋଚନାରେ କହିଥିଲେ, ବିବାଦ ସମାଧାନରେ ଭାରତ, ବ୍ରାଜିଲ ଏବଂ ଚାଇନା ମଧ୍ୟସ୍ଥତା କରିପାରିବେ। ସେ ଏନେଇ ଉପରୋକ୍ତ ଦେଶର ନେତାଙ୍କ ସହ କଥା ହୋଇଛନ୍ତି ଏବଂ ଆମର ପରସ୍ପର ମଧ୍ୟରେ ଆସ୍ଥା ଓ ବିଶ୍ୱାସର ସମ୍ପର୍କ ରହିଥିବା ପୁଟିନ୍ କହିଥିଲେ। ସେମାନେ ବିବାଦ ସମାଧାନ ପାଇଁ ବାସ୍ତବରେ ଆଗ୍ରହୀ ଏବଂ ସହାୟତାର ହାତ ବଢ଼ାଇବେ ବୋଲି ରୁଷିଆ ରାଷ୍ଟ୍ରପତି ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ମୋଦି ଜେଲେନ୍‌ସ୍କିଙ୍କ ସହ କଥା ହେଲାବେଳେ ୟୁକ୍ରେନ୍ ଏବଂ ରୁଷିଆ ସମୟ ନଷ୍ଟ ନ କରି ତୁରନ୍ତ ଏକାଠି ବସି ବିବାଦର ସମାଧାନ କରିବା ଆବଶ୍ୟକ ବୋଲି କହିଥିଲେ। ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାରେ ଭାରତ ସକ୍ରିୟ ଭୂମିକା ନେବାକୁ ପ୍ରସ୍ତୁତ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ।

## ଶିଶୁକନ୍ୟାଙ୍କୁ ସ୍ୱାଗତ ...

ଓ ରଣବୀର ପୂଜାର୍ଚ୍ଚନା କରୁଥିବା ନେଇ କ୍ୟାମେରାରେ ରେକର୍ଡ ହୋଇଥିଲା। ପରେ ମୁମ୍ବାଇର ଏଚ୍. ଏନ୍. ରିଲାଏନ୍ସ ହସ୍ପିଟାଲରେ ଦୀପିକା ଭର୍ତ୍ତି ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ହସ୍ପିଟାଲରେ ରଣବୀର ଏବଂ ଦୀପିକାଙ୍କ ପରିବାର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଦୀପିକା ଗର୍ଭବତୀ ଥିବା ନେଇ ଗତ ଫେବୃୟାରୀ ୨୮ରେ ଘୋଷଣା କରିଥିଲେ। ସେପ୍ଟେମ୍ବର ମାସରେ ସେ ମା' ହେବାକୁ ଯାଉଛନ୍ତି ବୋଲି ଦୀପିକା ସୂଚନା ଦେଇଥିଲେ। ୨୦୧୩ରେ ରିଲିଜ୍ ହୋଇଥିବା 'ରାମଲୀଲା'ର ସେଟ୍‌ରୁ ରଣବୀର ଏବଂ ଦୀପିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଏହାପରେ ଏହି ଯୋଡ଼ି 'ବାଜିରାଓ ମସ୍ତାନୀ(୨୦୧୫)', 'ପଦ୍ମାବତ (୨୦୧୮)' ଆଦି ଚଳଚ୍ଚିତ୍ରରେ ଏକାଠି ଅଭିନୟ କରି ଦର୍ଶକଙ୍କର ଢେର ପ୍ରଶଂସା ସାଉଁଟିଥିଲେ। ୨୦୧୮ରେ ଏହି ଷ୍ଟାର ଯୋଡ଼ି ଇଟାଲୀର କୋମୋ ଲେକ୍‌ଠାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଚଳିତ ଦୀପାବଳି ଉପଲକ୍ଷେ ରିଲିଜ ହେବାକୁ ଥିବା ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ 'ସିଘଂମ ଏଗେନ' ଚଳଚ୍ଚିତ୍ରରେ ସମ୍ପୃକ୍ତ ଦମ୍ପତି ନଜରକୁ ଆସିବେ। ସେହିପରି ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଦୀପିକା ମାତୃତ୍ୱ ଛୁଟିରେ ରହିବେ ଏବଂ କୌଣସି ଶୁଟିଂରେ ଯୋଗଦେବେ ନାହିଁ। ଏହାପରେ ସେ 'କଲ୍‌କୀ' ଫିଲ୍ମର ସ୍ୱିକ୍ୱେଲ ପାଇଁ ହେବାକୁ ଥିବା ଶୁଟିଂରେ ଅଭିନେତା ଅମିତାଭ ବଚ୍ଚନ, କମଲ ହାସନ ଓ ପ୍ରଭାସଙ୍କ ସହ ଯୋଗଦେବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର କର୍ମକ୍ଷେତ୍ରର ସମସ୍ୟା ନେଇ ଚିନ୍ତିତ ହେବେ। ପୂର୍ବ କଳହକୁ ଦୋହରାଇ ନିଜ ଲୋକ ଅନ୍ୟମାନଙ୍କ ସହ ମିଶି ବିରୁଦ୍ଧାଚରଣ କରିବେ। ଆନୁଷ୍ଠାନିକ କାମ ହାସଲ ସକାଶେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଆପଣେଇ ନେବେ। ବାଣିଜ୍ୟ, ପରିବହନ, ନିର୍ମାଣ, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** ମୃଗଶିରା ନକ୍ଷତ୍ର ସକାଶେ ଚେଷ୍ଟା କରୁଥିବା କାମରେ ସୁଯୋଗ ଛାଏଁ ଆସିବ। ଆଜି ଯାହା କରିବେ ଭାବିଚିନ୍ତି କଲେ ଭଲ ହେବ। ସଭାସମିତିରେ ସତ୍ୟ କଥା ପ୍ରକାଶ କରି ଅପମାନିତ ହୋଇପାରନ୍ତି। ପରିବାରରେ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବା ସାଙ୍ଗକୁ କୌଣସି କାମରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡ଼ିବ।

**ମିଥୁନ** ପୁନର୍ବସୁ ନକ୍ଷତ୍ରର ପାରିବାରିକ ସମସ୍ୟା ମନକୁ ବିଚଳିତ କରିବ। ଆନୁଷ୍ଠାନିକ କାମରେ ତଥା କଳା, ସାହିତ୍ୟ, ସାମ୍ବାଦିକତା ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ତଥା ଶତ୍ରୁମାନେ ପରୋକ୍ଷରେ ବହୁତ କଥା କହିବେ ସିନା କିଛି କରି ପାରିବେ ନାହିଁ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁ ଓ ଲେଖାପଢ଼ାରୁ ଶୁଭଫଳ ପାଇବେ।

**କର୍କଟ** ଅଶୁଭ ଗ୍ରହଙ୍କ କୁପ୍ରଭାବଜନିତ ଯାତ୍ରାକାଳୀନ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ମନକଥା ମନରେ ରଖିପାରିବେ ନାହିଁ, କେତେକ କ୍ଷେତ୍ରରେ ଅନ୍ୟ ଆଗରେ ପ୍ରକାଶ କରି ଓଲଟା ଫଳ ପାଇବେ। ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ଗୁଜବ ମନକୁ ଆତଙ୍କିତ କରିପାରେ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ସଭା ସମିତିରୁ ପ୍ରଶଂସିତ ହେବେ।

**ସିଂହ** କର୍ମକ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ। ବୁଧାଦିତ୍ୟ ଯୋଗ ପ୍ରଭାବରୁ ପ୍ରଶାସନିକ ସ୍ତରରେ ନିଜର ପ୍ରାଧାନ୍ୟ ଜାହିର କରି କୃତକାର୍ଯ୍ୟ ହେବେ। କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ଏବଂ ରାଜନୀତି, ସଙ୍ଗଠନ ଓ ସଭାସମିତିରେ ସଫଳତା ହାସଲ କରିବେ।

**କନ୍ୟା** ଉତ୍ତରା ଫାଲଗୁନୀ ନକ୍ଷତ୍ର ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ସଫଳ ହେବେ। ସାମାଜିକ ସ୍ତରରେ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। କର୍ମକ୍ଷେତ୍ରର ସମସ୍ୟା ସମାଧାନରେ ସମର୍ଥ ହେବେ। ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାରକରଜ କରି କାମ ଚଳାଇ ନେବେ।

**ତୁଳା** ଆଜି ଶୁଭଚନ୍ଦ୍ର ପ୍ରଭାବରେ ମନ ଅନୁଯାୟୀ କାମ କରିବାରେ ଅସୁବିଧା ହେବ ନାହିଁ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ସମ୍ମାନ ଲାଭ କରିବେ। ମୂଲ୍ୟବାନ ଜିନିଷ କିଣିବା, ଗୃହ ନିର୍ମାଣ, ଯାନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନାରେ ସମୟ କଟାଇବେ।

**ବିଛା** ବିଶାଖା ନକ୍ଷତ୍ର ସକାଶେ ପୂର୍ବାପେକ୍ଷା ଆଜି ପାରିବାରିକ ସ୍ଥିତିରେ ଉନ୍ନତି ହେବ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବେ। ଶୀଘ୍ର ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ରହିବେ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ର ଆଜି ଯେତିକି ପାଇବେ ସେତିକିରେ ସନ୍ତୁଷ୍ଟ ରହିବା ଭଲ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇବେ। ବ୍ୟବସାୟରେ ଭଲ କାରବାର ଆତ୍ମସନ୍ତୋଷ ଦେବ। ସଚେତନତା ଓ ଅବହେଳା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

**ମକର** କର୍ମକ୍ଷେତ୍ରରେ ଯେତେ ପ୍ରକାର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇପାରିବ ନାହିଁ। ଧନିଷ୍ଠା ନକ୍ଷତ୍ରର ବନ୍ଧୁମାନଙ୍କ ସହ ସମ୍ପର୍କରେ ଉନ୍ନତି ଯୋଗୁ ଖୁସି ରହିପାରନ୍ତି। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ** ଶତଭିଷା ନକ୍ଷତ୍ରର ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପାଖରେ ନ ଥିବା ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ। ଈର୍ଷାପରାୟଣ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ମୀନ** ଲକ୍ଷ୍ୟପୂରଣ କରିପାରିବା ହେତୁ ମାନସିକ ସ୍ଥିତି ବହୁତ ଭଲ ରହିବ। ଯାତ୍ରା, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନିଶ୍ଚିତ। ପାରିବାରିକ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ରେବତୀ ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ କାମ କରିବା ଭଲ ହେବ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ଦେଖି କାମ କରିବା ଠିକ୍ ହେବ।

ଆଜି ସେପ୍ଟେମ୍ବର ୯ ତାରିଖ, ଭାଦ୍ରବ ଶୁକ୍ଳ ଷଷ୍ଠୀ ସୋମବାର, ଶ୍ରୀମନ୍ଦିରରେ ବିମ୍ବାସୁର ବଧ, ଷଠୀଓଷା, ଷଷ୍ଠୀଦେବୀ ପୂଜା, ରାଶିନକ୍ଷତ୍ର-ବିଶାଖା/ତୁଳା, ଦିବା ଘ.୧୧।୨୭ ଗତେ, ବିଛା ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୬ ଗତେ, ଘ.୦୭।୦୮ ମଧ୍ୟେ, ଘ.୧୦।୩୦ ଗତେ, ଘ.୧୨।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୮ ଗତେ, ଘ.୦୮ ।୪୦ ମଧ୍ୟେ ରାହୁକାଳ।

# ସିଏମ୍ କିଷାନ ଯୋଜନାକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

■ ବିଜେଡି ସରକାର ଲୋକଙ୍କୁ ପିଏମ୍ କିଷାନରୁ ବଞ୍ଚିତ କରିଥିଲା: ମନମୋହନ
■ ନାଁ ପରିବର୍ତ୍ତନ କରିଦେଲେ କ'ଣ ହେବ: ସସ୍ମିତ
■ ସେମାନେ କାଳିଆ ଯୋଜନାରେ କେତେଥର ଟଙ୍କା ଦେଇଥିଲେ: ଜୟନାରାୟଣ

ନୂଆଖାଇ ଅବସରରେ ରାଜ୍ୟର ଭାଜପା ସରକାର ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ କରିବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ବନ୍ଧିତ ପୋର୍ଟାଲର ଉନ୍ମୋଚନ କରିଛନ୍ତି। ଏହି ଯୋଜନା ଦ୍ୱାରା ଚାଷୀ ଉପକୃତ ହେବେ ବୋଲି ସରକାର କହୁଥିବା ବେଳେ ବିଜେଡି ଟାର୍ଗେଟ କରିଛି। ଭାଜପା ଏହି ଯୋଜନାକୁ ପ୍ରଶଂସା କରିଥିବା ବେଳେ କାଳିଆ କଥା କହି ବିରୋଧୀଙ୍କୁ ସମାଲୋଚନା କରିଛି। ଅନ୍ୟପକ୍ଷରେ ପାଲଟା ନାଁ ବଦଳାଇ ଦେଲେ କ'ଣ ହେବ ବୋଲି କହି ବିଜେଡି ପ୍ରଶ୍ନ କରିଛି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ଗତ ୭୫ ବର୍ଷ ଭିତରେ ଅନ୍ୟ କୌଣସି ସରକାର ଚାଷୀଙ୍କ ଉନ୍ନତି ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲା। ମାତ୍ର ମୋଦି ଗତ ୧୦ ବର୍ଷ ମଧ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଗତ ସରକାର ତୁଳନାରେ କୃଷି ବଜେଟ ୩୬% ବୃଦ୍ଧି ପାଇଛି। ଚାଷୀଙ୍କ ଆୟ ବଢ଼ାଇବା ପାଇଁ ମୋଦି ୨୦୧୯ରୁ ପିଏମ୍ କିଷାନ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ଲେଖାଏ ମିଳୁଥିଲା। ମାତ୍ର ବିଜେଡି ସରକାରରେ ଥିବାବେଳେ ନିଜର ରାଜନୈତିକ ଆଶା ଚରିତାର୍ଥ କରିବା ପାଇଁ ପିଏମ୍ କିଷାନ ଯୋଜାନରୁ ଅନେକ ଚାଷୀଙ୍କୁ ବଞ୍ଚିତ ରଖିଥିଲା। ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଖୁସି କରିବା ପାଇଁ ନିର୍ବାଚନ ବେଳେ ଜନସାଧାରଣଙ୍କୁ ଭୁଆଁ ବୁଲାଇବା ଲାଗି କାଳିଆ ଯୋଜନା ଆରମ୍ଭ କରିଥିଲା। ବହୁ ଚାଷୀ ଏହାର ଲାଭ ଉଠାଇ ନ ପାରି ଦୁଃଖ କଷ୍ଟରେ ଚଳୁଥିଲେ ବୋଲି ମନମୋହନ କହିଛନ୍ତି।

ବିଜେଡି ନେତା ସସ୍ମିତ ରାଉତରାୟ କହିଛନ୍ତି, ବିଜେଡି ସରକାର ସମୟରେ ଯେଉଁ ଯୋଜନା ହୋଇଥିଲା ଭାଜପା ତା'ର ନାଁ ପରିବର୍ତ୍ତନ କରି ପ୍ରଚାର କରୁଛି। ଖାଲି ନାଁ ପରିବର୍ତ୍ତନ କରିଦେଲେ କ'ଣ ହେବ ଯୋଜନା ତ ସମାନ ରହିବ। ଲୋକାଭିମୁଖୀ ଯୋଜନା ଯାହାସବୁ ବିଜେଡି କରିଥିଲା, ତାହାକୁ ଆଗକୁ ନେବା ହେଉଛି ନୂଆ ସରକାରର ଦାୟିତ୍ୱ। କାମ କରିବା ପରିବର୍ତ୍ତେ କେବଳ ନାଁ ବଦଳେଇ ଦେଲେ କିଛି ହେବନି, ସେକଥା ସେମାନେ ଅନୁଭବ କରନ୍ତୁ ବୋଲି ସସ୍ମିତ କହିଛନ୍ତି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ସେମାନେ ଯେଉଁ କହୁଛନ୍ତି ତାଙ୍କୁ କପି କଲୁ ବୋଲି ସେମାନେ ତ କାଳିଆ ଯୋଜନା ଆରମ୍ଭ କରିଥିଲେ ସେଇଟା କୁଆଡ଼େ ଗଲା। କାଳିଆ ଯୋଜନାରେ ସେମାନେ କେତେଥର ଲୋକଙ୍କୁ ଟଙ୍କା ଦେଇଛନ୍ତି। ନିର୍ବାଚନ ପୂର୍ବରୁ ଥରେ ଦେଲେ ତା'ପରେ ଭୁଲିଗଲେ। ସିଏମ୍ କିଷାନ ଯୋଜନାରେ ବର୍ଷକୁ ଦୁଇଥର ଅକ୍ଷୟତୃତୀୟା ଏବଂ ନୂଆଖାଇରେ ଚାଷୀଙ୍କୁ ଟଙ୍କା ଦିଆଯିବ ବୋଲି ଜୟନାରାୟଣ କହିଛନ୍ତି।

# ଗଣେଶ୍ୱରଙ୍କ ସତ୍ୟପାଠକୁ ଭୁଲ୍ ଦର୍ଶାଇଲେ କଂଗ୍ରେସର ସିପ୍ରା

କେନ୍ଦ୍ରାପଡ଼ା, ୮।୯ (ଜଗନ୍ନାଥ ଧଳ)


ସିପ୍ରା ମଲ୍ଲିକ

୨୦୨୪ ନିର୍ବାଚନ ଫଳାଫଳର ୩ ମାସ ପରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ସତ୍ୟପାଠ ଉପରେ କଂଗ୍ରେସ ପ୍ରାର୍ଥୀ ସିପ୍ରା ମଲ୍ଲିକ ପ୍ରଶ୍ନ ଉଠାଇଛନ୍ତି। ସହରର ବଉଳବିହାରସ୍ଥିତ ବାସଭବନରେ ମଲ୍ଲିକ ରବିବାର ଏକ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ସତ୍ୟପାଠରେ ଥିବା ବ୍ୟତିକ୍ରମ ଉପରେ ବିଧାନସଭା ଓ ନ୍ୟାୟିକ ଆଶ୍ରୟର ସହଯୋଗ ଲୋଡ଼ିବେ ବୋଲି ସିପ୍ରା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସତ୍ୟପାଠରେ ଦର୍ଶାଯାଇଥିବା ବାସସ୍ଥାନ ଠିକଣା ତଦନ୍ତସାପେକ୍ଷ। ଉଲ୍ଲେଖ ଥିବା ଚନ୍ଦନପୁର ପଞ୍ଚାୟତ ଚିହ୍ନଟ ଜମିରେ ବିଧାୟକ ବେହେରାଙ୍କର କୌଣସି ପଟ୍ଟା ନାହିଁ। ସେହିପରି ଜାତିଗତ କ୍ଷେତ୍ରରେ ତାଙ୍କର କେଉଟ ବୋଲି ସତ୍ୟପାଠରେ ଉଲ୍ଲେଖ ଥିଲେ ମଧ୍ୟ ତାଙ୍କ ଭାଇ କାର୍ତ୍ତିକେଶ୍ୱର ବେହେରାଙ୍କର ଅନ୍ୟ ଏକ ପଟ୍ଟାରେ କୈବର୍ତ୍ତ ରହିଛି। ପ୍ରଦତ୍ତ ସତ୍ୟପାଠରେ ଖାତା ନଂ. ଓ ପ୍ଲଟ ନଂ.ରେ ମେଳ ରହୁନାହିଁ। ସତ୍ୟପାଠରେ ଭୁଲ୍ ତଥ୍ୟ ଦେବା ଏକ ଅପରାଧ। ଏ ନେଇ ବିଧାନସଭାରେ ପ୍ରଶ୍ନ ହେବା ସହ ନ୍ୟାୟାଳୟକୁ ସେ ଯିବେ ବୋଲି ସମ୍ମିଳନୀରେ କହିଛନ୍ତି। ଅପରପକ୍ଷରେ ବିଧାୟକ ବେହେରାଙ୍କୁ ପଚାରିବାରେ ଏହା ହତାଶାର ପ୍ରତିଫଳନ। ୧୯୯୫, ୨୦୦୯ ଓ ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ସେ ଅସହିଷ୍ଣୁ ହୋଇ ପଡ଼ିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଓ ପାର୍ଲାମେଣ୍ଟରେ ପ୍ରଣିତ ଆଇନ ଅନୁଯାୟୀ ଜାତିଗତ ପ୍ରମାଣପତ୍ର ପାଇଛନ୍ତି। ତାଙ୍କ ଅଭିଯୋଗର ସମସ୍ତ ତଦନ୍ତକୁ ସେ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଥିବା ବିଧାୟକ ବେହେରା କହିଛନ୍ତି।

# ଦୌଡ଼ରେ ଦୁଇ ଶିବ, ପଦ୍ମନାଭ, ରାମ

ରାୟଗଡ଼ା,୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଭାଜପା ଜିଲା ସଭାପତି

ଆଗାମୀ ଦୁଇ ମାସ ମଧ୍ୟରେ ଭାଜପାର ରାୟଗଡ଼ା ଜିଲାର ନୂଆ ସଭାପତିଙ୍କ ନାମ ଘୋଷଣା ହେବ ବୋଲି ଜଣାପଡ଼ିଛି। ଏଥିପାଇଁ ବର୍ତ୍ତମାନଠାରୁ ଲବି ଚଳାଇଛନ୍ତି ଆଶାୟୀ। ସଦସ୍ୟତା ଅଭିଯାନ ଶେଷ ପରେ ଜିଲା ସଭାପତି ପାଇଁ ଶୀର୍ଷ ନେତୃବୃନ୍ଦ ଆଲୋଚନା କରିବେ ବୋଲି ଚର୍ଚ୍ଚା ହେଉଛି। କର୍ମୀ ମହଲରେ ଆଲୋଚନା ମୁତାବକ ବର୍ତ୍ତମାନ ଜିଲା ସଭାପତି ଶିବ ପଟ୍ଟନାୟକ ତୃତୀୟ ଥର ପାଇଁ ସଭାପତି ହେବା ନେଇ ଆଶାବାଦୀ ରହିଥିବା ବେଳେ ପୂର୍ବତନ ସଭାପତି ଶିବଶଙ୍କର ଉଲାକା, ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରା ଓ ଜିଲା ଉପସଭାପତି ପଦ୍ମନାଭ ଦାସ ଆଗାମୀ ଜିଲା ସଭାପତି ଦୌଡ଼ରେ ରହିଛନ୍ତି। ଦୁଇ ଶିବଙ୍କ ପୂର୍ବରୁ ଅନୁଭୂତି ରହିଥିବା ବେଳେ ରାମ ଓ ପଦ୍ମନାଭ ମଧ୍ୟ ଜିଲା ସଭାପତି ହେବା ନେଇ ଚର୍ଚ୍ଚା ଚାଲିଛି। ତେଣୁ କେନ୍ଦ୍ର ଓ ରାଜ୍ୟର କୌଣସି ଦଳୀୟ ନେତା, ମନ୍ତ୍ରୀ ରାୟଗଡ଼ା ଜିଲା ଗସ୍ତରେ ଆସିଲେ ଏହି ନେତାମାନେ ବେଶ୍ ସକ୍ରିୟ ରହୁଥିବା ଦେଖିବାକୁ ମିଳିଛି। ଶନିବାର ମନ୍ତ୍ରୀ ବିଭୂତି ଜେନାଙ୍କ ଗସ୍ତ ସମୟରେ ଏହା ନଜରକୁ ଆସିଥିଲା। ତେବେ ୨୦୨୪ ନିର୍ବାଚନରେ ଜିଲାରେ ଭାଜପା ଭଲ ପ୍ରଦର୍ଶନ କରି ନ ଥିବାରୁ କାହାକୁ ଜିଲା ସଭାପତି ଦାୟିତ୍ୱ ମିଳିବ ସେ ନେଇ କର୍ମୀ ମହଲରେ ମଧ୍ୟ ଭିନ୍ନ ଧରଣର ଚର୍ଚ୍ଚା ଜୋର ଧରିଛି । ଏଭଳିକି ୨୦୨୨ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଭାଜପା ସେଭଳି ଭଲ ପ୍ରଦର୍ଶନ ଦେଖାଇ ପାରିନାହିଁ। ଜିଲାର ୧୧ଟି ବ୍ଲକ ବିଜେଡି ଅଧୀନରେ ରହିଥିବା ବେଳେ ରାୟଗଡ଼ା, ଗୁଣପୁର ଓ ଗୁଡ଼ାରି ସହରାଞ୍ଚଳ ମଧ୍ୟ ବିଜେଡି କବଜାରେ ରହିଛି । ତେଣୁ ଦଳ ଜଣେ ଦକ୍ଷ ନେତାଙ୍କୁ ଜିଲା ସଭାପତି ଦାୟିତ୍ୱ ଦେବ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। କାରଣ ସେଭଳି ଟାଣୁଆ ନେତା ନ ହେଲେ ଜିଲା କଂଗ୍ରେସ ଓ ବିଜେଡି ଭଳି ଦୁଇ ଶକ୍ତିଶାଳୀ ବିରୋଧୀ ଦଳକୁ ଟକ୍କର ଦେବା ସହଜ ହେବ ନାହିଁ ବୋଲି କର୍ମୀ ମହଲରେ ଗୁଞ୍ଜରଟାଗୁର ଚାଲିଛି। ଅନ୍ୟପଟେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦାନ ପରେ ୨୦୧୬ରେ ଶିବଶଙ୍କର ଉଲାକା ଜିଲା ସଭାପତି ଦାୟିତ୍ୱ ନେବା ପରେ ୨୦୧୭ ପଞ୍ଚାୟତ ନିର୍ବାଚନରେ ରାୟଗଡ଼ା ଜିଲାର ୪ଟି ଜିଲା ପରିଷଦ ହାତେଇ ଥିଲା ଭାଜପା। ଏହାସହିତ ମୁନିଗୁଡ଼ା ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦ ମଧ୍ୟ ଭାଜପାକୁ ଯାଇଥିଲା। ୨୦୧୭ରେ ରାମଚନ୍ଦ୍ର ବେହେରା ମୁନିଗୁଡ଼ା 'କ' ଜୋନ୍‌ରୁ ଜିଲା ପରିଷଦ ସଭ୍ୟ ଭାବେ ବିଜୟୀ ହୋଇଥିଲେ।

# ଓଏମ୍‌ସି, ଇଙ୍ଗା ଖଣିର ୭୦୦ ଶ୍ରମିକ ପଦ୍ମ ଧରିଲେ


ଭାଜପାର ମିଶ୍ରଣ ପର୍ବରେ ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତଙ୍କ ସମେତ ଅନ୍ୟ ନେତା ଓ କର୍ମୀ।

କାଳିଆପାଣି,୮।୯(ଅସିତ ମହାନ୍ତ)

ଯାଜପୁର ଜିଲା ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନେତୃତ୍ୱରେ ରବିବାର ସୁକିନ୍ଦା ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଏମ୍‌ସି କାଳିଆପାଣି ଖଣିର ଲୋଡିଂ ଶ୍ରମିକ ଓ ଇଙ୍ଗାର ୨ ଖଣିର ୪୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କୁ ମିଶାଇ ୭୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ପଦ୍ମ ଧରିଛନ୍ତି। ସୁକିନ୍ଦା ଭବନଠାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

ଓଏମ୍‌ସିର କାଳିଆପାଣି, ସୁକ୍ରୁଙ୍ଗୀ, ସାଉଥ୍ କାଳିଆପାଣି, ଏମ୍ କ୍ୱାରୀ, ଏଫ୍ କ୍ୱାରୀ ଏବଂ ଡି କ୍ୱାରୀରେ ମୋଟ ୪୧ଟି ଲୋଡିଂ ଲେବର ବ୍ୟାଚ୍‌ର ଶ୍ରମିକ ଜିସି ମହାନ୍ତ ଆଣ୍ଡ୍ ସନ୍ସ ଅଧୀନରେ ରହି ବିଭିନ୍ନ ପରିବହନ ଠିକାଦାରଙ୍କ କ୍ରୋମ ବୋଝେଇ କରିଥାନ୍ତି। ସେହି ୪୧ଟି ଲୋଡିଂ ଲେବର ବ୍ୟାଚ୍‌ର ୬୭୫ ଶ୍ରମିକ ଗୁଣ ମହାନ୍ତଙ୍କ ନେତୃତ୍ୱରେ ଭାଜପାରେ ଯୋଗଦେଇଛନ୍ତି। ସେହିପରି ଇଙ୍ଗାର ମହାଶ୍ୱେରୀ ଖଣିରେ ଜହର ମହାନ୍ତଙ୍କ ନେତୃତ୍ୱରେ ୨୫୦ ଓ ଇଙ୍ଗା ନାରାୟଣୀ ମହାଗିରି ଖଣିରେ ବରା ମହାନ୍ତଙ୍କ ନେତୃତ୍ୱରେ ୧୫୦ ଶ୍ରମିକ, ଡ୍ରାଇଭର, ହେଲପର ଓ ଅନ୍ୟ ସମସ୍ତ କର୍ମଚାରୀ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଗୋଟିଏ ଦିନରେ ଏତେ ସଂଖ୍ୟକ ଶ୍ରମିକ ଓ କର୍ମଚାରୀ ନିଜର ପୂର୍ବ ଶ୍ରମିକ ସଂଗଠନ ସୁକିନ୍ଦା ରିଜିୟନ କ୍ରୋମାଇଟି ଖାଦାନ ମଜୁଦର ସଂଘକୁ ପରିତ୍ୟାଗ କରି ଭାଜପାରେ ସାମିଲ ହେବା ରାଜ୍ୟ ଶ୍ରମିକ ରାଜନୀତିରେ ଚହଳ ସୃଷ୍ଟି କରିଛି। ୧୯୮୩ରେ ସୁକିନ୍ଦା ରିଜିୟନ କ୍ରୋମାଇଟି ଖାଦାନ ମଜୁଦର ସଂଘ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ଶ୍ରମିକ ନେତା ସ୍ୱର୍ଗତ ସମ୍ରାଟ ଗୁପ୍ତାଙ୍କ ପ୍ରଚେଷ୍ଟାରେ ଏହି ଶ୍ରମିକ ସଂଗଠନ ଗଢ଼ି ଉଠିଥିଲା। ପରେ ଏହା ଘଡ଼େଇ ପରିବାର ଅଧୀନରେଥିଲା। ଘଡ଼ାଇ ପରିବାରର ବିଜୟ ଏହି ଶ୍ରମିକ ସଂଗଠନ ପାଇଁ ସମ୍ଭବ ହୋଇପାରୁଥିଲା। ଉକ୍ତ ସଂଗଠନ ଗତ ନିର୍ବାଚନରେ ଘଡାଇ ପରିବାରକୁ ପରିତ୍ୟାଗ କରିଥିଲା। ଫଳରେ ପ୍ରୀତିରଞ୍ଜନ ଘଡ଼ାଇଙ୍କ ପରାଜୟ ଘଟିଥିଲା। ଅମଳେନ୍ଦୁ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉପରୋକ୍ତ ମିଶ୍ରଣ ପର୍ବରେ ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ୍ ରାଜ, ଖଣି ଅଞ୍ଚଳର ଶ୍ରମିକ ସଂଗଠନ ସଭାପତି ସବ୍ୟସାଚୀ ବଳସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ସରକାରରେ ସମ୍ବଲପୁର, ବଲାଙ୍ଗୀର ସମେତ ସବୁଠୁ ଶାସନ ଚାଲିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

ଓଡ଼ିଶାରେ ଜନାଦେଶ ସ୍ୱୀକୃତି ପାଇଥିବା ଭାଜପା ସରକାର ବହୁତ କମ୍ ସମୟ ମଧ୍ୟରେ ଅନେକ କଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରୁଛି। ଗରିବ, ଚାଷୀ, ମହିଳା, ଯୁବକ, ପଛୁଆ ତଥା ସବୁ ବର୍ଗର ଉନ୍ନତି ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତାରେ ରହିଛି ବୋଲି ରବିବାର ସମ୍ବଲପୁରଠାରେ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ସିଏମ-କିଷାନ ଯୋଜନା ଏବଂ କୃଷିଭିତ୍ତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଭାଜପା ସରକାରରେ ସମ୍ବଲପୁର, ବଲାଙ୍ଗୀର ସମେତ ସବୁଠୁ ଶାସନ ଚାଲିବ ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର 'ନୂଆଁଖାଇ'ର ପବିତ୍ର ଅବସରରେ କୃଷକଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା କଲ୍ୟାଣକାରୀ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ସିଏମ କିଷାନ ଯୋଜନାରେ ବର୍ତ୍ତମାନ ରାଜ୍ୟର ପ୍ରାୟ ୪୬ ଲକ୍ଷ ଚାଷୀଙ୍କୁ ପ୍ରଥମ କିସ୍ତି ଆକାରରେ ଡିବିଟି ମାଧ୍ୟମରେ ୨୦୨୪-୨୫ ରବି ଫସଲ ଋତୁ ପାଇଁ ୯୨୫ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ସମୃଦ୍ଧ କୃଷକ ଯୋଜନା ସହିତ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ଏକ ଯୁଗାନ୍ତକାରୀ ନିଷ୍ପତ୍ତି। ସେହିପରି ଏହି ସରକାରରେ ହୀରାକୁଦ ଡ୍ୟାମ୍ ପ୍ରକଳ୍ପ ପଦ୍ଧତିର ନବୀକରଣ ଯୋଜନାକୁ କ୍ୟାବିନେଟ ଅନୁମୋଦନ ଦିଆଯାଇଛି। ଏହି ଯୋଜନା ପାଇଁ ୨୦୨୪-୨୫ରୁ ୨୦୨୭-୨୮ ମଧ୍ୟରେ ପ୍ରାୟ ୯୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଜଳସେଚନ ପାଇଁ ବ୍ୟବସ୍ଥା ସହ ସୁଭଦ୍ରା ଯୋଜନା ଭଳି କଲ୍ୟାଣକାରୀ କାର୍ଯ୍ୟକ୍ରମ ଡବଲ ଇଞ୍ଜିନ ସରକାରର ପ୍ରତିଫଳନ। ଓଡ଼ିଶାରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ବିଜୟ ହୋଇଛି ବୋଲି ସେ କହିଛନ୍ତି।






















ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ



# ଦେଶରେ ବିଶ୍ୱାସ ଆଗ

ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ବର୍ଷେ ୪ ମାସ ହେବ ଲାଗି ରହିଥିବା ଜାତିଆଣ ହିଂସା ପୁଣି ଉଗ୍ର ହେଲାଣି। ୭ ସେପ୍ଟେମ୍ବର ୨୦୨୪ରେ ଜିରିବାମ୍ ଜିଲାରେ ହିଂସା ଘଟି ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେପ୍ଟେମ୍ବର ୧ରୁ ୯ ଜଣଙ୍କ ପ୍ରାଣହାନି ଘଟିଲାଣି ବୋଲି ଖବର ମିଳିଛି। ସରକାରୀ ତଥ୍ୟ କହେ, ୩ ମେ ୨୦୨୩ରୁ ଆରମ୍ଭ ହୋଇଥିବା ସଂଘର୍ଷ ଯୋଗୁ ଅଦ୍ୟାବଧି ୨୨୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ ହଜାର ଲୋକ ବିସ୍ଥାପିତ ହୋଇଛନ୍ତି। କିନ୍ତୁ ହିଂସାର ବ୍ୟାପକତାକୁ ଦେଖିଲେ ମୃତ୍ୟୁ ସଂଖ୍ୟା ଯଥେଷ୍ଟ ଅଧିକ ହୋଇଥିବା ଅନୁମାନଯୋଗ୍ୟ। ଉଲ୍ଲେଖ କରାଯାଇପାରେ ଯେ, ମଣିପୁରରେ ହିନ୍ଦୁ ମେଇତି ସମ୍ପ୍ରଦାୟକୁ ହାଇକୋର୍ଟ ଆଦିବାସୀ ମାନ୍ୟତା ସୁପାରିସ ସଂକ୍ରାନ୍ତ ଆଦେଶ ଦେବା ପରେ ତାହାକୁ ବିରୋଧ କରି ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ କୁକି ଓ ନାଗା ସମ୍ପ୍ରଦାୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନଙ୍କ ଅଧିକାରକୁ ସଂଖ୍ୟାଗରିଷ୍ଠ ମେଇତିମାନେ ଛଡ଼ାଇ ନେଉଥିବା ଆଦିବାସୀମାନେ ଅଭିଯୋଗ କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଜାରି ରହିଛି। ବର୍ତ୍ତମାନର ସ୍ଥିତି ଅଧିକ ବିଗିଡ଼ି ଯାଇଛି । କାରଣ ଅଶାନ୍ତ ଅଞ୍ଚଳ ଉପରକୁ ଡ୍ରୋନ୍‌ରୁ ଅତି ଶକ୍ତିଶାଳୀ ରକେଟ ଓ ବୋମା ଫିଙ୍ଗା ଗଲାଣି। ଏଥିରୁ ବୁଝିବାକୁ ହେବ ଯେ, ବାହ୍ୟ ଶକ୍ତି ବିଶେଷକରି ମ୍ୟାନ୍‌ମାରରେ ସକ୍ରିୟ ଥିବା ଉଗ୍ରପନ୍ଥୀମାନେ ମଣିପୁରରେ ଅସ୍ଥିରତା ସୃଷ୍ଟି କରିଦେଲେଣି। ଗତବର୍ଷରୁ ଜାତିଆଣ ହିଂସା ହେବାଠାରୁ ମେଇତି ଓ କୁକିମାନେ ପରସ୍ପର ଉପରକୁ ହାତହତିଆର ବ୍ୟବହାର କରୁଥିଲେ। ଏବେ ଯେଉଁ ଡ୍ରୋନ୍ ଭଳି ଅତ୍ୟାଧୁନିକ ଅସ୍ତ୍ର ବ୍ୟବହାର ଆରମ୍ଭ ହେଲାଣି, ସେଥିରୁ ସ୍ପଷ୍ଟ ବୁଝିବା କଥା ଯେ ବାହ୍ୟଶକ୍ତିଙ୍କ ପ୍ରବେଶ ଆରମ୍ଭ ହୋଇଗଲାଣି।

କେବଳ ମିଲିଟାରୀ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଶ୍ୱାସ ହେଉନାହିଁ। ତତ୍‌ସହିତ ଏହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ ଯେ, ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନ୍‌ଏସ୍‌ଏ) ଅଜିତ ଡୋଭାଲ ମସ୍କୋ ଯାଇ ରୁଷିଆ–ୟୁକ୍ରେନ୍ ଯୁଦ୍ଧରେ ମଧ୍ୟସ୍ଥତା କରିପାରିବାର ଯୋଗ୍ୟତା ବହନ କରୁଛନ୍ତି। ଯଦି ବାସ୍ତବରେ ସେଭଳି ଯୋଗ୍ୟତା ଅଛି, ତେବେ ଦେଶର ଆଭ୍ୟନ୍ତରୀଣ ସମସ୍ୟା ବିଶେଷକରି ମଣିପୁର ସଙ୍କଟ ଆଗ ସମାଧାନ କରି ଦେଶବାସୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରାଇବା ଦରକାର।

ମଣିପୁରରେ ଏହା ପୂର୍ବରୁ ଯେତେବେଳେ ହିଂସା ଶୀର୍ଷକୁ ଯାଇଥିଲା ସେତେବେଳେ ନିର୍ବାଚନର ଦ୍ୱାହିଦେଇ ମଣିପୁରକୁ କରଛଡ଼ା କରିଦିଆଯାଇଥିଲା। ଏବେ ପୁନର୍ବାର ହିଂସା ଅଧିକ ଉଗ୍ର ଓ ଶକ୍ତିଶାଳୀ ହୋଇ ମୁଣ୍ଡ ଟେକିବାର କାରଣ ସେହି ପୂର୍ବର ଅବହେଳା ଯୋଗୁ ବିଭିନ୍ନ ପ୍ରକାର ଶକ୍ତିକୁ ପ୍ରୋତ୍ସାହିତ କଲାଭଳି ମନେହେଉଛି। ନିର୍ବାଚନରେ ନେତାମାନେ ପ୍ରଚାର କରନ୍ତି ବୋଲି ସମସ୍ତେ ଜାଣନ୍ତି। ପୂର୍ବ ହିଂସାବେଳେ କର୍ଣାଟକ ଓ ଅନ୍ୟ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ଉଭୟ ଶାସକ ଓ ବିରୋଧୀ ନେତାଙ୍କୁ ବ୍ୟସ୍ତ ରଖିଥିଲା। ଏବେ ହିଂସା ବୃଦ୍ଧି ପାଉଥିବା ବେଳେ ହରିୟାଣା ଏବଂ ଜମ୍ମୁ ଓ କଶ୍ମୀର ବିଧାନସଭା ନିର୍ବାଚନ ନେତାଙ୍କୁ ବ୍ୟସ୍ତ ରଖିବା ସ୍ୱାଭାବିକ। ତେବେ ଅଶାନ୍ତ ଅଞ୍ଚଳକୁ କୌଣସି ନେତା ଯାଇ ବଡ଼ ପ୍ରକାର ପରିବର୍ତ୍ତନ ଆଣି ପାରିବେ ବୋଲି ବିଶ୍ୱାସ ହେଉନାହିଁ। ଆଜିର ଭାରତରେ ସେଭଳି ଜନନାୟକ ଭାବମୂର୍ତ୍ତି ରଖିଥିବା କୌଣସି ନେତା ନାହାନ୍ତି। ସେଥିପାଇଁ ରାଜନୈତିକ ନେତା ପରିବର୍ତ୍ତେ ସରକାର ତା'ର କର୍ତ୍ତବ୍ୟ ଏବଂ କାର୍ଯ୍ୟ ଆରମ୍ଭ କରିବା ଦରକାର। କେବଳ ମିଲିଟାରୀ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଶ୍ୱାସ ହେଉନାହିଁ। ତତ୍‌ସହିତ ଏହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ ଯେ, ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନ୍‌ଏସ୍‌ଏ) ଅଜିତ ଡୋଭାଲ ମସ୍କୋ ଯାଇ ରୁଷିଆ–ୟୁକ୍ରେନ୍ ଯୁଦ୍ଧରେ ମଧ୍ୟସ୍ଥତା କରିପାରିବାର ଯୋଗ୍ୟତା ବହନ କରୁଛନ୍ତି। ଯଦି ବାସ୍ତବରେ ସେଭଳି ଯୋଗ୍ୟତା ଅଛି, ତେବେ ଦେଶର ଆଭ୍ୟନ୍ତରୀଣ ସମସ୍ୟା ବିଶେଷକରି ମଣିପୁର ସଙ୍କଟ ଆଗ ସମାଧାନ କରି ଦେଶବାସୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରାଇବା ଦରକାର। ତା' ସମସ୍ତଙ୍କ ପାଇଁ ମଙ୍ଗଳଦାୟକ ହୁଅନ୍ତା।

# ବଜ୍ରକବଚ ଓ ବାଇଚଢ଼େଇ



ଡ. ପ୍ରଫୁଲ୍ଲ କୁମାର ସାହୁ

ଦିନକୁ ଦିନ ଘାତକ ହେବାରେ ଲାଗିଛି ବଜ୍ରପାତ। ରାଜ୍ୟରେ ଉଦ୍‌ବେଗଜନକ ଭାବରେ ବଢୁଛି ତଜ୍ଜନିତ ମୃତ୍ୟୁସଂଖ୍ୟା। ଜାତୀୟ ବିପର୍ଯ୍ୟୟ ପ୍ରାଧିକରଣ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ ପ୍ରତିବର୍ଷ ଦେଶରେ ହାରାହାରି ୨୫ଶହ ଲୋକଙ୍କ ଜୀବନ ଯାଉଛି ବଜ୍ରପାତରେ। ଦେଶର ବଜ୍ରପାତ ମୃତ୍ୟୁରେ ଏବେ ଓଡ଼ିଶା ରହିଛି ସବୁଠୁ ଆଗରେ। ସରକାରୀ ତଥ୍ୟ ଅନୁଯାୟୀ ଗତ ପାଞ୍ଚ ବର୍ଷରେ ୧୬୨୫ ଜୀବନ ଗଲାଣି। ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ବଜ୍ରପାତଜନିତ ମୃତ୍ୟୁ ହାର ବେଶି। କାରଣ ଏଥିରେ ବେଶି ପ୍ରଭାବିତ ହେଉଛନ୍ତି ବିଲରେ କାମ କରୁଥିବା କୃଷକ, ଗଛ ତଳେ ଆଶ୍ରୟ ନେଇଥିବା ପଥଚାରୀ ଓ କୁଡିଆରେ ରହୁଥିବା ଗରିବ ଶ୍ରେଣୀର ଲୋକ।

ବଜ୍ରପାତର ବିଭୀଷିକା ଏତେ ଭୟଙ୍କର ଯେ କେହି କିଛି ବୁଝିବା ଆଗରୁ ଚାଲିଯାଏ ଜୀବନ। ଜଳିଯାଏ ଗଛବୃକ୍ଷ। ବିଶେଷଜ୍ଞଙ୍କ ମତରେ ଏଥିରୁ ରକ୍ଷା ପାଇବାର ଏକ ଉପାୟ ହେଉଛି ବଜ୍ରକବଚ। ସାଧାରଣତଃ ବଡ ବଡ ଅଟ୍ଟାଳିକାର ଅଗ୍ରଭାଗରେ ଏକ ମୁନିଆ ଲୁହାଛଡ ପୋତା ଯାଇଥାଏ, ଯାହା ଭୂମିକୁ ସଂଯୋଗ କରୁଥାଏ ଏକ ତମ୍ବାତାର ମାଧ୍ୟମରେ। ଏହାକୁ କୁହାଯାଏ ତଡିତ୍ ରକ୍ଷକ ବା ଲାଇଟନିଂ ଆରେଷ୍ଟର। କାରଣ ବଜ୍ରପାତ ହେଲେ ପ୍ରଥମେ ଏହି ମୁନିଆ ଲୁହା ବା ତଡିତ୍ ରକ୍ଷକ ପାଖରେ ପହଞ୍ଚେ ଏବଂ ତତ୍‌କ୍ଷଣାତ ତମ୍ବାତାର ଦେଇ ଭୂପୃଷ୍ଠକୁ ଚାଲିଯାଏ, ଯାହାଫଳରେ ରକ୍ଷା ପାଇଯାଏ ଅଟ୍ଟାଳିକା। ପ୍ରକୃତି ମଧ୍ୟ ଲୋକଙ୍କ ଜୀବନ ବଞ୍ଚେଇବା ପାଇଁ ନିଜ ଭିତରେ ଖଞ୍ଜିଛି ତଡିତ୍ ରକ୍ଷକ ବ୍ୟବସ୍ଥା। କଥାରେ ଅଛି ଡେଙ୍ଗା ମୁଣ୍ଡରେ ଠେଙ୍ଗା। କହିବାର ତାତ୍ପର୍ଯ୍ୟ ଆଗେ ଚଡକ ପଡେ ଡେଙ୍ଗା ଗଛ ଉପରେ। ଆମ ପରିବେଶରେ ତାଳଗଛ ହେଉଛି ସବୁଠାରୁ ଡେଙ୍ଗା ଗଛ। ତାଳଗଛ ଗଣ୍ଡିରେ ଅଧିକ ଜଳ ଅଂଶ ଥିବାରୁ ତା'ର ବିଦ୍ୟୁତ୍ ପ୍ରତିରୋଧକ ଶକ୍ତି କମ୍। ତେଣୁ ବଜ୍ରପାତ ହେବା ମାତ୍ରେ ତାହାର ଗଣ୍ଡି ଦେଇ ବିଜୁଳି ତତ୍‌କ୍ଷଣାତ ଭୂଇଁକୁ ଚାଲିଯାଏ ଏକ ସ୍ୱୟଂକ୍ରିୟ ଉପାୟରେ। ଏହାଦ୍ୱାରା ତାଳଗଛ ନିଜେ ଜଳିଯାଏ ସତ,କିନ୍ତୁ ବଜ୍ରପାତରୁ ରକ୍ଷା ପାଇଯାଏ ଅନେକ ଜୀବନ। ସେଥିପାଇଁ ତାଳଗଛକୁ କୁହାଯାଏ ବଜ୍ରକବଚ। ଏହି କାରଣରୁ ଆମ ପୂର୍ବଜମାନେ ପ୍ରଚୁର ପରିମାଣରେ ତାଳଗଛ ରୋପଣ କରୁଥିଲେ, ଯାହାଫଳରେ ତାହା ଛାଇ ଯାଇଥିଲା ବାଡି ବଗିଚା, ଗୋହିରୀ ଗୋଦଣ୍ଡା, ବିଲହିଡ ଓ ଜଙ୍ଗଲ ଆଦି ସବୁଆଡେ। ଯେବେଠାରୁ ତାଳଗଛ ଲୋପ ପାଇବାକୁ ଆରମ୍ଭ କଲା,ସେବେଠାରୁ ବଢିଲା ବଜ୍ର ବିପ୍ରାତ ଓ ତଜ୍ଜନିତ ମୃତ୍ୟୁ ହାର।

ପ୍ରାୟତଃ ତିନି ଦଶନ୍ଧି ପୂର୍ବରୁ ଓଡ଼ିଶାରେ ଯୁଆଡେ ଚାହିଁଲେ ଦିଶୁଥିଲା ତାଳଗଛ। ମାତ୍ର ୧୯୯୯ ମସିହା ପ୍ରଳୟଙ୍କରୀ ମହାବାତ୍ୟା ପରେ ବଦଳିଗଲା ଉପକୂଳ ଓଡ଼ିଶାର ଚିତ୍ର। ପ୍ରାୟତଃ ଅର୍ଦ୍ଧାଧିକ ତାଳଗଛ ଲୋପ ପାଇଗଲା ମହାବାତ୍ୟାର ତାଣ୍ଡବରେ। କିନ୍ତୁ ୨୦୦୫ ପର୍ଯ୍ୟନ୍ତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ କମି ନ ଥିଲା ତାଳଗଛ ସଂଖ୍ୟା। ପରବର୍ତ୍ତୀ ସମୟରେ ତାଳଗଛ ଉପରେ ମାଡିଆସିଲା ମଣିଷକୃତ ବିପତ୍ତି। ଆନ୍ଧ୍ର, ତାମିଲନାଡୁ ଓ ତେଲଙ୍ଗାନା ଆଦି ରାଜ୍ୟରେ ତାଳଗଛ କାଟିବା ଉପରେ କଟକଣା ହେବାରୁ ସେ ସବୁ ରାଜ୍ୟକୁ ଓଡ଼ିଶାରୁ ଚାଲାଣ ହେଲା ତାଳଗଣ୍ଡି। ବେପାରୀମାନେ ଏହାର ଫାଇଦା ନେବା ପାଇଁ ଖୋଜିଲେ ଗୁଜବର ଆଶ୍ରା। ଏକଦା ଏଠି କୁହାଗଲା ତାଳଗଛ ପରିବାର ପାଇଁ ଅଶୁଭ। ଗାଁ ଗାଁରେ ବୁଲିଲେ ଦଲାଲ। ଲୋକେ ବିଲ ବାଡିରୁ ତାଳଗଛ କାଟି ପକେଇଲେ,ଯାହାକୁ ଶସ୍ତାରେ କିଣି ନେଲେ ବେପାରୀ। ଅନ୍ୟ ରାଜ୍ୟକୁ ଯାଇ କେଉଁଠି ତାହା ତାରକା ହୋଟେଲର ବିଳାସପୂର୍ଣ୍ଣ କଟେଜ ନିର୍ମାଣରେ ଲାଗିଲା ତ କେଉଁଠି ତାକୁ ନେଇ ସମୁଦ୍ର କୂଳରେ ତିଆରି ହେଲା ସୌଖୀନ କୁଟୀର। ସେମାନଙ୍କ ଆବଶ୍ୟକତା ମେଣ୍ଟାଇବାକୁ ଯାଇ ଓଡ଼ିଶାରୁ ବିଲୋପ ହୋଇଗଲା ତାଳଗଛ।



ତାଳଗଛ ଯେ କେବଳ ବଜ୍ରପାତରୁ ସୁରକ୍ଷା ଦିଏ ତାହା ନୁହେଁ, ନିୟମିତ ବୃଷ୍ଟିପାତ ଏବଂ ମୃତ୍ତିକା ଓ ଭୂତଳ ଜଳ ସଂରକ୍ଷଣ ଆଦି କ୍ଷେତ୍ରରେ ତା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକଦା ତାଳଗଛ ଯୋଗୁ ସମୃଦ୍ଧ ହୋଇଥିଲା ଓଡ଼ିଶାର କୁଟୀର ଶିଳ୍ପ ଓ ଅର୍ଥନୀତି। ତାଳପତ୍ରରେ ଚଟେଇ, ଝାମ୍ପି, ପଖିଆ, ବିଞ୍ଚଣା, ଆସନ ଆଦି ତିଆରି କରି ଗୁଜରାଣ ମେଣ୍ଟାଉ ଥିଲେ ଗ୍ରାମାଞ୍ଚଳର ଶହଶହ ପରିବାର। ଚାଳଛପର ଓ ଟାଇଲ ଘର ତିଆରି ବେଳେ ଲାଗୁଥିବା ସେଣି ଓ ଓରା ଆଦି ପାଇଁ ତାଳଗଛ ଗଣ୍ଡି ଭାରି ମଜଭୁତ। ତାଳରୁ ତିଆରି ଗୁଡ,ମିଶ୍ରି ଓ ତେଲର ଚାହିଦା ଆନ୍ତର୍ଜାତିକ ବଜାରରେ ଖୁବ୍ ବେଶି। ତାଳଗଛ ପାଇଁ ସୁରକ୍ଷିତ ଓ ସମୃଦ୍ଧ ହୋଇଥିଲା ଆମ ଖାଦ୍ୟ ଶୃଙ୍ଖଳ। ଖରାଦିନେ ତାଳସଜ ଓ ବର୍ଷାଦିନେ ତାଳପିଠା କେବଳ ସ୍ୱାଦିଷ୍ଟ ନୁହେଁ, ଏକ ପୌଷ୍ଟିକ ଆହାର। ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ବି ଲାଗେ ତାଳପିଠା ଭୋଗ। ଆଗେ ତାଳପତ୍ରରେ ଲେଖା ଯାଉଥିଲା ଆମ ପୋଥି, ପୁରାଣ ଓ ପଟ୍ଟଚିତ୍ର। ତାହା ଆମ ଐତିହ୍ୟ ଓ ପରମ୍ପରାର ଅମୂଲ୍ୟ ଦସ୍ତାବିଜ। ପୋଥି ସାହିତ୍ୟର ପ୍ରାଚୀନତାକୁ ଭିତ୍ତି କରି ଓଡ଼ିଆ ଭାଷାକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା। ତାଳପତ୍ରରେ ଜାତକ ତିଆରି କରିବା ଓ ଲଗ୍ନ ଚିଟାଉ ଲେଖିବା ଆମର ପ୍ରଚଳିତ ପରମ୍ପରା। ହାତୀମାନଙ୍କର ପ୍ରିୟ ଖାଦ୍ୟ ହେଉଛି ତାଳ। ଜୁନ୍ ମାସରୁ ସେପ୍ଟେମ୍ବର ଭିତରେ ସେମାନେ ଜଙ୍ଗଲ ତଳି ଅଞ୍ଚଳକୁ ଚାଲି ଆସନ୍ତି ତାଳ ଖାଇବା ପାଇଁ। ଜଙ୍ଗଲ ଜମିରୁ ତାଳଗଛ ଲୋପ ପାଇବା ପରେ ସେମାନଙ୍କ ପାଇଁ ସୃଷ୍ଟି ହେଲା ଖାଦ୍ୟ ସଙ୍କଟ। ଏଇଠୁ ଆରମ୍ଭ ହେଲା ହାତୀ–ମଣିଷ ଲଢେଇ।

ଦିନ ଥିଲା ତାଳଗଛର ଗହଳ ବନରେ ଦେଖିବାକୁ ମିଳୁଥିଲା ପର୍ଯ୍ୟାପ୍ତ ବାଇଚଢ଼େଇ ବସା। କବି ପ୍ରାଣକୁ ବିମୋହିତ କରେ ବସା ଭିତରକୁ ବାଇଚଢ଼େଇର ପ୍ରବେଶ ଓ ପ୍ରସ୍ଥାନ ଦୃଶ୍ୟ ଏବଂ ତାର କିଚିରିମିଚିରି ଶବ୍ଦ। ତା'ର ପ୍ରକାଶମାନତାକୁ ନେଇ ସୃଷ୍ଟି ହୋଇଛି ସାହିତ୍ୟର ଅପୂର୍ବ ଓ ଅନନ୍ୟ ସମ୍ଭାର। ଉତ୍କଳ ଗୌରବ ମଧୁସୂଦନ ଦାସ ଏକଦା ବିଦେଶରେ କହିଥିଲେ, ଆମ ତାଳଗଛରେ ପକ୍ଷୀ ବାନ୍ଧୁଥିବା ବସା ଯେଉଁ ନିର୍ମାଣ ଶୈଳୀର ପରିଚୟ ଦିଏ, ତାହା ଆପଣଙ୍କ ବଡ ବଡ ଇଞ୍ଜିନିୟରଙ୍କ ପକ୍ଷରେ ଅସାଧ୍ୟ। ସତରେ ତାଳଗଛରେ ବସା ବାନ୍ଧୁଥିବା ବାଇଚଢ଼େଇ ବସାର ନିରାପତ୍ତା ଏତେ ବ୍ୟବସ୍ଥିତ ଯେ ପ୍ରବଳ ଝଡ ତୋଫାନରେ ତା'ର କିଛି କ୍ଷତି ହୁଏ ନାହିଁ କି ତା' ପାଖରେ ପହଞ୍ଚି ପାରେନି ଶିକାରୀ ବା ଶତ୍ରୁ। ସେଥିପାଇଁ ଚିଲିକା କାବ୍ୟରେ କବି ରାଧାନାଥ ଲେଖିଛନ୍ତି– ''ବୈଦୁର୍ଯ୍ୟ– କିରୀଟ–ଧାରୀ ତୁଙ୍ଗ ତାଳ, ସରୋବର ତୀରେ ଶୋଭେ ମାଳମାଳ। ମହାନନ୍ଦେ ଯା'ର ବାହୁଛାୟା ଶ୍ରୟେ,ବାୟା ବାୟାବଧୂ ବସନ୍ତି ନିର୍ଭୟେ।'' କେତେ ଚମତ୍କାର ସତେ ପ୍ରକୃତିର ଏ ସର୍ଜନା।

ବର୍ଷ ବର୍ଷ ଧରି ଓଡ଼ିଶାରୁ ତାଳଗଛ କଟା ହୋଇ ବାହାର ରାଜ୍ୟକୁ ଚାଲାଣ ହେଲାବେଳେ ତାକୁ ରୋକିବାକୁ ପ୍ରୟାସ କଲାନି ପ୍ରଶାସନ। ତାଳଗୁଡ ସମବାୟ ସମିତି ସଭାପତି ନିଯୁକ୍ତି ପ୍ରତି ସରକାର ଯେତିକି ଗୁରୁତ୍ୱ ଦେଲେ ସେତିକି ଧ୍ୟାନ ଦେଲେନି ତାଳଗଛ ସଂରକ୍ଷଣ ଉପରେ। ଏବେ ବଜ୍ରପାତଜନିତ ମୃତ୍ୟୁ ହାର ଚିନ୍ତାଜନକ ଭାବେ ବୃଦ୍ଧି ପାଇବା ପରେ ଚିହିଙ୍କି ଉଠିଲେ ସରକାର। କଥାରେ ଅଛି ଶହେ ମୂଷା ଖାଇସାରିବା ପରେ ବିରାଡି ବାହାରିଲା ତୀର୍ଥ କରିବାକୁ। ସେମିତି ତାଳଗଛ ଲୋପ ପାଇବା ପରେ ଏବେ ଜାରି ହେଲା ତାଳଗଛ କାଟିବା ଉପରେ କଟକଣା। ସରକାରୀ ଘୋଷଣା ଅନୁସାରେ ୨୦୨୪–୨୫ ଓ ୨୦୨୫–୨୬ ଆର୍ଥିକ ବର୍ଷରେ ଊଣେଇଶ ଲକ୍ଷ ତାଳଗଛ ରୋପଣ ହେବ ଏବଂ ଏଥିପାଇଁ ବିନିଯୋଗ ହେବ ସାତ କୋଟି ଅଣଷଠି ଲକ୍ଷ ଟଙ୍କା। ନିଷ୍ଠାର ସହିତ ଯୋଜନା କାର୍ଯ୍ୟକାରୀ ହେଲେ ଉପକାର ମିଳିବ ପ୍ରାୟ ଦୁଇ ଦଶନ୍ଧି ପରେ। ମାତ୍ର ମଞ୍ଜି ରୋପଣ ଓ ଗଛ ଉଠାରିବା କାର୍ଯ୍ୟଟି ସଫଳ ହେଲେ ତ ? କହିବାର କଥା କାର୍ଯାନ୍ୱୟ ଦାୟିତ୍ୱ ବନ ବିଭାଗ ଅଧିକାରୀଙ୍କ ଉପରେ ନ୍ୟସ୍ତ, ଯେଉଁମାନଙ୍କ ପାଖରେ ରହିଛି ବନୀକରଣ ବିଫଳତାର ଦୀର୍ଘ ଅଭିଜ୍ଞତା। ପରିବେଶ ସମ୍ପର୍କିତ ମାଗାଜିନ 'ଡାଉନ ଟୁ ଆର୍ଥ' ଅନୁଯାୟୀ ଓଡ଼ିଶାରେ ଚାରାରୋପଣ କାର୍ଯ୍ୟକ୍ରମର ବର୍ଷକ ପରେ ବଞ୍ଚୁଥିବା ଗଛ ସଂଖ୍ୟା ଏକ ପ୍ରତିଶତରୁ ବି କମ୍। ଏହାର ମୁଖ୍ୟ କାରଣ ବନ ବିଭାଗ ଓ ଜନସାଧାରଣ ମଧ୍ୟରେ ସମନ୍ୱୟର ଅଭାବ। ତାଳଗଛ ରୋପଣ କ୍ଷେତ୍ରରେ ବନ ବିଭାଗ ଅନ୍ତତଃ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିଧିକୁମାର ରାଉତରାୟଙ୍କ ଭଳି ପରିବେଶପ୍ରେମୀଙ୍କ ସହଯୋଗ ନେବା ଉଚିତ, ଯିଏ ଗଲା ଦୁଇ ବର୍ଷ ଭିତରେ କୋଣାର୍କ, ବ୍ରହ୍ମଗିରି, ଅସ୍ତରଙ୍ଗ, ପୁରୀ ଓ ପାରାଦୀପ ଆଦି ଉପକୂଳ ଅଞ୍ଚଳରେ ୩୧ ହଜାରରୁ ଅଧିକ ତାଳଗଛ ଲଗେଇ ସାରିଲେଣି ନିଜସ୍ୱ ଉଦ୍ୟମରେ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଟଙ୍କା ମୁହଁ କରିଦେବ ବଙ୍କା



ଡ. ସୀତାକାନ୍ତ ତ୍ରିପାଠୀ

ବର୍ତ୍ତମାନ ଆମ ରାଜ୍ୟ ଓଡ଼ିଶାରେ ଆଳୁ ଦର କାହିଁରେ କ'ଣ ? ନିଜ ପାଖରେ ଆଳୁ ନ ଥିବାରୁ ଆମ ରାଜ୍ୟର ବେପାରୀମାନେ ଏ ରାଜ୍ୟରୁ ସେ ରାଜ୍ୟକୁ ଧାଉଁଛନ୍ତି ଏବଂ ଆଳୁ ଯୋଗାଡ଼ କରି ଏ ଜାଗା ସେ ଜାଗାରେ ନେଇ ରଖୁଛନ୍ତି। ଆଉ 'ବାଣିଜ୍ୟେ ବସତି ଲକ୍ଷ୍ମୀ' ନ୍ୟାୟରେ କିଛି ମୁନାଫାଖୋର ବେପାରୀ ଅସାଧୁ ଉପାୟରେ ଟଙ୍କା ରୋଜଗାର କରିବାରେ ବ୍ୟସ୍ତ। ଏଥିପାଇଁ ଅନେକ ଲୋକ ଆମର ନୈତିକ ଶିକ୍ଷା ବ୍ୟବସ୍ଥାକୁ ଦୋଷ ଦେଉଛନ୍ତି ।

ଏବେ ଆମେ ଶିକ୍ଷା ବ୍ୟବସ୍ଥା କଥା ବିଚାର କରିବା। ଆମ ଗାଁ କହ୍ନେଇଁ ସାର୍, ବୟସ ପଞ୍ଚସ୍ତରୀରୁ ଅଧିକ। ଭଗବାନଙ୍କ ଆଶୀର୍ବାଦ ତଥା ନିଜସ୍ୱ ଉଦ୍ୟମରୁ ତାଙ୍କ ଶରୀର ଓ ମନ ସୁସ୍ଥ ଅଛି ବୋଲି ସିଏ ଆଖପାଖ ଅଞ୍ଚଳରେ ଡିଣ୍ଡିମ ପିଟନ୍ତି। ଏ ବୟସରେ ଦିନକୁ ଦୁଇବେଳା ପ୍ରାୟ ୫୦–୬୦ ଜଣଙ୍କୁ ବିଭିନ୍ନ ଗ୍ରୁପରେ ବସାଇ ଟିଉସନ କରିବାରେ ବ୍ୟସ୍ତ। ପଚାରିଲେ କୁହନ୍ତି, ପିଲାମାନେ ଆଉ ତାଙ୍କ ବାପା– ମା'ମାନେ ମୋତେ କ'ଣ ଛାଡୁଛନ୍ତି ? କ'ଣ ନା 'ଆପଣଙ୍କ ପାଖରେ ବସିଗଲେ ପାଠ ଆପେଆପେ ହୋଇଯିବ'। ମୁଁ କହିଲି ସାର୍ ଆପଣ କ'ଣ ବାସ୍ତବରେ ସେମାନଙ୍କୁ ଛାଡ଼ିବାକୁ ଚାହୁଁଛନ୍ତି ? ସେମାନେ ଆପଣଙ୍କୁ ଛାଡ଼ିପାରୁ ନାହାନ୍ତି ନା ଆପଣ ସେମାନଙ୍କୁ ଛାଡ଼ିପାରୁ ନାହାନ୍ତି। କଥାକୁ ଆଉ ଆଗକୁ ବଢ଼ାଇବାକୁ ନ ଦେଇ ସାର୍ କହିଲେ କ'ଣ କରିବି, ପିଲା ଆଉ ପାଠପଢ଼ାକୁ ନେଇ ମୋର ୩୫ ବର୍ଷର ଚାକିରିର ମାୟାକୁ ଛାଡ଼ିବା କ'ଣ ସହଜ କଥା ? ଲୋକମାନେ ମଧ୍ୟ କୁହନ୍ତି, ସାର୍‌ଙ୍କର ପାଠ ପଢ଼ାଇବା କେବଳ ପେସା ନ ଥିଲା ବରଂ ନିଶା ଥିଲା। ଆଉ ସେଇ ନିଶା ଯୋଗୁ ଭୋର ୪ଟା ବେଳୁ ରାତି ୧୧ଟା ପର୍ଯ୍ୟନ୍ତ ସମୟ ଅଣ୍ଟେ ନାହିଁ। ଏହା କେବଳ ଜଣେ ଶିକ୍ଷକଙ୍କର କାହାଣୀ ନୁହେଁ ବରଂ ଅନେକ ଶିକ୍ଷକ ନିଜ ପିଲା, ପରିବାର କଥା ବନ୍ଧୁବାନ୍ଧବ ତୁଚ୍ଛ କରି ପଇସା ରୋଜଗାରରେ ବ୍ୟସ୍ତ। ଏଠାରେ ଏହା ଏକ ଗର୍ହିତ ଅପରାଧ ପ୍ରସଙ୍ଗ ହିସାବରେ ଆଲୋଚନାର ପ୍ରସଙ୍ଗ ନୁହେଁ ବରଂ ପାଠ ପଢ଼ାଇବାର ମାୟା କିପରି ଟଙ୍କା ରୋଜଗାର କରିବାର ମୋହକୁ ରୂପାନ୍ତରିତ ହୁଏ ତାହାର ଏକ ଜ୍ୱଳନ୍ତ ଉଦାହରଣ। ଡାକ୍ତରମାନଙ୍କର ମଧ୍ୟ ତଦ୍ରୂପ ଅବସ୍ଥା ମେଡ଼ିକାଲ ଠାରୁ କ୍ଲିନିକ୍ ପୁଣି ସେଠାରୁ ଘର ସବୁଠି ରୋଗୀମାନଙ୍କର ଲାଇନ୍। ଥରେ ଜଣେ ରୋଗୀ ଡାକ୍ତରଙ୍କୁ ଦ୍ୱିତୀୟ ଥର ଦେଖାଇବା ସମୟରେ ତାଙ୍କର ଫିସ୍ କମ୍ କରିବାକୁ କହିବାରୁ ସିଏ କହିଲେ, ତମର ବାସୁମତୀ ଚାଉଳ ଖାଇବାକୁ ମନ, କିନ୍ତୁ ତାହା କ'ଣ ସରକାରୀ କଣ୍ଟ୍ରୋଲ ଦୋକାନରେ ରାଶନ କାର୍ଡରେ ମିଳିବ ? ଅଜ୍ଞାନ ରୂପକ ଅନ୍ଧକାରରେ ଆଲୋକର ପ୍ରଦୀପ ଜାଳିବାରେ ଶିକ୍ଷକମାନଙ୍କର ପ୍ରମୁଖ ଭୂମିକା ଥାଏ, ଯେଉଁଥିପାଇଁ ସେମାନଙ୍କୁ ଆମେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସ୍ୱରୂପରେ ପୂଜା କରିଥାଉ। ଡାକ୍ତରମାନେ ହେଉଛନ୍ତି ଦ୍ୱିତୀୟ ଭଗବାନ, ଯେଉଁମାନଙ୍କ ଯୋଗୁ ଆମେ ମୃତ୍ୟୁମୁଖରୁ ରକ୍ଷା ପାଇବା ସହିତ ଆମକୁ ଜୀବନ ଦାନ ମିଳିଥାଏ। ତାଙ୍କର ପଦେ ଆଶ୍ୱାସନା ବାଣୀରେ ଅଧା ରୋଗ ଦୂର ହୋଇଯାଏ କିନ୍ତୁ ସାଧାରଣ ଭାବେ କିଛି ଡାକ୍ତରଙ୍କ ବେପରୁଆ ତଥା ଅମାନବୀୟ ଆଚରଣ ଯୋଗୁ ସେମାନଙ୍କୁ ନିନ୍ଦିତ ହେବାକୁ ପଡ଼ିଥାଏ।



ଏ ଯୁଗର ବିଶ୍ୱକର୍ମା ବୋଲାଉଥିବା ଯନ୍ତ୍ରୀମାନେ ନିଜର କଳା ନୈପୁଣ୍ୟ ତଥା କାରିଗରି କୌଶଳର କରାମତିରେ ନଭଶ୍ଚୁମ୍ବୀ ପ୍ରାସାଦଠାରୁ ବନ୍ଧବାଡ଼, ରାସ୍ତାଘାଟ ଆଦି ନିର୍ମାଣ କରିବା ସମୟରେ ଅର୍ଥ ପ୍ରତି ଥିବା ଅହେତୁକ ମୋହ ହେତୁ ଜନସେବାକୁ ତୁଚ୍ଛ କରିଦିଅନ୍ତି ; ଯାହା ଫଳରେ କେଉଁଠି ପୋଲ ଭୁଷୁଡ଼ି ପଡ଼ିଲାଣି ତ ଆଉ କେଉଁଠି ରାସ୍ତା ମାନଙ୍କରେ ବିରାଟ ଗର୍ତ୍ତ। ଏହାକୁ ଦେଖି ଲୋକମାନେ କଥା ହୁଅନ୍ତି ଯନ୍ତ୍ରୀ, ମନ୍ତ୍ରୀ, ତନ୍ତ୍ରୀ ଯେଉଁଠି ମିଳିତ ହୋଇଯାଆନ୍ତି ସେଠାରେ ଜୀବନ ତନ୍ତ୍ରୀ କଥା କିଏ ପଚାରେ। ସେମାନେ ଭାବନ୍ତି, ବିଲେଇ ପିଲା ପରି ସେମାନେ ଲୁଚି ଲୁଚି କ୍ଷୀର ପିଉଛନ୍ତି ଆଉ ସେମାନଙ୍କୁ କେହି ଦେଖିପାରୁ ନାହାନ୍ତି। ତା' ନ ହୋଇଥିଲେ ଜଣେ ଲୋକର ଶତାଧିକ ପ୍ଲଟ କିଣିବାର ମୋହ ଆଗରେ ଲୋକମାନଙ୍କର ଜୀବନ ହାନି ଗୌଣ ବୋଲି ବିଚାର କରିବାକୁ ପଡ଼ନ୍ତା ନାହିଁ।

ଏସବୁ ପ୍ରସଙ୍ଗ ଆଲୋଚନା ସମୟରେ ଦୁଇ ଜଣଙ୍କ କଥା ମନକୁ ଆସେ, ଜଣେ ହେଲା ମାଙ୍କଡ଼ ଛୁଆ ଆଉ ଜଣେ ହେଲା ବିଲେଇ ଛୁଆ। ମାଙ୍କଡ଼ ଛୁଆଟି ପିଲାବେଳେ ମା'କୁ କୁଣ୍ଢାଇ ଚାଲିଥାଏ, ମା' ଯୁଆଡ଼େ ବି ଡେଉଁଥାଉ, ବୁଲୁଥାଉ ଛୁଆଟି ତାକୁ କେବେ ଛାଡ଼େ ନାହିଁ। ମା' ବିଲେଇ ମଧ୍ୟ ତା'ର ପିଲାମାନଙ୍କୁ ସୁରକ୍ଷା ଦେବ ବୋଲି ଦାନ୍ତରେ ସେମାନଙ୍କୁ କାମୁଡ଼ି ଏ ଘରୁ ସେ ଘରକୁ ନେଇଥାଏ। ଉଭୟ କ୍ଷେତ୍ରରେ ପିଲାଙ୍କର ସୁରକ୍ଷା ମୁଖ୍ୟ ପ୍ରସଙ୍ଗ। ଗୋଟିଏ ସ୍ଥାନରେ ପିଲାଟି ନିଜେ ନିଜର ସୁରକ୍ଷା କଥା ଚିନ୍ତା କରୁଥିବା ବେଳେ ଅନ୍ୟ କ୍ଷେତ୍ରରେ ମା' ଜଣକ ନିଜ ପିଲାର ସୁରକ୍ଷା ଚିନ୍ତା କରୁଛି। ସେହି ନ୍ୟାୟରେ ଆମମାନଙ୍କ ଜୀବନରେ ରୋଜଗାର କରିବା ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ସଂସାରରେ ଟଙ୍କା ପଇସାର ମୋହ ଆମକୁ କବଳିତ କରି ରଖିଛି ନା ଆମେ ସଂସାରର ଟଙ୍କା ପଇସାର ମୋହକୁ କବଳିତ କରି ରଖିଛନ୍ତି, ତାହା ବିଚାର କରିବା ଏକ ଦୁରୂହ ବ୍ୟାପାର।

ଭଦ୍ରକ, ମୋ– ୯୭୭୮୭୬୪୩୯୪

## ଏଇ ଭାରତରେ

ଗଣେଶଙ୍କ ମୂର୍ତ୍ତି ଯେଉଁଠି ବିସର୍ଜନ ହେବ ସେଇଠି ଆପେ ଆପେ ଉଠିବ ଗଛଟିଏ ଏକଥା ଆଦୌ କାଳ୍ପନିକ ଅବା ମିଥ୍ୟା ନୁହେଁ। ଏମିତି ଏକ କଳ୍ପନାକୁ ରୂପ ଦେଇଛନ୍ତି ମଧ୍ୟପ୍ରଦେଶ ନର୍ମଦାପୁରମ ଜିଲାର ଇଟାରସୀ ସହର ବାସିନ୍ଦା ବିନୋଦ ଚୌଧୁରୀ। ସେ ଏଭଳି ଗଣେଶ ମୂର୍ତ୍ତି ସବୁ ତିଆରି କରିଛନ୍ତି, ଯାହାକୁ ବିସର୍ଜନ କରିବା ପରେ ସେଥିରୁ ଚାରାଟିଏ ଅଙ୍କୁରିତ ହୋଇପାରିବ। ବିନୋଦ ଷ୍ଟେସନ ମାଷ୍ଟର ଭାବେ କାମ କରନ୍ତି କିନ୍ତୁ ପ୍ରତିବର୍ଷ ସେ ଗଣେଶ ପୂଜା ପାଇଁ ଏକ ଥିମ୍ ନେଇ ମୂର୍ତ୍ତି ତିଆରି କରନ୍ତି। ଏବର୍ଷ ପରିବେଶ ସୁରକ୍ଷା ଦିଗକୁ ଚିନ୍ତାକରି ସେ ପ୍ରତ୍ୟେକ ଗଣେଶ ମୂର୍ତ୍ତି ଭିତରେ ଏକ ସିଡ ବଲ ରଖିଛନ୍ତି। ତେଣୁ ମୂର୍ତ୍ତି ବିସର୍ଜନ ସ୍ଥାନରେ ଗଛଟିଏ ସୃଷ୍ଟି ହୋଇପାରିବ। ମୂର୍ତ୍ତି ସବୁ ମାଟିରେ ତିଆରି ହୋଇଛି ଓ ସେଥିରେ ସେ କେବଳ ପ୍ରାକୃତିକ ରଙ୍ଗ ହିଁ ବ୍ୟବହାର କରିଛନ୍ତି ଆଉ ମୂର୍ତ୍ତି ଭିତରେ ରଖିଥିବା ସିଡ ବଲ ସବୁକୁ ବହୁ ପୂର୍ବରୁ ତିଆରି କରି ରଖିଥିଲେ। ତେବେ ମୂର୍ତ୍ତି ତିଆରି କରିବା ପାଇଁ ସେ ୭ ଦିନ ଛୁଟି ନେଇଛନ୍ତି ଓ ପରିବାରର ସମସ୍ତ ସଦସ୍ୟ ତାଙ୍କୁ ଏହି କାମରେ ସହଯୋଗ ବି କରିଛନ୍ତି। ଗତବର୍ଷ ସେ ଭୋଟ୍‌ଦାନ ଅଧିକାରକୁ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗଣେଶ ମୂର୍ତ୍ତି ତିଆରି କରିଥିଲେ। ଏବର୍ଷ ଏଭଳି ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ତିଆରି କରିଛନ୍ତି।

## ଚିରନ୍ତନୀ

ନିଭିଲା ଦୂର
ଶଇଳ–ଚୂଡ଼ା
କାନନ ଗଲା ଭାସି
ଅରୂପ ହେଲା ଧରାର ରୂପରାଶି।
(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୫୦ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୭୫

- ସୁଦାନର ରାଷ୍ଟ୍ରପତି ଜେନେରାଲ ଗଫର ଏଲ୍. ନ୍ୟୁମେରିଙ୍କୁ ଗାଦିଚ୍ୟୁତ କରିବା ପାଇଁ ବ୍ୟର୍ଥ ଷଡ଼ଯନ୍ତ୍ରରେ ଲିପ୍ତ ଥିବା ଅଧିକାଂଶ ବିଦ୍ରୋହୀ ଗିରଫ।
- ଗୌହାଟୀ ହାଇକୋର୍ଟ ଜଜ୍ ଜଷ୍ଟିସ୍ ଶ୍ରୀ ଡି.ଏମ୍. ସେନ୍‌ଙ୍କ ଅଧୀନରେ ବେଆଇନ କାର୍ଯ୍ୟକଳାପ ନିରାକରଣ ଟ୍ରିବ୍ୟୁନାଲ ଗଠନ।
- ରାଜସ୍ଥାନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ମୋହନ ସିଂ ମେହେଟାଙ୍କୁ ସାକ୍ଷରତା ତଥା ପ୍ରୌଢ଼ଶିକ୍ଷାର ପ୍ରସାର କ୍ଷେତ୍ରରେ ବିଶେଷ ଅବଦାନ ଓ ନେହରୁ ସାକ୍ଷରତା ପୁରସ୍କାର ପ୍ରଦାନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | |
| | | 6 | | 7 | | | | |
| 7 | | 9 | 5 | | | | | 6 |
| | | 4 | | | | | 6 | |
| 2 | | 7 | 3 | 9 | | | | 5 |
| 5 | | | | | | 1 | 7 | |
| | | | | | 1 | 9 | | |
| | | | | | | | 2 | 4 |
| | | | 7 | 6 | 8 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 1 | 2 | 8 | 4 | 5 | 6 | 3 |
| 5 | 6 | 4 | 1 | 7 | 3 | 2 | 9 | 8 |
| 2 | 3 | 8 | 5 | 6 | 9 | 7 | 4 | 1 |
| 4 | 5 | 6 | 9 | 3 | 1 | 8 | 7 | 2 |
| 9 | 1 | 3 | 7 | 2 | 8 | 4 | 5 | 6 |
| 8 | 2 | 7 | 4 | 5 | 6 | 3 | 1 | 9 |
| 6 | 8 | 9 | 3 | 4 | 7 | 1 | 2 | 5 |
| 1 | 7 | 5 | 8 | 9 | 2 | 6 | 3 | 4 |
| 3 | 4 | 2 | 6 | 1 | 5 | 9 | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦିବ୍ୟାଙ୍ଗଙ୍କ ଦର୍ଶନ ସ୍ଲଟ୍ ବୁକିଂ ଜରିଆରେ କରାଯାଉ

ମହାଶୟ,

ନୂତନ ସରକାର ଶ୍ରୀମନ୍ଦିର କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଓ ମାଗଣାରେ ଅବଢ଼ା ପ୍ରଦାନ ନିଷ୍ପତ୍ତି ଜନସାଧାରଣଙ୍କୁ ଆନନ୍ଦ ଦେଇଛି। ପୁରୀରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନିମନ୍ତେ ଭକ୍ତଙ୍କ ଅହେତୁକ ଇଚ୍ଛାଯୋଗୁ ପ୍ରତ୍ୟେକ ଦିନ ଭିଡ଼ ଲାଗିରହୁଛି ଏବଂ ଛୁଟି ଦିନମାନଙ୍କରେ ଦର୍ଶନ ଅସମ୍ଭବ ହୋଇପଡୁଛି। ଏଣୁ ଅଧିକାଂଶ ବୟସ୍କ ଭକ୍ତ ପ୍ରଭୁଙ୍କୁ ଦର୍ଶନ କରିପାରୁନାହାନ୍ତି। ମନ ଦୁଃଖରେ ଫେରୁଛନ୍ତି। ବୟସ ବଢ଼ିଲେ ପ୍ରଭୁଙ୍କଠାରେ ଭକ୍ତିଭାବ ବୃଦ୍ଧି ଘଟିଥାଏ। ଜଗନ୍ନାଥ ଦର୍ଶନ କରିବା ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଏକ ଆବେଗ ସୃଷ୍ଟି ହୁଏ। କିନ୍ତୁ ସେ ସୁଯୋଗ ସେମାନଙ୍କୁ ମିଳିପାରୁନାହିଁ। ଏହି ପରିପ୍ରେକ୍ଷୀରେ ଗଜପତି ମହାରାଜାଙ୍କ ସ୍ଲଟ୍ ବୁକିଂ ପ୍ରସ୍ତାବ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ବିବେଚିତ ହୋଇପାରିବ। ଦିବ୍ୟାଙ୍ଗ, ୭୦ ବର୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ସ୍ଲଟ୍ ବୁକିଂ ବ୍ୟବସ୍ଥା ଜରିଆରେ ନିଜର ଆରାଧ୍ୟ ଦେବତାଙ୍କୁ ଭିତରକାଠ ନିକଟରେ ମନ୍ଦିର କର୍ମଚାରୀଙ୍କ ସହାୟତାରେ ଦର୍ଶନ ସୁଚାରୁ ରୂପେ ହୋଇପାରିବ, ଯାହାଫଳରେ ବୟସ୍କ ଭକ୍ତମାନେ ତାଙ୍କର ଆରାଧ୍ୟ ଦେବତାଙ୍କୁ ନିଶ୍ଚିତ ଦର୍ଶନ କରିବା ପାଇଁ ସକ୍ଷମ ହୋଇପାରିବେ ଓ ଆନନ୍ଦ ବଜାରରେ ଅବଢ଼ା ଖାଇ ଆତ୍ମସନ୍ତୋଷ ଲାଭ କରିବେ।

– ଡି. ଉପେନ୍ଦ୍ର, ନୟାପଲ୍ଲୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ହୃଦ୍‌ଘାତରେ ଅଭିନେତା ବିକାଶଙ୍କ ମୃତ୍ୟୁ



ମୁମ୍ବାଇ,୮।୯ (ପି.ଟି.)

ଟିଭି ସିରିଏଲ୍ ଅଭିନେତା ବିକାଶ ସେଠୀଙ୍କର ଶନିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୪୮ ବର୍ଷ ହୋଇଥିଲା। 'କ୍ୟୁଁ କୀ ସାସ୍ ଭି କଭି ବହୂ ଥି', 'କହିଁ ତୋ ହୋଗା', 'ସସୁରାଲ ସିମର କା' ଆଦି ଲୋକପ୍ରିୟ ଟିଭି ସିରିଏଲ୍‌ରେ ସେ ଅଭିନୟ କରିଥିଲେ। ନାସିକ୍‌ରେ ଏକ ପରିବାର ଉତ୍ସବରେ ବିକାଶ ଅସୁସ୍ଥ ହୋଇପଡ଼ିଥିଲେ। ସକାଳେ ଉଠାଇଲା ବେଳକୁ ତାଙ୍କର ପରଲୋକ ହୋଇସାରିଥିଲା । ଶୋଇବା ଅବସ୍ଥାରେ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି।

### ହରିୟାଣା ନିର୍ବାଚନ

### ୫ ଆସନରେ ଲଢ଼ିବ ଆପ୍

ନୂଆଦିଲ୍ଲୀ,୮।୯

ଅକ୍ଟୋବର ୫ରେ ହେବାକୁ ଥିବା ହରିୟାଣା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟରେ ଆସନ ବୁଝାମଣା ଏକପ୍ରକାର ଚୂଡ଼ାନ୍ତ ହୋଇଥିବା କୁହାଯାଉଛି। ଆପ୍ ୫ଟି ଆସନରେ ଲଢ଼ିବା ପାଇଁ ରାଜି ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ସୋମବାର ଆସନ ବୁଝାମଣାର ଚୂଡ଼ାନ୍ତ ରୂପରେଖ ପ୍ରକାଶ ପାଇବ। ସୂତ୍ର ଅନୁଯାୟୀ, କଂଗ୍ରେସର ଦୀପକ ବାବାରିଆ ଏବଂ ଆପ୍ ନେତା ରାଘବ ଚଢ଼ାଙ୍କ ମଧ୍ୟରେ ମେଣ୍ଟ ଆଲୋଚନା ସକାରାତ୍ମକ ଦିଗରେ ଅଗ୍ରଗତି କରୁଛି। ସୋମବାର ସୁଦ୍ଧା ବୁଝାମଣା ଚୂଡ଼ାନ୍ତ ହେବାକୁ ଥିବାବେଳେ ଆପ୍ ୫ ଆସନରେ ଲଢ଼ିବାକୁ ରାଜିଥିବା ଜଣାପଡ଼ିଛି। ବ୍ୟକ୍ତିଗତ ଆଶା ଆକାଂକ୍ଷାଠାରୁ ଦୂରେଇଯାଇ ଉଭୟ ଦଳ ମେଣ୍ଟ କରିବାକୁ ଚାହାନ୍ତି ବୋଲି ରାଜ୍ୟ ସଭା ସଦସ୍ୟ ରାଘବ କହିଥିଲେ। ୯୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ଶେଷ ତାରିଖ ସେପ୍ଟେମ୍ବର ୧୨ ରହିଛି।

### କପ୍‌ଲର ଭାଙ୍ଗିଯିବାରୁ ମଗଧ ଏକ୍ସପ୍ରେସ୍ ୨ ଭାଗ

ପାଟନା, ୮।୯

ବିହାରର ବକ୍ସର ଜିଲା ଡୁମରାଓଁ ଏବଂ ରଘୁନାଥପୁର ଷ୍ଟେଶନ ମଧ୍ୟରେ ଟୁଡ଼ିଗଞ୍ଜ ଷ୍ଟେଶନ ନିକଟରେ ମଗଧ ଏକ୍ସପ୍ରେସ ଟ୍ରେନ୍‌ର ବଗିକୁ ସଂଯୋଗ କରୁଥିବା କପ୍‌ଲର ଭାଙ୍ଗିଯିବାରୁ ଡବାଗୁଡ଼ିକ ୨ ଭାଗ ହୋଇଯାଇଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ବକ୍ସର ଜିଲା ପ୍ରଶାସନ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଟ୍ରେନ୍ ୨ ଭାଗରେ ବିଭକ୍ତ ହେବା ପରେ ସ୍ଥାନୀୟ ରେଳ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ହୋଇଥିଲା। ବକ୍ସର ଜିଲା ପ୍ରଶାସନ ଏବଂ ସ୍ଥାନୀୟ ରେଳ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି।

# 'ଏମର୍ଜେନ୍ସି'କୁ ମିଳିଲା ୟୁଏ ସାର୍ଟିଫିକେଟ୍

ନୂଆଦିଲ୍ଲୀ, ୮।୯




ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାଓ୍ୱତଙ୍କ 'ଏମର୍ଜେନ୍ସି' ଚଳଚ୍ଚିତ୍ର ଖୁବ୍‌ଶୀଘ୍ର ବଡ଼ ପରଦାରେ ରିଲିଜ୍ ହେବ। ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ (ସିବିଏଫ୍‌ସି) ପକ୍ଷରୁ କିଛି ସର୍ତ୍ତ ସହ 'ଏମର୍ଜେନ୍ସି'କୁ ୟୁଏ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଫିଲ୍ମର କିଛି ଦୃଶ୍ୟ କାଟିବାକୁ ସେନ୍ସର ବୋର୍ଡ ଫିଲ୍ମ ନିର୍ମାତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ଫିଲ୍ମରେ ପ୍ରଦର୍ଶିତ ହେବାକୁ ଥିବା ଐତିହାସିକ ଘଟଣାବଳୀ ପାଇଁ ନିର୍ମାତାଙ୍କୁ ଡିସ୍‌କ୍ଲେମର ପ୍ରଦାନ କରିବାକୁ ପଡ଼ିବ। ତେବେ ଥିଏଟରଗୁଡ଼ିକରେ 'ଏମର୍ଜେନ୍ସି' କେବେ ରିଲିଜ୍ ହେବ ସେନେଇ କୌଣସି ସୂଚନା ମିଳିନାହିଁ। ପୂର୍ବରୁ 'ଏମର୍ଜେନ୍ସି' ଫିଲ୍ମ ନିର୍ମାତାଙ୍କ ଅଭିଯୋଗ କ୍ରମେ ଆସନ୍ତା ୧୮ ସୁଦ୍ଧା ଫିଲ୍ମକୁ ସାର୍ଟିଫିକେଟ ପ୍ରଦାନ

### ଫିଲ୍ମର କିଛି ଦୃଶ୍ୟ ହଟାଇବାକୁ ନିର୍ଦ୍ଦେଶ

ନେଇ ନିଷ୍ପତ୍ତି ନେବାକୁ ବମ୍ବେ ହାଇକୋର୍ଟ ସିବିଏଫ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଫିଲ୍ମର ଟ୍ରେଲର ରିଲିଜ୍ ହେବା ପରେ ଏହା ସମାଜକୁ ଭୁଲ୍ ତଥ୍ୟ ପ୍ରଦାନ କରୁଥିବା ଅଭିଯୋଗ କରି ପଞ୍ଜାବର ଶିରୋମଣି ଅକାଳୀ ଦଳ(ଏସ୍ଏଡି) ସମେତ ବହୁ ଶିଖ୍ ସଂଗଠନ ଫିଲ୍ମର ରିଲିଜକୁ ବିରୋଧ କରିଥିଲେ, ଯାହା ପରେ 'ଏମର୍ଜେନ୍ସି' ବିବାଦ ଘେରକୁ ଆସିଥିଲା।

# ୟୁଟ୍ୟୁବ୍ ଦେଖି ନକଲି ଡାକ୍ତରଙ୍କ ଅସ୍ତ୍ରୋପଚାର

ପାଟନା,୮।୯

ବିହାରର ସରନ ଜିଲାରେ ଜଣେ ନକଲି ଡାକ୍ତର ୟୁଟ୍ୟୁବ୍ ଭିଡିଓ ଦେଖି ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରିବା ଯୋଗୁ ଜଣେ ୧୫ ବର୍ଷୀୟ ବାଳକଙ୍କର ମୃତ୍ୟୁ ଘଟିଛି। ନାବାଳକଙ୍କ ଗଲ୍ ବ୍ଲାଡରରୁ ଷ୍ଟୋନ୍ ବାହାର କରିବା ପାଇଁ ନକଲି ଡାକ୍ତର ଜଣକ ଅସ୍ତ୍ରୋପଚାର କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତଥାକଥିତ ଡାକ୍ତର ଜଣକ ଏକ ଆମ୍ବୁଲାନ୍ସ ଯୋଗେ ରୋଗୀଙ୍କୁ ପାଟନାର ଏକ ହସ୍ପିଟାଲକୁ ପଠାଇଦେଇଥିଲେ। ବାଟରେ ରୋଗୀଙ୍କର ମୃତ୍ୟୁ ହେବାରୁ



ଡାକ୍ତର ଓ ତାଙ୍କ ସହଯୋଗୀ ମୃତଦେହକୁ ହସ୍ପିଟାଲରେ ପକାଇଦେଇ ଫେରାର ହୋଇଯାଇଥିଲେ। ମୃତ କ୍ରିଷ୍ଣା କୁମାରଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ ତାଙ୍କୁ ବାରମ୍ବାର ବାନ୍ତି ହେବାରୁ ସେମାନେ ସରନର

### ନାବାଳକଙ୍କ ମୃତ୍ୟୁ

ଗଣପତି ହସ୍ପିଟାଲକୁ ନେଇଥିଲେ। ଔଷଧ ଖାଇବା ପରେ ବାନ୍ତି ବନ୍ଦ ହୋଇଯାଇଥିଲା। ତେବେ ତାଙ୍କର ଅସ୍ତ୍ରୋପଚାର ଆବଶ୍ୟକ ବୋଲି ଡାକ୍ତର ଅଜିତ କୁମାର ପୁରୀ କହିଥିଲେ। ସେ ୟୁଟ୍ୟୁବ୍‌ର ଭିଡିଓ ଦେଖି ଅସ୍ତ୍ରୋପଚାର କରିବାରୁ ପୁଅର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ କହିଛନ୍ତି। ଡାକ୍ତରଙ୍କର ପ୍ରକୃତ ଯୋଗ୍ୟତା ଅଛି କି ନାହିଁ, ତାହା ସେମାନଙ୍କୁ ଜଣା ନ ଥିଲା ବୋଲି କହିଛନ୍ତି।

# ଆଞ୍ଚଳିକ ସଂହତିର ସୁରକ୍ଷା ପାଇଁ କେନ୍ଦ୍ର ପଦକ୍ଷେପ ନେଉ

### ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲେ ମଣିପୁର ମୁଖ୍ୟମନ୍ତ୍ରୀ

ଇମ୍ଫାଲ,୮।୯ (ପି.ଟି.)

ମଣିପୁରରେ ସାନି ହିଂସାକାଣ୍ଡ ପରେ ଆଞ୍ଚଳିକ ସଂହତିର ସୁରକ୍ଷା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ରବିବାର ଅପିଲ୍ କରିଛନ୍ତି। କୁକି-ଜୋ ସମ୍ପ୍ରଦାୟର ଅଲଗା ପ୍ରଶାସନ ଦାବିକୁ କେନ୍ଦ୍ର ସରକାର ରାଜି ନ ହେବାକୁ



ଏନ୍. ବୀରେନ୍ ସିଂ

ବୀରେନ୍ କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ଏକ ସ୍ମାରକପତ୍ର ଜରିଆରେ ଉପରୋକ୍ତ ଅନୁରୋଧ ଜଣାଇଛନ୍ତି। ତାଙ୍କ ସମେତ ବହୁସଂଖ୍ୟାରେ ବିଧାୟକ ଏବଂ ବିଧାନସଭା ବାଚସ୍ପତି ରବିବାର ରାଜଭବନକୁ ଯାଇ ରାଜ୍ୟପାଳଙ୍କୁ ଭେଟିଥିଲେ।

ସ୍ମାରକପତ୍ରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ମଣିପୁରରେ ଶାନ୍ତି ସୁନିଶ୍ଚିତ କରାନ୍ତୁ ଏବଂ ନିର୍ବାଚିତ ରାଜ୍ୟ ସରକାରଙ୍କୁ ପର୍ଯ୍ୟାପ୍ତ କ୍ଷମତା ଦିଅନ୍ତୁ। ସସ୍ପେନ୍‌ଶନ ଅଫ୍ ଅପରେଶନ (ଏସ୍‌ଓଓ) ଚୁକ୍ତିନାମାକୁ ରଦ୍ଦ କରିବା ପାଇଁ ବୀରେନ୍ ଆହ୍ୱାନ ଦେଇଛନ୍ତି। ୨୦୦୮ରେ କେନ୍ଦ୍ର ସରକାର, ମଣିପୁର ସରକାର ଏବଂ କୁକି ଉଗ୍ରପନ୍ଥୀ ସଂଗଠନର ୨ ଗୋଷ୍ଠୀ କୁକି ନ୍ୟାଶନାଲ ଅର୍ଗାନାଇଜେଶନ (କେଏନ୍‌ଓ) ଏବଂ ୟୁନାଇଟେଡ୍ ପିପୁଲ୍ସ ଫ୍ରଣ୍ଟ (ୟୁପିଏଫ୍) ମଧ୍ୟରେ ଏସ୍‌ଓଓ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲାବେଳେ ବିଭିନ୍ନ ସମୟରେ ଏହାର ସମୟସୀମା ବୃଦ୍ଧି କରାଯାଉଛି। ଗତ କିଛିଦିନ ହେଲା ମଣିପୁରରେ ହିଂସାକାଣ୍ଡ ବଢ଼ିବାରେ ଲାଗିଛି। ଶୁକ୍ରବାର ରକେଟ୍ ଆକ୍ରମଣରେ ଜଣେ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଶନିବାର ସକାଳେ ଜିରିବାମ୍ ଜିଲାରେ ସାନି ହିଂସା ଘଟି ୬ ଜଣଙ୍କ ଜୀବନ ଯାଇଥିଲା।

# ଟିଏମ୍‌ସି ଏମ୍‌ପି ସିର୍‌କରଙ୍କ ଇସ୍ତଫା

### ଆର୍.ଜି. କର ମାମଲାର ପ୍ରତିବାଦ

କୋଲକାତା,୮।୯

କୋଲକାତା ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଦୁର୍ନୀତିର ପ୍ରତିବାଦରେ ରାଜ୍ୟ ସଭା ସଦସ୍ୟ ଜୌହର ସିର୍‌କର ଉଭୟ ଦଳ ଓ ପାର୍ଲାମେଣ୍ଟରୁ ରବିବାର ଇସ୍ତଫା ଦେଇଛନ୍ତି। ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସିର୍‌କର ଟିଏମ୍‌ସି ଅଧ୍ୟକ୍ଷା ମମତା ବାନାର୍ଜୀଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ତାଙ୍କୁ ଦଳରେ ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଛନ୍ତି। ଦଳର ଗୋଟିଏ ଗୋଷ୍ଠୀ ନେତା ଦୁର୍ନୀତିରେ ଲିପ୍ତ ରହିଥିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେ ଇସ୍ତଫା ଦେଲେ ବୋଲି କହିଛନ୍ତି। ଆର୍.ଜି. କର ହସ୍ପିଟାଲର



ଜୌହର ସିର୍‌କର

ଜଘନ୍ୟ ଅପରାଧ ମାମଲାକୁ ମାସେ ବିତିଥିଲେ ମଧ୍ୟ ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନର ସମାଧାନ ପାଇଁ ମମତା ଏପର୍ଯ୍ୟନ୍ତ କିଛି କଲେ ନାହିଁ। ବର୍ତ୍ତମାନ ସୁଦ୍ଧା ସରକାର ଯାହା କିଛି ପଦକ୍ଷେପ ନେଇଛନ୍ତି, ତାହା ବହୁତ କମ୍ ଏବଂ ଖୁବ୍ ବିଳମ୍ବରେ ନିଆଯାଇଥିବା ସିର୍‌କର କହିଛନ୍ତି।



ଡଲାସ୍ଥିତ ଫୋର୍ଟ ୱର୍ଥ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭାରତୀୟ ସମୁଦାୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

### ରାହୁଲ ଗାନ୍ଧୀଙ୍କୁ ଆମେରିକାରେ ସ୍ୱାଗତ

ଡଲାସ, ୮।୯

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୩ ଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି। ତାଙ୍କୁ ଡଲାସ୍‌ରେ ଭାରତୀୟମାନେ ସ୍ୱାଗତ କରିଛନ୍ତି। ଏହି ଅବସରରେ ରାହୁଲଙ୍କ ସହ ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ(ଆଇଓସି) ନେତା ସାମ୍ ପିତ୍ରୋଡା ଉପସ୍ଥିତ ଥିଲେ। ରାହୁଲ ଏହାର ଫଟୋ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଶେୟାର କରିଛନ୍ତି। ରବିବାର ଡଲାସର ଟେକ୍ସାସ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷାବିତ୍‌ଙ୍କ ସହ ରାହୁଲ ଆଲୋଚନା କରିବା ସହ ଭାରତୀୟ ସମୁଦାୟର କିଛି ଟେକ୍ନୋକ୍ରାଟଙ୍କ ସହ ଭେଟିବାର କାର୍ଯ୍ୟକ୍ରମ ରହିଛି।

# ଭେନେଜୁଏଲାର ବିରୋଧୀ ନେତା ଗୋଞ୍ଜାଲେଜ୍‌ଙ୍କ ସ୍ପେନ୍ ପଳାୟନ

କାରାକସ୍,୮।୯

ଭେନେଜୁଏଲାର ପୂର୍ବତନ ବିରୋଧୀ ଦଳ ରାଷ୍ଟ୍ରପତି ପ୍ରାର୍ଥୀ ଏଡମୁଣ୍ଡୋ ଗୋଞ୍ଜାଲେଜ୍ ଦେଶ ଛାଡ଼ି ପଳାଇ ଯାଇଛନ୍ତି। ସ୍ପେନ୍ ତାଙ୍କୁ ଆଶ୍ରୟ ଦେବା ନିମନ୍ତେ ଅନୁମତି ପ୍ରଦାନ କରିଛି। ଦେଶରେ ଗୋଟିଏ ଦଳ ଦ୍ୱାରା ୨ ଦଶନ୍ଧିର ଶାସନରେ ଲକ୍ଷ ଲକ୍ଷ ଲୋକେ ଅତିଷ୍ଠ ହୋଇ ଗୋଞ୍ଜାଲେଜ୍‌ଙ୍କ ପ୍ରଚାର ଉପରେ ଆଶା ରଖିଥିଲେ। ତାଙ୍କର ପଳାୟନ ଏହି ଲୋକମାନଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ଜୁଲାଇରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ଗୋଞ୍ଜାଲେଜ୍ ବିଜୟୀ ହେବେ ବୋଲି ବିଭିନ୍ନ ଦେଶ ଆଶାବାଦୀ ଥିଲେ। ତେବେ ନିକୋଲାସ୍ ମାଦୁରୋ ତୃତୀୟ ଥର ପାଇଁ ଦେଶର ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଥିଲା। ତାଙ୍କୁ ୫୧ପ୍ରତିଶତ ଭୋଟ ମିଳିଥିବାବେଳେ ଗୋଞ୍ଜାଲେଜ୍ ୪୪% ଭୋଟ ପାଇଥିଲେ। ଭୋଟିଂରେ ଜାଲିଆତି ଅଭିଯୋଗ ହୋଇଥିଲା।



ଏଡମୁଣ୍ଡୋ ଗୋଞ୍ଜାଲେଜ୍

ଦେଶରେ ରାଜନୈତିକ ଶାନ୍ତି ଓ ସ୍ଥିରତା ପାଇଁ ଗୋଞ୍ଜାଲେଜ୍‌ଙ୍କୁ ସୁରକ୍ଷିତ ଭାବେ ଦେଶ ଛାଡ଼ିବା ନିମନ୍ତେ ସୁଯୋଗ ଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ।

# ୩ ଇସ୍ରାଏଲୀଙ୍କୁ ହତ୍ୟାକଲେ ଜୋର୍ଡାନ ବନ୍ଧୁକଧାରୀ

ୱେଷ୍ଟବ୍ୟାଙ୍କ,୮।୯

ଜଣେ ବନ୍ଧୁକଧାରୀ ଜୋର୍ଡାନ୍ ଅତିକ୍ରମ କରି ଇସ୍ରାଏଲ୍‌ର ୩ ଜଣ ସାଧାରଣ ନାଗରିକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଅଧିକୃତ ୱେଷ୍ଟବ୍ୟାଙ୍କ୍‌ର ଆଲେନବାଏ ବ୍ରିଜ୍ ସୀମାରେ ଏହି ହତ୍ୟାକାଣ୍ଡ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଛନ୍ତି। ଗତବର୍ଷ ଅକ୍ଟୋବର ୭ରେ ପାଲେଷ୍ଟିନୀୟ ଇସ୍‌ଲାମିକ୍ ଗୋଷ୍ଠୀ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରି ୧୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାରିବା ସହ ପ୍ରାୟ ୨୫୦ ଲୋକଙ୍କୁ ପଣବନ୍ଦୀ କରି ନେଇଯାଇଥିଲା। ଏହାର ପ୍ରତିଶୋଧରେ ୧୧ ମାସ ହେଲା ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି। ହମାସ୍ ଆକ୍ରମଣ ପରେ ଇସ୍ରାଏଲ୍‌ରେ ଜୋର୍ଡାନ ସୀମାରୁ ରବିବାର ପ୍ରଥମ ଆକ୍ରମଣ କରାଯାଇଛି। ଇସ୍ରାଏଲ୍ ନିୟନ୍ତ୍ରଣରେ ଥିବା ବ୍ୟବସାୟିକ କାର୍ଗୋ ଅଞ୍ଚଳରେ ଏହି ଆକ୍ରମଣ ହୋଇଛି। ସେଠାରେ ଜୋର୍ଡାନ୍ ଟ୍ରକ୍‌ଗୁଡ଼ିକ ଅଟକି ରହିଥିଲେ। ଜୋର୍ଡାନରୁ ଏକ ଟ୍ରକ୍‌ରେ ଜଣେ ଆତଙ୍କବାଦୀ ଆଲେନବାଏ ବ୍ରିଜ୍ ଅଞ୍ଚଳରେ ପହଞ୍ଚିବା ପରେ ସେଠାରେ ମୁତୟନ ଥିବା ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ।

# ମୁଖ୍ୟମନ୍ତ୍ରୀ ପଦ ଉପରେ ବରିଷ୍ଠ ନେତାଙ୍କ ନଜର

ବେଙ୍ଗାଲୁରୁ,୮।୯

ମହୀଶୂର ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ୟୁଡିଏ) ଦୁର୍ନୀତି ମାମଲାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ତଦନ୍ତର ସମ୍ମୁଖୀନ ହୋଇଥିବାବେଳେ ତାଙ୍କ ପଦବୀ ଉପରେ କେତେଜଣ ବରିଷ୍ଠ କଂଗ୍ରେସ ନେତା ନଜର ରଖିଛନ୍ତି। ତେବେ ସିଦ୍ଧାରାମାୟା ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି ଦଳ କହିଛି।

ସିଦ୍ଧାରାମାୟା ଦୁର୍ନୀତି ମାମଲା ସହ ଲଢୁଥିବାବେଳେ ବିରୋଧୀ ଦଳ ଭାଜପା ତାଙ୍କର ଇସ୍ତଫା ଦାବି କରିଛି। ଅନ୍ୟପକ୍ଷରେ ରାଜ୍ୟ କଂଗ୍ରେସ ଭିତରେ



ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ କେତେଜଣ ଖୋଲାଖୋଲି ଆଗ୍ରହ ପ୍ରକାଶ କରିଛନ୍ତି।

### ଦୁର୍ନୀତିରେ ଫସିଛନ୍ତି ସିଦ୍ଧାରାମାୟା

ବରିଷ୍ଠ ନେତା ଏମ୍.ବି. ପାଟିଲ ଏବଂ ଶିବାନନ୍ଦ ପାଟିଲଙ୍କ ମଧ୍ୟରେ ବରିଷ୍ଠତାକୁ ନେଇ ବଚସା ହୋଇଥିଲା। ଉଭୟ ବରିଷ୍ଠ ହୋଇଥିବାରୁ ନିଜକୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ବୋଲି କହିଛନ୍ତି। ତେବେ ଦଳ ନିଷ୍ପତ୍ତି ନେଲେ ଏବଂ ବିଧାୟକମାନଙ୍କ ସମର୍ଥନ ରହିଲେ, ବରିଷ୍ଠ କି କନିଷ୍ଠର ପ୍ରଶ୍ନ ଉଠୁନାହିଁ ବୋଲି ଏମ୍.ବି. ପାଟିଲ କହିଥିଲେ। ଶିବାନନ୍ଦ ଜେଡିଏସ୍/ଭାଜପାରୁ ଆସିଥିବାରୁ ତାଙ୍କୁ ସୁଯୋଗ ମିଳିବା ବହୁତ ଦୂର ବୋଲି ପାଟିଲ କହିଛନ୍ତି। ୨ ପାଟିଲଙ୍କୁ ବାଦ୍ ଦେଲେ ଗୃହମନ୍ତ୍ରୀ ଜି. ପରମେଶ୍ୱର ଏବଂ ପୂର୍ବମନ୍ତ୍ରୀ ସତୀଶ ଜର୍କିହୋଲିଙ୍କ ନାଁ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚର୍ଚ୍ଚା ହେଉଛି। ଏପରିକି ଏଥିପାଇଁ ଜର୍କିହୋଲି ବେଲାଗାଭିରେ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ବିଧାୟକ ଆର୍.ଭି. ଦେଶପାଣ୍ଡେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

## ଫୁର୍‌ସତ୍

# ୬.୭୪ ଫୁଟ ଉଚ୍ଚ ଆଇଫୋନ୍

ଲଣ୍ଡନ

ବିଶ୍ୱର ସବୁଠାରୁ ପସନ୍ଦ କରାଯାଉଥିବା ଫୋନ୍ ମଧ୍ୟରୁ ଆଇଫୋନ୍ ଅନ୍ୟତମ। ଆଇଫୋନ୍ କିଣିବା ପାଇଁ ଲୋକମାନେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ମଧ୍ୟ ପଛାଇ ନ ଥାନ୍ତି। ତେବେ ଅରୁଣ ରୂପେଶ ମୈନି ନାମକ ଜଣେ ଜଣାଶୁଣା ଭାରତୀୟ ବଂଶୋଦ୍ଭବ ବ୍ରିଟିଶ୍ ୟୁଟ୍ୟୁବର ଅବିକଳ 'ଆଇଫୋନ୍ ୧୫ ପ୍ରୋ ମାକ୍ସ' ପରି ଦେଖାଯାଉଥିବା ପ୍ରାୟ ୨ ମିଟର(୬.୭୪ ଫୁଟ) ଉଚ୍ଚ ଏବଂ ୨.୬୮ ଫୁଟ୍ ଚଉଡ଼ାର ଏକ ବିଶାଳ ଆଇଫୋନ୍ ନିର୍ମାଣ କରି ନିଜର ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ(ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ କରି ପାରିଛନ୍ତି।

ଅରୁଣଙ୍କର 'ମିଷ୍ଟର ହୁ ସେ ଦି ବସ୍' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ରହିଛି।



ସେ ୨୦୧୧ରେ ୟୁଟ୍ୟୁବର ଭାବେ ନିଜ କ୍ୟାରିୟର୍ ଆରମ୍ଭ କରିଥିଲେ। ସେ ନିଜ ଚ୍ୟାନେଲରେ ବିଭିନ୍ନ ବୈଷୟିକ ଭିଡିଓ ପ୍ରସ୍ତୁତ କରିବା ସହ ବଜାରକୁ ଆସୁଥିବା ନୂତନ ଗ୍ୟାଜେଟଗୁଡ଼ିକର ସମୀକ୍ଷା କରିଥାନ୍ତି। ୟୁଟ୍ୟୁବ୍‌ରେ ତାଙ୍କର ପ୍ରାୟ ୧.୯୪ କୋଟି ସବ୍‌ସ୍କ୍ରାଇବର ରହିଛନ୍ତି। ଆଇଫୋନ୍ ନିର୍ମାଣକାରୀ ଆପଲ୍ କମ୍ପାନୀର ୟୁଟ୍ୟୁବ୍ ଚ୍ୟାନେଲ ଅପେକ୍ଷା ତାଙ୍କ ଚ୍ୟାନେଲରେ ଅଧିକ ସବ୍‌ସ୍କ୍ରାଇବର ହେବା ପରେ ସେ ଏହି ବିରଳ ଆଇଫୋନ୍ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଅରୁଣ କହିଛନ୍ତି। ଏହି ଆଇଫୋନ୍ ତିଆରି କରିବା ପାଇଁ ସେ ୫୯ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ତେବେ ଏହି ବିଶାଳ ଆଇଫୋନର ପ୍ରୋଟୋଟାଇପ୍ ତିଆରି କରିବାରେ ଅରୁଣଙ୍କୁ ମାଥ୍ୟୁ ପର୍କ୍ସ ନାମକ ଆଉ ଜଣେ ୟୁଟ୍ୟୁବର ସାହାଯ୍ୟ କରିଛନ୍ତି। ମାଥ୍ୟୁଙ୍କର 'ଡିଆଇୱାଇ ପରକ୍ସ' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ ରହିଛି। ସାଧାରଣ ଆଇଫୋନ୍‌ରେ ଚାଲି ପାରୁଥିବା ପ୍ରତ୍ୟେକ ଆପ୍ଲିକେଶନ୍ ଏହି ବିଶାଳ ଆଇଫୋନ୍‌ରେ ମଧ୍ୟ ଚାଲିପାରିବ ବୋଲି ଅରୁଣ କହିଛନ୍ତି।

# ସବୁଠୁ ଛୋଟ ଭାକ୍ୟୁମ କ୍ଲିନର



ପାଟନା

ଏନ୍‌ଆଇଟି ପାଟନାର ୨୦୨୪ ବ୍ୟାଚ୍ ଛାତ୍ର ତପଲା ନାଦ୍‌ମୁନି ଏକ ବଲ୍‌ପଏଣ୍ଟ କଲମର କିଛି ଅଂଶକୁ ବ୍ୟବହାର କରି ବିଶ୍ୱର ସବୁଠାରୁ ଛୋଟ ଭାକ୍ୟୁମ କ୍ଲିନର ନିର୍ମାଣ କରିଛନ୍ତି। ୦.୬୫ ସେମି ଲମ୍ବ ବିଶିଷ୍ଟ ଏହି ଉପକରଣ ଭାକ୍ୟୁମ ସୃଷ୍ଟି କରିବା ପାଇଁ ଏକ ୪ ଭୋଲ୍ଟ ବିଶିଷ୍ଟ କମ୍ପନ ମୋଟର ଏବଂ ଗୋଟିଏ ଘୂର୍ଣ୍ଣନ ପଙ୍ଖାର ବ୍ୟବହାରରେ ନିର୍ମିତ ହୋଇଛି। ଏପରି କରି ନାଦ୍‌ମୁନି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମକୁ ସ୍ଥାନିତ କରିଛନ୍ତି।

# ୧୦ରେ 'ଦେବରା' ଟ୍ରେଲର

ହାଇଦ୍ରାବାଦ

ଦକ୍ଷିଣ ଭାରତୀୟ ଅଭିନେତା ଜୁନିୟର ଏନ୍‌ଟିଆର୍‌ଙ୍କ ବହୁ ପ୍ରତୀକ୍ଷିତ 'ଦେବରା' ଚଳଚ୍ଚିତ୍ରକୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଲାଗିରହିଛି। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା 'ଦେବରା'ର ଅନେକ ପୋଷ୍ଟର ଏବଂ ଗୀତ ରିଲିଜ୍ କରାଯାଇଛି, ଯାହାକୁ ଦେଖିବା ପରେ ଫିଲ୍ମକୁ ନେଇ ପ୍ରଶଂସକଙ୍କ ଉତ୍ସାହ ଆହୁରି ବୃଦ୍ଧି ପାଇଛି। ତେବେ ଶନିବାର ଜୁନିୟର ଏନ୍‌ଟିଆର୍ ତାଙ୍କ ଇନ୍‌ଷ୍ଟଗ୍ରାମ ଆଇଡିରେ 'ଦେବରା'ର ଟ୍ରେଲର ତାରିଖକୁ ପ୍ରକାଶ କରିଛନ୍ତି। ଉକ୍ତ ପୋଷ୍ଟର କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, ସେପ୍ଟେମ୍ବର ୧୦ରେ 'ଦେବରା'ର ଟ୍ରେଲର ପ୍ରକାଶ ପାଇବ। ଏହି ପୋଷ୍ଟରେ ଜୁନିୟର ଏନ୍‌ଟିଆର୍ 'ଦେବରା'ର ଆଉ ଏକ ନୂତନ ପୋଷ୍ଟର ମଧ୍ୟ ଶେୟାର କରିଛନ୍ତି। ଉକ୍ତ ପୋଷ୍ଟରରେ ଏହି ସାଉଥ୍ ଅଭିନେତା ଜଣକ କଳା ପୋଷାକ ପିନ୍ଧି ସମୁଦ୍ର ମଝିରେ ଥିବା ଏକ ପଥର ଉପରେ ଠିଆ ହୋଇଥିବା ନଜରକୁ ଆସିଛନ୍ତି। 'ଦେବରା' ହେଉଛି ଜୁନିୟର ଏନ୍‌ଟିଆର୍‌ଙ୍କ ୩୦ତମ ଚଳଚ୍ଚିତ୍ର। ଉକ୍ତ ଫିଲ୍ମରେ ସେ ଉଭୟ ବାପା ଏବଂ ପୁଅ ଭୂମିକାରେ ଡବଲ୍ ରୋଲ୍ କରିବେ। ଏନେଇ ଖୋଦ୍ ଜୁନିୟର ଏନ୍‌ଟିଆର୍ ପୂର୍ବରୁ ଘୋଷଣା କରି ସାରିଛନ୍ତି। ଏହି ଫିଲ୍ମ ସହ ଅଭିନେତ୍ରୀ ଜାହ୍ନବୀ କପୁର ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ନିଜର ଡେବ୍ୟୁ କରିବାକୁ ଯାଉଛନ୍ତି। ଫିଲ୍ମରେ ପ୍ରଥମ ଥର ପାଇଁ ଜୁନିୟର ଏନ୍‌ଟିଆର୍‌ଙ୍କ ସହ ଜାହ୍ନବୀଙ୍କ କେମେଷ୍ଟ୍ରିକୁ ଦେଖିବାକୁ ମିଳିବ।



ଜୁନିୟର ଏନ୍‌ଟିଆର୍

**ଗୁରୁକୃପା ଆଶ୍ରମର ପ୍ରତିଷ୍ଠା ଉତ୍ସବ**

ଧରାକୋଟ, (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଖାଡବନ୍ଧ ପଞ୍ଚାୟତ ରାମଘାଟସ୍ଥିତ ଗୁରୁକୃପା ଆଶ୍ରମର ୨୨ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଋଷି ପଞ୍ଚମୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରଭାତରୁ ପ୍ରାତଃ ପୂଜା ଅର୍ଚ୍ଚନା ପରେ ଧର୍ମ ସ୍ତମ୍ଭ ଧ୍ୱଜାରୋହଣ,ମା ବୃନ୍ଦାବତୀଙ୍କ ପୂଜା ଅର୍ଚ୍ଚନା, ପଞ୍ଚବଟୀ ପୂଜା ଅର୍ଚ୍ଚନା ପରେ ହୋମ କାର୍ଯ୍ୟ ହୋଇ ଗୁରୁ ବନ୍ଦନା କରାଯାଇଥିଲା । ପରେ ଗୁରୁଦେବ ଜଗତ କଲ୍ୟାଣ ପାଇଁ ଦେଇଥିବା ବାର୍ତ୍ତା ଶ୍ରଦ୍ଧାଳୁମାନଙ୍କୁ ଅବଗତ କରାଯାଇଥିଲା।

## ସଂକ୍ଷେପରେ

### କବିରାଜ ଗୌଡ ହତ୍ୟା ମାମଲା, ଗିରଫ ସଂଖ୍ୟା ୪କୁ ବୃଦ୍ଧି

ଭଞ୍ଜନଗର,୮।୯(ବାବୁଲା ପ୍ରଧାନ)

ଜଗନ୍ନାଥପ୍ରସାଦ ବ୍ଲକ ନୂଆ ବାଙ୍କତରା ଗ୍ରାମର କବିରାଜ ଗୌଡ ହତ୍ୟା ମାମଲାରେ ତାରସିଂ ପୋଲିସ ରବିବାର ଆଉ ଜଣକୁ ଗିରଫ କରିଛି। ସେ ହେଲେ ରଞ୍ଜନ ନାୟକ। ପୂର୍ବରୁ ଏହି ମାମଲାରେ ତିନି ଜଣ ଗିରଫ ହୋଇଥିଲେ । ଫଳରେ ଏହି ମାମଲାରେ ଗିରଫ ସଂଖ୍ୟା ୪ରେ ପହଞ୍ଚିଛି। ଗତ ମାସ ୨୨ ତାରିଖ ସକାଳେ କବିରାଜ ଜମିକୁ ପାଣି ମଡ଼ାଇବାକୁ ପୁଅ ସହ ଯାଇଥିଲେ। ଏହି ସମୟରେ ତାଙ୍କ ବଡ ଭାଇ ଦେବରାଜ ଏବଂ ତାଙ୍କ ପୁଅ ଏବଂ ଅନ୍ୟ ଦୁଇଜଣ ପହଞ୍ଚି ପାଣି ମଡ଼ାଇବାକୁ ନେଇ କବିରାଜଙ୍କୁ ବିରୋଧ କରିଥିଲେ। ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ କବିରାଜଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଗଣ୍ଡଗୋଳରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିଲେ। ପୋଲିସ ଘଟଣା ପରଦିନ ଦେବରାଜ ଏବଂ ତାଙ୍କ ପୁଅଙ୍କୁ ଗିରଫ କରିଥିଲା। ଶନିବାର ଦେବରାଜଙ୍କୁ ସହଯୋଗ କରିଥିବା ଜଣକୁ ପୋଲିସ ଗିରଫ କରିଥିଲା। ରବିବାର ରଞ୍ଜନଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ବିଜୟ ସାଇଁ କହିଛନ୍ତି।

### ଆହତଙ୍କୁ ମେଡିକାଲ ନେଲେ ମନ୍ତ୍ରୀ

ଗୋପାଳପୁର,୮।୯(ନବୀନ ରାଜ ଆଚାରୀ)

ରାଜ୍ୟ ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ମହିଳାଙ୍କୁ ରବିବାର ଉଦ୍ଧାର କରି ଅଟୋ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ନାମ ଲକ୍ଷ୍ମୀ ଆମ୍ମା। ତାଙ୍କ ଘର ଟିର୍କିଟି ଅଞ୍ଚଳରେ ବୋଲି ଜଣାପଡିଛି। ପୂର୍ବାହ୍ନରେ କନିସି ହାଟ ନିକଟରେ ଏକ ଅଟୋ ଧକ୍କାରେ ସେ ଗୁରୁତର ହୋଇ ରାସ୍ତା ପାର୍ଶ୍ୱରେ ପଡିଥିଲେ।

### ଜନସେବା କେନ୍ଦ୍ର ପରିଦର୍ଶନ କଲେ ବିଡିଓ

ମୋହନା, ୮।୯(ମନ୍ମଥ ମିଶ୍ର)

ମୋହନା ବିଡିଓ ରାଜୀବ ଦାସ ରବିବାର ବ୍ଲକରେ ଥିବା ଜନସେବାକେନ୍ଦ୍ର ପରିଦର୍ଶନ କରିଛନ୍ତି। ସୁଭଦ୍ରା ଯୋଜନାରେ ମହିଳାମାନେ କିଭଳି ଭାବରେ ଲାଭ ପାଇପାରିବେ ଓ ଜନସେବା କେନ୍ଦ୍ର ପରିଚାଳକମାନେ କିଭଳି ଭାବେ ଆବେଦନ କରୁଛନ୍ତି ତାହା ସେ ବୁଲି ଦେଖିଥିଲେ। ଅଧିକାଂଶ ଜନସେବା କେନ୍ଦ୍ରରେ ସୁଭଦ୍ରା ଯୋଜନାରେ ଆବେଦନ କରିବା ପାଇଁ ବ୍ୟବହାର ହେଉଥିବା ପୋର୍ଟାଲ ସର୍ଭର ଡାଉନ ଥିବା ଏହି ସମୟରେ ସେ ଦେଖିବାକୁ ପାଇଥିଲେ। ଆବେଦନ କରିବା ପାଇଁ କୌଣସି ସମୟ ସୀମା ନାହିଁ ଯେତେବେଳ ଚାହିଁବେ ଆପଣମାନେ ଆବେଦନ କରିପାରିବେ ବୋଲି ସେ ଉପସ୍ଥିତ ମହିଳାମାନଙ୍କୁ ବୁଝାଇଥିଲେ।

### ମୋହନା ବ୍ଲକରେ ସିଏମ୍ କିଷାନ ଟଙ୍କା ସହାୟତା

ମୋହନା,୮।୯(ମନ୍ମଥ ମିଶ୍ର)

ନୂଆଁଖାଇରେ ଚାଷୀଙ୍କ ଖାତାକୁ ଗଲା ସିଏମ୍ କିଷାନ୍ ଟଙ୍କା। ରବିବାର ସନ୍ଧ୍ୟାରେ ମୋହନା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଭିଡିଓ କନଫରେନ୍ସ ମାଧ୍ୟମରେ ସିଏମ୍ କିଷାନ ଟଙ୍କା ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଏହି ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାରଙ୍କୁ ଡିବିଟି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହି ସହାୟତା ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋହନା ବିଡିଓ ରାଜୀବ ଦାସ ଉପସ୍ଥିତ ରହିଥିବା ବେଳେ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଶାନ୍ତନୁ କୁମାର ସାହୁ, ବ୍ଲକ କୃଷି ଅଧିଦର୍ଶକ ଦିବ୍ୟରଞ୍ଜନ ଦାଶଙ୍କ ସହ ବ୍ଲକ୍‌ର ବହୁ କୃଷକ ଯୋଗ ଦେଇଥିଲେ।

### ସ୍ୱାମୀ ଶିବାନନ୍ଦଙ୍କ ଜୟନ୍ତୀ ପାଳିତ

ଜି.ଉଦୟଗିରି,୮।୯(ଶିଶିର ପଟ୍ଟନାୟକ)

ସ୍ଥାନୀୟ ଦିବ୍ୟ ଜୀବନ ସଂଘ ଆନୁକୂଲ୍ୟରେ ସ୍ୱାମୀ ଗୁରୁ ଶିବାନନ୍ଦ ମହାରାଜାଙ୍କ ୧୩୭ତମ ଜୟନ୍ତୀ ପାଳିତ ହୋଇଛି। ଗୁରୁ ପ୍ରେମାନନ୍ଦ ମହାରାଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଦୁକା ପୂଜା, ବିଷ୍ଣୁ ସହସ୍ର ନାମ, ଗୀତା ପଠନ, ଭଜନ କିର୍ତ୍ତନ, ହନୁମାନ ଚାଳିଶା ସହିତ ପ୍ରବଚନ ହୋଇଥିଲା। ଏଥିରେ ଦିବ୍ୟ ଜୀବନ ସଂଘ ତରଫରୁ ଡା ପ୍ରଶନ୍ନ କୁମାର ତ୍ରିପାଠୀ, ଚର୍ତୁଭୂଜ ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ, ଶ୍ରୀରାମ ପଦାରବିନ୍ଦ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ସ୍ୱାମୀ ଶିବାନନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଅପରାହ୍ନରେ ସ୍ଥାନୀୟ ଦିବ୍ଯଜୀବନ ସଂଘ ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗ୍ରେସିଙ୍ଗିଆ ସୁକାନାଣ୍ଡା ଚର୍ଚ୍ଚ ଠାରେ ଫଳ ବଣ୍ଟନ କରାଯାଇଥିଲା।

# ବ୍ଲକକୁ ଏକନମ୍ବର କରିବାକୁ ମନ୍ତ୍ରୀ ବିଭୂତିଙ୍କ ଆହ୍ୱାନ

## ୨ବର୍ଷ ପରେ ବସିଲା ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତି ବୈଠକ

ଗୋପାଳପୁର,୮।୯(ନବୀନ ରାଜ ଆଚାରୀ)


ବୈଠକରେ ଉପସ୍ଥିତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଅନ୍ୟମାନେ।

ଦୀର୍ଘ ୨ ବର୍ଷ ୩ ମାସ ପରେ ରବିବାର ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ପରିସର ସଦ୍‌ଭାବନା କକ୍ଷରେ ଆୟୋଜିତ ଏହି ବୈଠକରେ ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା ଯୋଗଦେଇ କେଉଁ ଅଦୃଶ୍ୟ ଶକ୍ତିର ଚାପରେ ଓ କାହିଁକି ସମିତି ବୈଠକ ବସିପାରୁ ନ ଥିଲା ବୋଲି କହି ଉଦ୍‌ବେଗ ପ୍ରକାଶ କରିଥିଲେ। ମନ୍ତ୍ରୀ ଶୁଆ-ପଞ୍ଜୁରୀ ଉପାଖ୍ୟାନ ଶୁଣାଇ ଜନପ୍ରତିନିଧିମାନଙ୍କୁ ବୁଝାଇବା ସହ କୌଣସି ଭାବ ବିଚାର ନ କରି ମିଳିମିଶି କାମ କରି ବ୍ଲକକୁ ୧ ନଂ. କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ସିଏଚ ଉଷାରାଣୀ, ଜିଲା ପରିଷଦ ଉପ ସଭାପତି ଏସ ରାଜେଶ୍ୱରୀ ଦୋରା, ଉପାଧ୍ୟକ୍ଷ ଅନିତା ମହାକୁଡ଼, ୫୪ ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ତଅପୋଇ ଦାସ ମଞ୍ଚାସୀନ ଥିଲେ। ବିଡ଼ିଓ ଅଂଶୁମାନ ମହାପାତ୍ର ସଭା ପରିଚାଳନା କରିବା ସହ ପୂର୍ବ ବୈଠକ ବିବରଣୀକୁ ସଂକ୍ଷେପରେ ପାଠ କରିଥିଲେ। ବ୍ଲକର କୌଣସି ବିଭାଗର କାର୍ଯ୍ୟ ଓ ପ୍ରକଳ୍ପ ହେଲେ ସରପଞ୍ଚ ଓ ସମିତିସଭ୍ୟ ଜାଣି ପାରୁନାହାନ୍ତି ବୋଲି କୁହାଯାଇଥିଲା। ଉଦ୍ୟାନ ବିଭାଗରେ ବକ୍ସପୁଲ୍ଲୀ ପଞ୍ଚାୟତରେ ଗ୍ରୀନନେଟ ବିକ୍ରି କରାଯିବା ସହ ଦୁର୍ନୀତି ହେଉଥିବା ସମିତିସଭ୍ୟ ଜୟ ସାହୁ ଅଭିଯୋଗ କରିଥିଲେ। କିଏ ଏଠାରେ ଅଧିକାରୀ ଅଛନ୍ତି ତାହା ଜାଣିପାରୁ ନାହାନ୍ତି ବୋଲି ହଳଦିଆପଦର ସମିତି ସଭ୍ୟ ପ୍ରବୀଣ କୁମାର କହିଥିଲେ। ବୈଠକକୁ ଜଳସେଚନ ଓ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକାରୀମାନେ ଆସିନଥିବା ବେଳେ ଚିଠି କରିବା ପାଇଁ ମନ୍ତ୍ରୀ ଜେନା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କନିଷ୍ଠ ତହସିଲଦାର କବିରାଜ ପ୍ରଧାନ, ସିଡିପିଓ ଜ୍ୟୋସ୍ନା ପାଢ଼ୀ, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସରପଞ୍ଚ ଜଗମୋହନ ପାତ୍ର, ପ୍ରବୀଣା ଜେନା, ନିର ବେହେରା, ଅଜିତ ରାଉଳ, ମେନେକା ରେଡି, ବାନି ଲେଙ୍କା, ବିଷ୍ଣୁପ୍ରିୟା ନାୟକ, ବି. ସୁଙ୍କାନୀ, ସମୀର ପଟ୍ଟନାୟକ, ପଞ୍ଚାନନ ପ୍ରଧାନ, ଅନ୍ୟ ବିଭାଗ ଅଧିକାରୀ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଶେରଗଡ ବ୍ଲକ ଧନନ୍ତର ପଞ୍ଚାୟତ ସୁନାନ୍ତର ଗ୍ରାମରେ ପୂଜା ପାଉଥିବା ୧୫ ଫୁଟ ଉଚ୍ଚର ଗଜାନନ।

## ଗଞ୍ଜାମର ୨.୬୨ ଲକ୍ଷଙ୍କୁ ମିଳିଲା ସିଏମ୍ କିଷାନ ସହାୟତା

ଛତ୍ରପୁର, ୮।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଭର୍ଚୁଆଲ ମୋଡ଼ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସିଏମ୍ କିଷାନ ସହାୟତା ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସୱାନ ହଲରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇଥିଲେ। ଏହି ଅବସରରେ ସିଏମ କିଷାନ ପୋର୍ଟାଲର ଉନ୍ମୋଚନ, ସିଏମ କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ, କୃଷକ ଓଡ଼ିଶା ୟୁନିଫାଏଡ ପୋର୍ଟାଲର ଉନ୍ମୋଚନ ହୋଇଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ ଜିଲ୍ଲାର ୨ ଲକ୍ଷ ୬୨ ହଜାର ୫୫୮ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ଏହି ସହାୟତା ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯାଇଛି। ସେଥିମଧ୍ୟରେ ୨ ଲକ୍ଷ ୫୭ ହଜାର ୬୪୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବା ବେଳେ ୪୯୧୪ ଜଣ ଭୂମିହୀନ କୃଷକ ପରିବାର ରହିଛନ୍ତି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ।

# କିଷାନ ଯୋଜନାରେ ଚାଷୀଙ୍କୁ ମିଳିବ ୧୦ ହଜାର: ମନ୍ତ୍ରୀ ଗୋକୁଳାନନ୍ଦ


କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଅନ୍ୟମାନେ।

ପୋଲସରା ୮।୯(ସୁବ୍ରତ ବେହେରା)

ନୂଆଁଖାଇ ଅବସରରେ ରବିଫସଲ ଆର୍ଥିକ ବର୍ଷ ୨୦୨୪-୨୫ରେ ରବିବାର ୯୨୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍ କିଷାନ ଯୋଜନାରେ ସହାୟତା ରାଶି ପ୍ରଦାନ କରିଛନ୍ତି। ସମ୍ବଲପୁରରୁ ଏହି ଯୋଜନାର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ କରିଥିଲେ। ଏହି ଅବସରରେ ପୋଲସରାଠାରେ ଭିଡ଼ିଓ କନଫେରେନ୍ସ ଗୃହରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଡିଓ କୁରେସ ଚନ୍ଦ୍ର ଜାନି, କୃଷି ଜିଲା ଅଧିକାରୀ ଡ଼ ପ୍ରମୋଦ ମହାପାତ୍ର, ଗଞ୍ଜାମ ସହକାରୀ କୃଷି ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ବେହେରା, ଗୋଷ୍ଠୀ କୃଷି ଅଧିକାରୀ ଗଣେଶ୍ୱର ସାହୁ, ସହକାରୀ କୃଷି ଅଧିକାରୀ ସୁମନ ଶେଖର ସ୍ୱାମୀ ଓ ରାଜଲକ୍ଷ୍ମୀ ପାଢ଼ୀ ଉପସ୍ଥିତ ଥିଲେ।

ଏହି ଯୋଜନାରେ ୪୬ ଲକ୍ଷ କ୍ଷୁଦ୍ର ନାମମାତ୍ର ଚାଷୀ ଓ ଭୂମିହୀନ ପରିବାରକୁ ଦୁଇଟି କିସ୍ତିରେ ୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ପିଏମ ଓ ସିଏମ୍ ମାଧ୍ୟମରେ ଚାଷୀଙ୍କୁ ପ୍ରତିବର୍ଷ ୧୦ ହଜାର ଟଙ୍କା ସହାୟତା ରାଶି ମିଳିବ । ଆଗମୀ ଦିନରେ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ହେବ। ଯୋଜନାରେ ସାମିଲ ପାଇଁ ଦୁଇ ମାସ ଧରି ନାମ ପାଞ୍ଜୀକରଣ ଚାଲିବ। ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା ପ୍ରଦାନ କରାଯିବ। ସହରାଞ୍ଚଳରେ ୬ ଲକ୍ଷ ଚାଷୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ଛାତ୍ର ବୃତ୍ତି ବିଦ୍ୟା ନିଧି ଯୋଜନାରେ ଛାତ୍ରୀଛାତ୍ରଙ୍କୁ ମିଳିବ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀପ୍ରକାଶ କରିଛନ୍ତି। ସେହିପରି ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମା ମାନେ ପ୍ରତି ବର୍ଷ ୧୦ ହଜାର ଟଙ୍କା, ୫ବର୍ଷ ରେ ପାଇବେ୫୦ ହଜାର ଟଙ୍କା ପାଇବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଳୁ ଆଉ ବାହାର ରାଜ୍ୟରୁ ଆଣିବା ନାହିଁ। ଆମ ଓଡ଼ିଶାରେ ଚାଷୀମାନେ କିଭଳି ଆଳୁ ଚାଷ କରିପାରିବେ ସେନେଇ ଚିନ୍ତା ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏହି ଯୋଜନାରୁ ପୋଲସରା ନିର୍ବାଚନ ମଣ୍ଡଳୀ ଓ ଓଡିଶାର ସମସ୍ତ ଚାଷୀ ଲାଭ ଉଠାଇ ଚାଷ କ୍ଷେତ୍ରରେ ଶକ୍ତିଶାଳୀ ହୁଅନ୍ତୁ ବୋଲି ମନ୍ତ୍ରୀ ଗୋକୁଳାନନ୍ଦ କହିଥିଲେ।

## ବନ୍ଦ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ଛତ୍ରପୁର,୮ ।୯ (ଦିଲ୍ଲୀପ ସାମଲ)

ଛତ୍ରପୁର ଥାନା ଅଧୀନ ବ୍ୟାଙ୍କ କଲୋନୀ ରଘୁନାଥ ଜ୍ୟୋତିଙ୍କ ବନ୍ଦ ଘରୁ କେତେ ଜଣ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ଏନେଇ ରଘୁନାଥ ଛତ୍ରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ୧୨ ଭରି ସୁନା,୪୦ ଭରି ରୁପା ଅଳଙ୍କାର ଓ ନଗଦ ୭୨ ହଜାର ଟଙ୍କା ଚୋରିହୋଇଥିବା ରଘୁନାଥ ଏତଲାରେ ଉଲ୍ଲେଖ କରିଛନ୍ତି। ଶନିବାର ସେ ଘର ତାଲା ପକାଇ ପରିବାର ସହ ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ତାଡି ଭିତରେ ପଶି ଆଲମାରିରୁ ଚୋରି କରି ଫେରାର ହୋଇଯାଇଛନ୍ତି। ରବିବାର ସକାଳୁ ରଘୁନାଥ ଘରକୁ ଆସି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣାକୁ ନେଇ ତୁରନ୍ତ ଛତ୍ରପୁର ଥାନାରେ ଏତଲା ଦେଇଥିଲେ । ଏହାକୁ ଭିତ୍ତି କରି ପୋଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାର ଅନୁଧ୍ୟାନ କରିଛି। ତେବେ ଦୁର୍ବୃତ୍ତମାନଙ୍କ କୌଣସି ପତ୍ତା ମିଳିନାହିଁ । ସେହିପରି ସରଭୀମପୁର ଗ୍ରାମର ସନାତନ ସେଠୀଙ୍କ ଘରୁ ମଧ୍ୟ ଶୁକ୍ରବାର ବିଳମ୍ବିତ ରାତିରେ ବଡ ଧରଣର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

## ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ଦାରିଙ୍ଗବାଡ଼ି, ୮।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡିଠାରେ ମା'ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଗଣେଶ ପୂଜା ଚତୁର୍ଥୀ ତିଥିରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଗ୍ରାମ ଦେବତା, ମା' ପାଟ୍ଟଖଣ୍ଡାଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଅସ୍ଥାୟୀ ମଣ୍ଡପଠାରେ ପୂଜାର୍ଚ୍ଚନା କରାଯାଇ ଦୁର୍ଗାଙ୍କ ପର୍ବ ଦଶହରା ପାଳନ ପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ସନ୍ତୋଷ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ସରୋଜ ସାହୁ, ଚିତ୍ତ ପ୍ରଧାନ, ଚିତ୍ତ ରଞ୍ଜନ ସାହୁ, ବାଥଲମ ନାୟକ, ସଞ୍ଜିତ ଗୌଡ଼, ବିକି ନାୟକ, ସୋନୁ ବେହେରା, ସୋମ୍ୟରଞ୍ଜନ ନାୟକ, ସମ୍ପିତ ନାୟକ, ସତୀଶ କୁମାର ସାହୁ, ଝୁଲୁ ସାହୁ, ଜଗନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯେ, ସିମନବାଡିଠାରେ ଏହା ୩୨ ତମ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଛି।

## ଓଡ଼ିଆ ସମାଜର ଜିଲାସ୍ତରୀୟ ସାଙ୍ଗଠନିକ ସମ୍ମିଳନୀ

ଆସିକା,୮।୯(ସୁରେନ୍ଦ୍ର ନାଥ ସାହୁ)

କ୍ଷେତ୍ରୀୟ ଖଣ୍ଡାୟତ ଓଡିଆ ସମାଜର ଗଞ୍ଜାମ ଜିଲାସ୍ତରୀୟ ସାଙ୍ଗଠନିକ ସମ୍ମିଳନୀ ରବିବାର ଆସିକା ବସଷ୍ଟାଣ୍ଡସ୍ଥିତ ଓଡିଆ ସମାଜ ଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ପୂର୍ବତନ ମନ୍ତ୍ରୀ ରାଘବ ପରିଡାଙ୍କ ଉପସ୍ଥିତିରେ ଜିଲା ଉପସଭାପତି ବଂଶୀଧର ଗୌଡ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ । ସମାଜର ଐକ୍ୟ, ସଂହତି ଓ ପରମ୍ପରାକୁ ବଜାୟ ରଖିବା ସହ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ କରିବା ଦିଗରେ ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପୁଅ, ଝିଅ ସମସ୍ତଙ୍କୁ ଉପଯୁକ୍ତ ଶିକ୍ଷା, କୁଳର ପୁଅଝିଅଙ୍କ ବିବାହ ଲାଗି ସମାଜ ପକ୍ଷରୁ ଏକ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ ଏବଂ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା । ସମାଜର ସମସ୍ତେ ପ୍ରାୟ କୃଷି କାର୍ଯ୍ୟରେ ନିୟୋଜିତ ରହି ଜନସାଧାରଣଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଉଥିବାରୁ ଏହି ସମାଜକୁ ସରକାର ଅନ୍ନଦାତାର ପରିଚୟ ଦେବା ଲାଗି ଏକ ପ୍ରସ୍ତାବ ଜିଲା ସଭାପତି ପରିଡା ଆଗତ କରିଥିଲେ । ଜିଲାର ପ୍ରତାପପୁର, କୋଦଳା, ଆଠଗଡ, ଗଞ୍ଜାମ, ଘୁମୁସର, ହୁମ୍ମା ଓ ଖଲ୍ଲିକୋଟ ମଣ୍ଡଳର ସଭାପତି ବଂଶୀଧର ଗୌଡ, ପ୍ରଶାନ୍ତ କୁମାର ପ୍ରଧାନ, ଦିନବନ୍ଧୁ ଭୋଳ, ପିତାମ୍ବର ସ୍ୱାଇଁ, ବିଜୟ କୁମାର ଦଳାଇ, ଗାନ୍ଧି ପୋଲାଇ, ଦିନବନ୍ଧୁ ତରାଇଙ୍କ ସମେତ ବିଭିନ୍ନ ମଣ୍ଡଳର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲେ । ଘୁମୁସର ମଣ୍ଡଳ ଓଡିଆ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ବିଜୟ କୁମାର ଦଳାଇ, ଅଞ୍ଚଳ ସଭାପତି ସନ୍ତୋଷ ପୋଲାଇ, ସଂପାଦକ ସୁରେଶ ଚନ୍ଦ୍ର ବିଷୋୟୀ, ସ୍ୱଦେଶ ଦଳାଇ, ଶତ୍ରୁଘନ ଜେନା, ରବୀନ୍ଦ୍ର ଦଳାଇ ପ୍ରମୁଖ ପରିଚାଳନା କରିଥିଲେ ।

# ମା'ବରାଳ ଦେବୀ ପୀଠରେ ନୂଆଁଖାଇ

ଖଜୁରୀପଡ଼ା,୮।୯(ବିଦୁର ବେହେରା)

କନ୍ଧମାଳ ଜିଲାର ପ୍ରସିଦ୍ଧ ଶକ୍ତି ପୀଠ ବଲସକୁମ୍ପାଠାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା'ବରାଳ ଦେବୀଙ୍କ ମନ୍ଦିରରେ ଆଡ଼ମ୍ବରରେ ରବିବାର ନୂଆଁ ଖାଇ ଜୁହାର ପର୍ବ ପାଳିତ ହୋଇଯାଇଛି। ମା'ଙ୍କୁ ରୀତି ନୀତି ନିୟମ ଅନୁସାରେ ପୂଜକ ଜଗଦୀଶ ଦେହୁରୀ, ଅଭୟ ଦେହୁରୀ, ରଥ ଦେହୁରୀ ପୂଜା କରିଛନ୍ତି।ବରାଳ ଦେବୀ ମନ୍ଦିରରେ ୧୨ ଟା ୩୦ରୁ ୧ଟା ୩୦ ମଧ୍ୟରେ ପାରମ୍ପରିକ ରୀତିରେ ନବାନ୍ନ ଅର୍ପଣ କରାଯାଇଛି। ଦେବୀଙ୍କ ନୂଆକୁଣ୍ଡା ନେଇ ଲୋକେ ଘରକୁ ଫେରିବା ପରେ ପାରମ୍ପାରିକ ରୀତିନୀତିରେ ପ୍ରତ୍ୟେକ ଘରେ ନିଜ କୁଳ ଦେବାଦେବୀଙ୍କଠାରେ ନବାନ୍ନ ଲାଗିଛି। ସମାନ ବିଧିରେ ଦେବୀ ଖମ୍ବେଶ୍ୱରୀଙ୍କ ବାଉରୀ ଗୁଡ଼ି, ମା'ପିତା ବଳିଠାରେ ମଧ୍ୟ ନୂଆ ଲାଗିଛି। ଏହାପରେ ଶ୍ରଦ୍ଧାଳୁମାନେ ଇଷ୍ଟଦେବୀ ବରାଳ ଦେବୀ ମନ୍ଦିରକୁ ଆସି ଦର୍ଶନ କରିବା ପରେ ପାରମ୍ପାରିକ ନୂଆଖାଇ ଜୁହାର ଭେଟଘାଟ ଆରମ୍ଭ ହୋଇଯାଇଛି। ଏହି ନୂଆଁ ଖାଇ ପର୍ବରେ ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଉପ ସଭାପତି ଗୌତମ ପ୍ରଧାନ, ଉପଦେଷ୍ଟା ରମାକାନ୍ତ ମଲ୍ଲିକ, ଅନ୍ତର୍ଯ୍ୟାମୀ ଦଳ ବେହେରା, ସଡ଼ ମୁଠା ସେବାୟତ ନଟବର ନାୟକ, ବେର୍ଗିକିଆ ସେବାୟତ ଉଦ୍ଧବ ବିଷୋୟୀ, ସେବାୟତ ଦିଲୀପ ଦଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଓ ଜିଲା ବାହାରୁ ଅନେକ ଶ୍ରଦ୍ଧାଳୁମାନେ ଉପବାସ ରହି ଏକତ୍ରିତ ହୋଇ ମା'ଙ୍କୁ ଦର୍ଶନ କରିବା ପରେ ମା'ଙ୍କଠାରେ ଲାଗିଥିବା ପ୍ରଥମ ନବାନ୍ନ ଭୋଗ ପ୍ରସାଦ ଭାବେ ଗ୍ରହଣ କରିଛନ୍ତି।

## ମତାଝରିରେ ଘରେ ପଶିଲା ବାର୍‌ହା, ମହିଳା ଆହତ

ବୁଗୁଡା,୮।୯(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଟାକରଡା ପଞ୍ଚାୟତ ଅନ୍ତର୍ଗତ ମତାଝରି ଗ୍ରାମର ପ୍ରତାପ ପ୍ରଧାନଙ୍କ ଘର ଭିତରକୁ ରବିବାର ଏକ ବାରହା ପଶିଯାଇଥିଲା। ବାରହାଟି ତାଙ୍କ ସ୍ତ୍ରୀ ଗିତାଞ୍ଜଳୀ(୫୭)ଙ୍କୁ ଠେଲି ଦେବାରୁ ସେ ପଡିଯାଇ ଆହତ ହୋଇଛନ୍ତି। ସକାଳେ ମତାଝରି ଗାଁକୁ କେତେକ ବାରହା ପଶି ଆସିଥିଲେ। ଏହା ଦେଖି ଗାଁ ଲୋକେ ପାଟି କରିବାରୁ ସେଥିରୁ ଗୋଟିଏ ବାରହା ପ୍ରତାପଙ୍କ ଘରେ ପଶି ଯାଇଥିଲା। ସେତେବେଳେ ଗିତାଞ୍ଜଳି ଘର ବାରିପଟେ ଚଉଁରା ମୂଳେ ପୂଜା କରୁଥିଲେ। ବାରହାଟି ତାଙ୍କୁ ଠେଲି ଦେଇ ଘରକୁ ପଶିଯାଇଥିଲା। ଗିତାଞ୍ଜଳି ପଡିଯିବାରୁ ତାଙ୍କର ଅଣ୍ଟାରେ ଆଘାତ ଲାଗିବା ସହ ବାମ ଭାଙ୍ଗି ଯାଇଛି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ଅନ୍ୟପକ୍ଷରେ ବାରହାଟି ଘର ଭିତକୁ ପଶିଯିବା ପରେ ବାହାରପଟୁ କବାଟ ବନ୍ଦ କରି ବନ ବିଭାଗକୁ ଅବଗତ କରାଯାଇଥିଲା। ବନ ବିଭାଗ କର୍ମଚାରୀ ବହୁ ବିଳମ୍ବରେ ସେଠାରେ ପହଞ୍ଚିବା ବେଳକୁ ବାରହାଟି ବାରିପଟ ଦେଇ ଚାଲିଯାଇଥିଲା।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସଚେତନତା ରାଲି



ଫୁଲବାଣୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବାହାରିଥିବା ଶୋଭାଯାତ୍ରା।

ଫୁଲବାଣୀ,୮।୯(ରାକେଶ କୁମାର ରାଉତ)

ଅନ୍ତର୍ଜାତୀୟ ସ୍ୱାକ୍ଷରତା ଦିବସ ଅବସରରେ କନ୍ଧମାଳକୁ ନିରକ୍ଷର ମୁକ୍ତ କରିବା ପାଇଁ ଫୁଲବାଣୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏକ ଜନ ସଚେତନ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଆର୍‌ସିସି କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି କୋର୍ଟ ଛକ, ଗୋପବନ୍ଧୁ ଛକ ଦେଇ ନଗର ପରିକ୍ରମା କରିଥିଲା। ଜିଲାରେ ଯେପରି ପିଲାଠାରୁ ବୁଢା ପର୍ଯ୍ୟନ୍ତ କେହି ନିରକ୍ଷର ନ ରହିବେ ସେ ନେଇ ବାର୍ତ୍ତା ଦିଆଯାଇଥିଲା। ଘରେ ଘରେ ଶିକ୍ଷା ଦେବା, ଜଣେ ଅନ୍ୟଜଣକୁ ପଢାଇବା ଭଳି ସ୍ଲୋଗାନ ଦେଇ ଶତାଧିକ ଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ବୃଦ୍ଧା ମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଥିଲେ। ଫୁଲବାଣୀ ବିଇଓ ରଞ୍ଜନ କୁମାର କହଁରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ବଳିୟାରସିଂ, ଧନେଶ୍ୱର କହଁର, ସିଆର୍‌ସିସି ସରିତା ମହାରଣା, ରବୀନ୍ଦ୍ର ଦିଗାଲ, ଓମ୍ ପ୍ରକାଶ ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ।

## ଖମ୍ବେଶ୍ୱରୀ ବସ୍‌ରୁ ରୁପା ଚୋରି ଘଟଣା

# ୪ ଆନ୍ତଃ ରାଜ୍ୟ ଲୁଟେରା ଗିରଫ

### ଦାମୀ କାର୍, ନଗଦ ୬୫ ହଜାର ଟଙ୍କା, ୫ ମୋବାଇଲ ଫୋନ ଜବତ

ଖଲ୍ଲିକୋଟ,୮।୯(ପ୍ରଶାନ୍ତ କୁମାର ମିଶ୍ର)



ଗିରଫ ଅଭିଯୁକ୍ତ ଓ ସେମାନଙ୍କଠାରୁ ଜବତ କାର।

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭେଜିପୁଟ ନିକଟରେ ମା' ଖମ୍ବେଶ୍ୱରୀ ବସ୍‌ରୁ ୩୯ କେଜି ରୁପା ଚୋରି ଘଟଣାରେ ପୋଲିସ ତଦନ୍ତ କରି ଏଥିରେ ସମ୍ପୃକ୍ତ ୪ଜଣ ଆନ୍ତଃରାଜ୍ୟ ଲୁଟେରାଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ନେପାନଗର ଥାନା ନାଉରାଚୌକି ନୟାଖେଦା ଗ୍ରାମର ଅମିନ ଖାନ (୨୭), ସେହି ଥାନା ଅନ୍ତର୍ଗତ ଦୁଧିଆ ଗ୍ରାମର ଫିରୋଜ ଖାନ (୩୫), ଧର ଜିଲା ଧରମପୁରୀ ଥାନା ଅଞ୍ଚଳର ସାଦିକ ଖାନ୍ (୩୮) ଓ ଧର ଜିଲା ମନବର ଥାନା ଖେରମା ଜାଗିର ଗ୍ରାମର ମୁସ୍ତାକ ଖାନ୍ ( ୪୦)। ଗିରଫ ଏହି ଅଭିଯୁକ୍ତମାନେ ସୁନା ଓ ରୁପା ଲୁଟ୍ କରିବା ପାଇଁ ରାଜ୍ୟ ବାହାରକୁ ଯାଉଥିବା ବିଭିନ୍ନ ବସ୍‌କୁ ଟାର୍ଗେଟ କରୁଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ବସ୍ ଭିତରୁ ସୁନା ଓ ରୁପା ଲୁଟ୍ କରୁଥିଲେ। ପୋଲିସ ସେମାନଙ୍କଠାରୁ ଏକ ମହିନ୍ଦ୍ରା ଏକ୍ସୟୁଭି ୩୦୦ (ନଂ. ଏମ୍‌ପି ୦୯ ଜେଡ୍‌ଜେ ୫୩୬୯), ନଗଦ ୬୫,୬୦୦ ଟଙ୍କା ଓ ୫ଟି ମୋବାଇଲ ଫୋନ ଜବତ କରିଛି। ତେବେ ଲୁଟ୍ ରୁପାର କୌଣସି ସନ୍ଧାନ ପୋଲିସକୁ ମିଳିପାରିନି।

ବ୍ରହ୍ମପୁରରୁ କୋଲକାତା ଯାଉଥିବା ଖମ୍ବେଶ୍ୱରୀ ବସ୍‌ରେ ଗତ ଜୁଲାଇ ୨୬ରେ ଜଣେ ବଙ୍ଗୀୟ ବ୍ୟବସାୟୀ ଦୁଇଟି ବ୍ୟାଗରେ ରୁପା ନେଉଥିବା ବେଳେ ଭେଜିପୁଟ ନିକଟରେ ଚା ଜଳଖିଆ ଖାଇବା ପାଇଁ ବସ୍‌ଟି ଅଟକି ଥିଲା। ସମସ୍ତ ଯାତ୍ରୀ ବସ୍‌ରୁ ଓହ୍ଲାଇ ଚା ପିଉଥିବା ସମୟରେ ଲୁଟେରାମାନେ ପ୍ରାୟ ୩୯ କେଜି ରୁପା ଲୁଟ୍ କରି ନେଇଥିଲେ। ଏନେଇ ଭେଜିପୁଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଖଲ୍ଲିକୋଟ ଥାନା କେସ୍ ନଂ. ୬୨୨/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାର ମାସକ ପୂର୍ବରୁ ଜୁନ୍ ୩୦ରେ ଉତ୍ତରପ୍ରଦେଶ ଆଗ୍ରାର ଜଣେ ବ୍ୟବସାୟୀ ଡଲଫିନ ବସ୍‌ରେ ରୁପା ନେଉଥିବା ବେଳେ ଏହି ଲୁଟେରାମାନେ ଢେଙ୍କାନାଳରୁ ବସ୍ ଭିତରୁ ୩୫ କେଜି ରୁପା ଲୁଟ୍ କରି ନେଇଯାଇଥିଲେ ବୋଲି ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ସେହି ବ୍ୟବସାୟୀଙ୍କ ଅଭିଯୋଗକୁ ଭିତ୍ତିକରି ଢେଙ୍କାନାଳ ସଦର ପୋଲିସ ମଧ୍ୟ କେସ୍ ନଂ. ୫୫୩/୨୦୨୪ ଅନୁଯାୟୀ ମାମଲା ରୁଜୁ କରିଥିବା ଆଇଆଇସି କହିଛନ୍ତି। ଏମାନଙ୍କୁ ଧରିବାକୁ ପୋଲିସ ଅଭିଯୁକ୍ତମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ସେମାନେ ପୁଣି ଥରେ ଏହିଭଳି ଏକ ଲୁଟ୍ କରିବା ଯୋଜନାରେ ଗଞ୍ଜାମକୁ ଆସିଥିଲେ। ବ୍ରହ୍ମପୁରସ୍ଥିତ ଏକ ଶପିଂ ମଲ୍‌ରେ ସେମାନେ ଡ୍ରେସ୍ କିଣୁଥିବା ଖବର ପାଇ ଖଲ୍ଲିକୋଟ ପୋଲିସ ଚଢ଼ାଉ କରି ୪ ଲୁଟେରାଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶରେ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ପିଏସ୍‌ଆଇ ବିଶ୍ୱରଞ୍ଜନ ରାଉତରାୟ, କନ୍‌ଷ୍ଟେବଲ ମିଥୁନ ଦାସ, ହୋମଗାର୍ଡ ଦୀନେଶ ବେହେରା ଏହି ଚଢ଼ାଉରେ ସାମିଲ ହୋଇଥିଲେ।

**ରାଜ୍ୟ ଶିକ୍ଷକ ସଂଘ କୋଷାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା**

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟରେ ରବିବାର ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ କୋଷାଧ୍ୟକ୍ଷ ସନାତନ ପଟ୍ଟନାୟକଙ୍କୁ ବ୍ଲକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ସଭାପତି ଇ.ଗଣେଶ ପାତ୍ର, ଉପସଭାପତି ଦିବାକର ପାଣିଗ୍ରାହୀ, ମମତା ଦେବୀ, ସମ୍ପାଦକ ସନ୍ତୋଷ ଗୌଡ଼, ସହ ସମ୍ପାଦକ ସିମାଞ୍ଚଳ ପ୍ରଧାନ, ସଂଯୋଜକ ଲକ୍ଷ୍ମଣ ସାହୁ, ଉପଦେଷ୍ଟା ଦାମୋଦର ପାଢ଼ୀ, କର୍ମକର୍ତ୍ତା ରାଜେନ୍ଦ୍ର ଗୌଡ଼, ବାସୁଦେବ ଗୌଡ଼, ପଦ୍ମନାଭ ପଟ୍ଟନାୟକ, ଦେବେନ୍ଦ୍ର ବେହେରା, ପର୍ଶୁରାମ ବେହେରା, ନରସିଂହ ପଣ୍ଡାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଶିକ୍ଷକ ସଂଘର ଗଞ୍ଜାମ ଜିଲା ସଭାପତି ସାରଥୀ ପାତ୍ର ଏବଂ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ୩ ଦିନ ହେଲା ଅନ୍ଧାରରେ ଏଟିଏମ୍

ପୋଲସରା,୮।୯(ସୁବ୍ରତ ବେହେରା)

ପୋଲସରା ସହର ମୁଖ୍ୟ ରାସ୍ତା ମିଲ୍‌ସାହି ଛକରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମ୍‌ଟି ବର୍ତ୍ତମାନ ଅନ୍ଧାର ଭିତରେ ରହିଛି। ଗ୍ରାହକମାନେ ମୋବାଇଲ ଟର୍ଚ୍ଚ ଲାଇଟ ଲଗାଇ ଟଙ୍କା ଉଠାଉଛନ୍ତି। ୩ ଦିନ ଧରି ଏହି ଏଟିଏମ ଅନ୍ଧାର ଭିତରେ ରହିଥିବା ବେଳେ କୌଣସି ଆପରାଧିକ ଘଟଣା ଘଟିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ପୋଲସରା ଶାଖା ବ୍ୟାଙ୍କ ମ୍ୟାନେଜର ଏହି ସମସ୍ୟା ପ୍ରତି ଧ୍ୟାନ ଦେଇ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗଞ୍ଜାମ ଜିଲା ଦଣ୍ଡନାଚ ମହାସଂଘ ବୈଠକ

**ଧାର୍ଯ୍ୟ ହେଲା ଅଭିନେତ୍ରୀଙ୍କ ପ୍ରାପ୍ୟ**

ଭଞ୍ଜନଗର,୮।୯(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଦଣ୍ଡନାଚ ମହାସଂଘ ପକ୍ଷରୁ ରବିବାର ଭଞ୍ଜନଗର ବ୍ଲକ ଜିଲୁଣ୍ଡି କାଳୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ଦଣ୍ଡନାଚ କିଭଳି ହେବ ତାହା ଉପରେ ଆଲୋଚନା ହୋଇଥିଲା। ସଂଘର ଜିଲା ସଭାପତି ଶିବ ରାମ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ଶରତ ଚନ୍ଦ୍ର ସାହୁ, ଜିଲା ସହ ସମ୍ପାଦକ ତ୍ରିପତି ମହାରଣା,ସାନଖେମୁଣ୍ଡି ବ୍ଲକ ସଂଯୋଜକ ଅଖିଳ ପଟ୍ଟନାୟକ, ଜିଲୁଣ୍ଡି ସଭାପତି ଗୋକୁଳାନନ୍ଦ ପ୍ରଧାନ, ସମ୍ପାଦକ ଜି. ଗଣେଶ ଆଚାରି, ଭଞ୍ଜନଗର ସଂଯୋଜକ ସାଧୁ ଚରଣ ସ୍ୱାଇଁ, ବେଲଗୁଣ୍ଠା ସଂଯୋଜକ ଭାସ୍କର ପାତ୍ର, ଡିହପଡାଳ ଅଧିକାରୀ ଶିବାନନ୍ଦ ବରାଡ଼, ଜିଲୁଣ୍ଡି ଅଧିକାରୀ ରାଜେନ୍ଦ୍ର ପ୍ରଧାନ, ନିର୍ଦ୍ଦେଶକ ଲୋକନାଥ କର, ମଞ୍ଚ ଅଭିନେତା ଜୟକୃଷ୍ଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଜିତେନ୍ଦ୍ର ପ୍ରଧାନ ସଭା ସଂଯୋଜନା କରିଥିଲେ। ଜିଲାରେ ଅଭିନେତ୍ରୀ ମିଳୁ ନ ଥିବାରୁ ବାହାର ଜିଲା ଅଭିନେତ୍ରୀଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଏହାର ଫାଇଦା ନେଇ ସେମାନେ ଅଧିକ ଟଙ୍କା ନିଅନ୍ତି। ଫଳରେ ଯାତ୍ରା କମିଟିକୁ କ୍ଷତି ସହିବାକୁ ପଡ଼େ। ଏହାକୁ ରୋକିବା ପାଇଁ ସେମାନଙ୍କର ପ୍ରାପ୍ୟ ତାଲିକା ପ୍ରସ୍ତୁତ କରାଯାଇଛି। ୧୩ଦିନ ଯାତ୍ରା ପାଇଁ ୪୫ରୁ ୫୦ ହଜାର,୧୮ଦିନ ପାଇଁ ୫୦ରୁ ୫୫ ହଜାର ଓ ୨୧ ଦିନ ପାଇଁ ୫୫ରୁ ୬୩ ହଜାର ଟଙ୍କା ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ସେହିପରି ଆଗକୁ ଚିତ୍ରାଳୟ, ମ୍ୟୁଜିକ ଓ ଡ୍ୟାନ୍ସ ଗ୍ରୁପ ପାଇଁ ମଧ୍ୟ ଏକ ତାଲିକା ପ୍ରସ୍ତୁତ କରାଯିବ। ସମସ୍ତ ବ୍ଲକ ସଂଯୋଜକ ଓ ସହ ସଂଯୋଜକ ନିଜ ଅଞ୍ଚଳରେ ଥିବା ଦଣ୍ଡ ଯାତ୍ରା କମିଟିକୁ ସହଯୋଗ କରିବେ।ସେହିପରି ବ୍ଲକ ସ୍ତରରେ ଏକ କାର୍ଯ୍ୟାଳୟ ନିର୍ମାଣ ପାଇଁ ମତ ପ୍ରକାଶ ପାଇଥିଲା। ଏଥିସହ ଯାତ୍ରା ସମୟରେ ବିଭିନ୍ନ ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା।

# ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଶିକ୍ଷକଙ୍କ ବିକାଶ କରାଯିବ

**ଶିକ୍ଷକ ସଂଘ ପକ୍ଷରୁ ବିଧାୟକ, ଏନ୍‌ଏସି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା**

ଭଞ୍ଜନଗର,୮।୯(ବାବୁଲା ପ୍ରଧାନ)



ସମ୍ବର୍ଦ୍ଧନା ସଭାରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର ଟାଉନ୍‌ହଲ ପରିସରରେ ରବିବାର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଭଞ୍ଜନଗର ବ୍ଲକ ଶାଖା ପକ୍ଷରୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ବିଧାୟକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଶିକ୍ଷକମାନଙ୍କ ବିକାଶ କରାଯିବ ବୋଲି କହିଥିଲେ। ଅଧ୍ୟକ୍ଷଙ୍କ ସହ ମିଶି ଭଞ୍ଜନଗର ବ୍ଲକ ଏବଂ ରାଜ୍ୟସ୍ତରରେ ଶିକ୍ଷକମାନଙ୍କ ଉନ୍ନତି ପାଇଁ ଯାହା ସହଯୋଗ ଲୋଡ଼ା କାର୍ଯ୍ୟ କରିବେ ବୋଲି କହିଥିଲେ। ଶିକ୍ଷକମାନେ ହେଉଛନ୍ତି ଦେଶ ନିର୍ମାଣର ମୁଖ୍ୟ। ଗୁରୁଙ୍କ ପାଇଁ ଆଜି ମୁଁ ବିଧାୟକ ହୋଇପାରିଛି ବୋଲି ନାୟକ କହିଥିଲେ। ଏନ୍‌ଏସି ଅଧ୍ୟକ୍ଷ ମହାପାତ୍ର ଶିକ୍ଷକ ମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଉନ୍ନତି ପାଇଁ ଯାହା ସହଯୋଗ ଲୋଡ଼ା ଯୋଗାଇ ଦିଆଯିବ ବୋଲି କହିଥିଲେ। ଶିକ୍ଷକ ସରୋଜକାନ୍ତ ଶତପଥୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶିବରାମ ନାୟକ, ଶରତ ଚନ୍ଦ୍ର ଦାସ, ଶିକ୍ଷକ ନେତା ତ୍ରିନାଥ ପଟ୍ଟନାୟକ, ଆଇନଜୀବୀ ରଜତ କୁମାର ଦାସ, ଏନପିଏସ ସଂଘର ସଭାପତି ଜଗଦୀଶ ନାୟକ, ଏକ୍ସ କ୍ୟାଡର ସଭାପତି ସୀମାଞ୍ଚଳ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ତାଙ୍କର ଦୁଇ ବରିଷ୍ଠ ଗୁରୁ ଶିବରାମ ନାୟକ ଓ ଶରତ ଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରି ପୂଜ୍ୟପୂଜାର ଉଦାହରଣ ଦେଇଥିଲେ। ଦେବୀ ପ୍ରସାଦ ଦାସ ସଭା ସଂଯୋଜନା କରିଥିବା ବେଳେ ଗଙ୍ଗାଧର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷକ ନେତା ସୁଧୀର କୁମାର ବେହେରା, ଶିଶିରକାନ୍ତ ପତି, ସୁଜିତ୍ କୁମାର ସ୍ୱାଇଁ, ଅବିନାଶ ପଣ୍ଡା, ସୁଧାଂଶୁ କୁମାର ମହାପାତ୍ର, ବୈରାଗୀ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଅପହରଣ, ବଳାତ୍କାର ମାମଲା,ଜେଲ୍ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୮।୯(ଅଶେଷ ନାଥ ମିଶ୍ର)



ଜଣେ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର ମାମଲାରେ ଦିଗପହଣ୍ଡି ପୋଲିସ ରବିବାର ରିଣ୍ଟୁ ଦାସଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛନ୍ତି। ଦିଗପହଣ୍ଡି ଥାନା ମାମଲା ନଂ.୪୨୫/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ୨ ବର୍ଷ ଧରି ଫେରାର ଥିବା ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

୨୦୨୨ ଡିସେମ୍ବର ୭ ତାରିଖରେ ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରି ଫେରାର ହୋଇଯାଇଥିଲେ। ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ହୋଇଥିଲା। ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ପୋଲିସ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ୍ୟ ଅଭିଯୁକ୍ତ କିମ୍ବା ନାବାଳିକାଙ୍କ ସନ୍ଧାନ ମିଳିପାରି ନ ଥିଲା। ଉଭୟେ ଫେରାର ହୋଇଯାଇ କୋରାପୁଟରେ ସ୍ୱାମୀ ସ୍ତ୍ରୀ ଭଳି ଚଳୁଥିଲେ। ସେମାନଙ୍କର ୪ ମାସର କନ୍ୟା ସନ୍ତାନଟିଏ ଅଛି। ଉଭୟେ କୋରାପୁଟରୁ ଆସି ଦିଗପହଣ୍ଡିରେ ରହୁଥିଲେ। ରବିବାର ସକାଳେ ତଦନ୍ତକାରୀ ଅଧିକାରୀ ସଦଳବଳ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

# ୩ ଖବରଦାତା, ଶିକ୍ଷକଙ୍କ ନାଁରେ ମାମଲା

**ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବ୍ଲାକମେଲ୍ ଅଭିଯୋଗ**

ରାୟଗଡ଼,୮।୯ (ଜ୍ୟୋତି ପ୍ରକାଶ ପାଣି)

ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବ୍ଲାକମେଲ୍ କରି ଟଙ୍କା ନେବା ୩ ଖବରଦାତାଙ୍କ ସହ ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ରାୟଗଡ଼ ବ୍ଲକ ଅଧୀନ କରଡ଼ାସିଂ ପଞ୍ଚାୟତର ପେଗେଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପରିଛାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଏତଲାରୁ ଜଣାପଡିଛି, ଉକ୍ତ ବିଦ୍ୟାଳୟର ଶିକ୍ଷକ ଶୈଳେନ୍ଦ୍ର ସୁବୁଦ୍ଧି ୨୦୨୨ ମାର୍ଚ୍ଚ ୯ରେ ବାଳିକା ହଷ୍ଟେଲ ଓ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପରିଛାଙ୍କୁ ବାଧ୍ୟ କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ବିନାନୁମତିରେ ସେ ଦାୟିତ୍ୱ ଦେଇପାରିବେନି ବୋଲି କହିଥିଲେ। ସେବେଠାରୁ ସୁବୁଦ୍ଧି ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରି ଆସୁଛନ୍ତି। ତାଙ୍କୁ ବାରମ୍ବାର ଖବରଦାତାଙ୍କ ଭୟ ଦେଖାଇ ବ୍ଲାକମେଲ୍ କରୁଛନ୍ତି। ଏପରିକି ସେ କେତେଜଣ ଛାତ୍ରୀଙ୍କୁ ପ୍ରବର୍ତ୍ତାଇ ଭିଡିଓ ଓ ଫଟୋ ଉତ୍ତୋଳନ କରି ସେସବୁ ଖବରଦାତାମାନଙ୍କୁ ଦେଇଥିଲେ। ଏହାର ଫାଇଦା ଉଠାଇବାକୁ ଗତ ଫେବୃଆରୀ ୨ରେ ରାୟଗଡ ଗ୍ରାମନିବାସୀ ତଥା ଏକ ୟୁଟ୍ୟୁବ୍‌ର ପ୍ରତିନିଧି ସଞ୍ଜୀବ ପାଣି, ଭିନ୍ନ ଭିନ୍ନ ଗଣମାଧ୍ୟମର ପ୍ରତିନିଧି ରୂପେ କାର୍ଯ୍ୟ କରୁଥିବା ଜିତେନ୍ଦ୍ର ପାତ୍ର ଓ ପାରଳାଖେମୁଣ୍ଡି ନିବାସୀ ସନ୍ତୋଷ ପଟ୍ଟନାୟକ ବିଦ୍ୟାଳୟକୁ ଆସି ନିଜକୁ ଗଣମାଧ୍ୟମ ପ୍ରତିନିଧି ପରିଚୟ ଦେଇ ଶିକ୍ଷକ ସୁବୁଦ୍ଧଙ୍କଠାରୁ ପାଇଥିବା ଫଟୋ ଓ ଭିଡିଓଗୁଡ଼ିକ ଖବରରେ ପ୍ରସାର କରିଦେବୁ ବୋଲି ପ୍ରଧାନଶିକ୍ଷୟିତ୍ରୀଙ୍କୁ କହିଥିଲେ। ଏଥିରେ ବିଦ୍ୟାଳୟ ଓ ନିଜେ ବଦନାମ ହେବା ଆଶଙ୍କା କରି ଖବର ପ୍ରସାରଣ ନ କରିବାକୁ ପ୍ରଧାନଶିକ୍ଷୟିତ୍ରୀ ଅନୁରୋଧ କରିଥିଲେ। ସେମାନେ ବିଭିନ୍ନ ବାହାନା କରି ତାଙ୍କୁ ଏକ ଲକ୍ଷ ଟଙ୍କା ଧାର ମାଗିଥିଲେ। ଯାହାକୁ ଦୁଇ ମାସ ମଧ୍ୟରେ ଫେରସ୍ତ ଦେଇଦେବୁ ବୋଲି କହିଥିଲେ । ମନା କରିବା ସତ୍ତ୍ୱେ ବାରମ୍ବାର ଟଙ୍କା ମାଗିବାରୁ ପ୍ରଧାନଶିକ୍ଷୟିତ୍ରୀ ୨ଟି କିସ୍ତିରେ ସଞ୍ଜୀବ ପାଣିଙ୍କୁ ଫୋନ ପେ'ରେ ୪୦ହଜାର ଟଙ୍କା ଦେଇଥିଲେ। କିଛି ମାସ ପରେ ଧାର ଟଙ୍କା ମାଗିବାରୁ ସମ୍ପୃକ୍ତ ୩ ଖବରଦାତା ଅଗଷ୍ଟ ୧୮ରେ ହଷ୍ଟେଲ ପରିସରକୁ ଆସି ତାଙ୍କୁ ଗାଳିଗୁଲଜ କରି ଆଉ ଟଙ୍କା ଦେବୁନି ବୋଲି କହି ତୁମକୁ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଅନ୍ୟପକ୍ଷରେ ଶିକ୍ଷକ ସୁବୁଦ୍ଧି ମଧ୍ୟ ବିଭିନ୍ନ ସମୟରେ ଧମକ ଦେଉଥିବା ପ୍ରଧାନଶିକ୍ଷୟିତ୍ରୀ ପରିଛା ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଘଟଣାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ କୃଷ୍ଣଚନ୍ଦ୍ର ମଲିକଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୭୬/୨୪ରେ ମାମଲା ରୁଜୁ ହୋଇଛ, ଏହାର ତଦନ୍ତ ଜାରି ରହିଛି।


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No.RDM-LAA-MBJ-0022-2022-27092 R&DM Dated 13 AUG 2024

No. XXI-45: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ରେ ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ହୋତାପୁର, ଥାନା-ବୈଶିଙ୍ଗା, ନଂ.୧୬୫, ତହସିଲ ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ, ବର୍ତନା ସବ-ମାଇନର ଏବଂ ବୈଦିପୁର ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୨୧୦, ତା.୧୨.୦୯.୨୦୨୨ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ ୨୦୧୨୯ ତା. ୨୮.୦୬.୨୦୨୪ ରିଖ ଅନୁସାରେ ଅଧିସୂଚନାର ବୈଧତା ତା.୧୦.୧୧.୨୦୨୪ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ହୋତାପୁର, ଥାନା-ବୈଶିଙ୍ଗା, ନଂ.୧୬୫, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବହଳଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମୟୂରଭଞ୍ଜ ତହସିଲ-ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହୋତାପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୫୦.୮୫ | ଏକର ୧୧.୫୪ | ଏଥିସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମୟୂରଭଞ୍ଜ ତହସିଲ-ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୧.୧୧.୨୦୨୨

ଭୂ-ଅର୍ଜନ ମାମଲା ସଂଖ୍ୟା-୩୧/୨୦୧୯
ଏ.୧୧.୫୪ ଡି.

## ଭୂମି ଅନୁସୂଚୀ

### ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ହରିପୁର ଡିଷ୍ଟ୍ରିବ୍ୟୁଟାରୀ ବର୍ତନା ସବମାଇନର ଓ ବୈଦିପୁର ସବମାଇନର ନିମନ୍ତେ ମୌଜା-ହୋତାପୁର, ଥାନା-ବୈଶିଙ୍ଗା, ନଂ.୧୬୫, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ. | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 2 | 436 | 0.43 | 0.07 | ଶାରଦ ଅଣ ଜଳସେଚିତ ଦୁଇ | ଅଖିଳଚନ୍ଦ୍ର ଦତ୍ତ, ପି:ବାଙ୍ଗୁରୁ ଦତ୍ତ, ଜା:ଖଣ୍ଡାୟତ, ବା:ନିଜଗାଁ |
| 8 | 655 | 0.07 | 0.01 | ଶାରଦ ଅଣ ଜଳସେଚିତ ଦୁଇ | ଅଚ୍ୟୁତାନନ୍ଦ ଭୋଇ, ଅନାଦି ଭୋଇ, ଅନନ୍ତ କୁମାର ଭୋଇ, ପି.ସୀତାରାମ ଭୋଇ, ଜା. ଖଣ୍ଡାୟତ,ବା.ନିଜଗାଁ |
| 12 | 462 | 0.40 | 0.09 | ଶାରଦ ଅଣ ଜଳସେଚିତ ଦୁଇ | ଅଞ୍ଜନା ମହାନ୍ତ, ପି.ଦିବାକର ମହାନ୍ତ, ଜା. କୁଡୁମୀ, ବା.ନିଜଗାଁ |
| 15 | 85 | 0.19 | 0.02 | ଶାରଦ ଅଣ ଜଳସେଚିତ ତିନି | ଅନନ୍ତ ଟୁଡୁ, ପି.କନ୍ଦା ଟୁଡୁ, ଜା.ସାନ୍ତାଳ, ବା.ନିଜଗାଁ |
| 23 | 692 | 1.16 | 0.92 | ଶାରଦ ଅଣ ଜଳସେଚିତ ଦୁଇ | ଅନିଲ ମହାନ୍ତ, ପି.ଶରତ ମହାନ୍ତ, ଜା.କୁଡୁମୀ, ବା.ନୟାବସନ୍ତପୁର |
| 27 | 717 | 0.39 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ଅଭିଳାସ ଦତ୍ତ, ପି.ପଦ୍ମଲୋଚନ ଦତ୍ତ, ଜା.ଖଣ୍ଡାୟତ,ବା.ନିଜଗାଁ |
| 39 | 84 | 0.19 | 0.10 | ଶାରଦ ଅଣ ଜଳସେଚିତ ତିନି | ଆଶୁ ମାଝି, ସ୍ୱା.ଦୁଲା ମାଝି, ଭକ୍ତ ମାଝି, ଜାନକୀ ମାଝି, ପି.ଚୂନ ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 41 | 455 | 0.14 | 0.14 | ପତିତ | ଉଦୟ ମାଝି, ପି.ଭରତ ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 47 | 594 | 0.50 | 0.04 | ଶାରଦ ଅଣ ଜଳସେଚିତ ଦୁଇ | ଉଷାମଣି ଦେହୁରୀ, ସ୍ୱା.ବଳଭଦ୍ର ଦେହୁରୀ, ଜା.ଅମାତ, ବା.ନିଜଗାଁ |
| 51 | 20 | 0.11 | 0.04 | ଶାରଦ ଅଣ ଜଳସେଚିତ ତିନି | କର ମାଝି, ରଘୁନାଥ ମାଝି, ପୁନି ମାଝି, ଦେଲହ ମାଝି, ରାମିଆ ମାଝି, ପି.ବିଦାନ ମାଝି, ମାହୀ ମାଝି, ସ୍ୱା.ବିଦାନ ମାଝି, ମନୁ ମାଝି, ସୁନା ମାଝି, ପି.କର ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| | 471 | 0.16 | 0.10 | ଶାରଦ ଅଣ ଜଳସେଚିତ ଦୁଇ | |

| ଖାତା ନଂ. | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 52 | 379 | 0.66 | 0.22 | ଶାରଦ ଅଣ ଜଳସେଚିତ ଦୁଇ | କରୁଣାକର ସରେନ, କୁଆଁର ସରେନ, ପି.ଉଦୟନାଥ ସରେନ, ଜା.ସାନ୍ତାଳ, ବା.ନିଜଗାଁ |
| 68 | 338 | 0.70 | 0.31 | ଶାରଦ ଅଣ ଜଳସେଚିତ ତିନି | କୁଆଁର ସରେନ, କରୁଣାକର ସରେନ, ପି. ଉଦୟନାଥ ସରେନ, ଜା.ସାନ୍ତାଳ, ବା.ନିଜଗାଁ |
| 83 | 332 | 0.76 | 0.04 | ଶାରଦ ଅଣ ଜଳସେଚିତ ତିନି | ଗିରୀଶ ଚନ୍ଦ୍ର ମହାନ୍ତ, ସନାତନ ମହାନ୍ତ, ପି.ଲୋକନାଥ ମହାନ୍ତ, ଜା.କୁଡୁମୀ, ବା.ଅଙ୍ଗାରିଆ, ଥା.ମୋରଡା |
| 89 | 453 | 0.15 | 0.10 | ପତିତ | ଗୁନ୍ଦୁରୁ ମାଝି, ପି.ଭରତ ମାଝି, ଜା.ସାନ୍ତାଳ, ବା. ନିଜଗାଁ |
| 90 | 470 | 1.82 | 0.09 | ଶାରଦ ଅଣ ଜଳସେଚିତ ଏକ | ଗୋକୁଳାନନ୍ଦ ମହାନ୍ତ, ପି.ମୋହନ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| | 461 | 0.48 | 0.10 | ଶାରଦ ଅଣ ଜଳସେଚିତ ଏକ | |
| 96 | 372 | 0.92 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ଗୌରମୋହନ ମହାନ୍ତ, ଛତିଶ ଚନ୍ଦ୍ର ମହାନ୍ତ, ଦୀନବନ୍ଧୁ ମହାନ୍ତ, ରାଜେନ୍ଦ୍ର କୁମାର ମହାନ୍ତ, ପି.ସର୍ଦ୍ଧୁ ମହାନ୍ତ, ଜା.କୁଡୁମୀ, ବା.ବେଲଡିହା |
| 103 | 22 | 0.65 | 0.12 | ଶାରଦ ଅଣ ଜଳସେଚିତ ତିନି | ଚରଣ ମାଝୀ, ବାଡା ମାଝୀ, ଚୈତନ୍ୟ ମାଝୀ, ଲବ ମାଝୀ, ଦାନଙ୍ଗା ମାଝୀ, ସାଲମା ମାଝୀ, ବୁଧୁ ମାଝୀ, ପି.ଶ୍ୟାମ ମାଝୀ, ସୁନିଆ ମାଝୀ, ସ୍ୱା.ଶ୍ୟାମ ମାଝୀ, ଦୁର୍ଗା ମାଝୀ, ଝାନୁ ମାଝୀ, ପି. ବାଲୁଆ ମାଝୀ, ଯମୁନା ମାଝୀ, ସ୍ୱା.ବାୟାଏ ମାଝୀ,ଜା.ସାନ୍ତାଳ,ବା.ନିଜଗାଁ |
| | 24 | 1.90 | 0.34 | ଶାରଦ ଅଣ ଜଳସେଚିତ ତିନି | |
| 106 | 375 | 1.38 | 0.24 | ଶାରଦ ଅଣ ଜଳସେଚିତ ଦୁଇ | ଚିନ୍ତାମଣି ମହାନ୍ତ, ପଦ୍ମାବତୀ ମହାନ୍ତ, ବୀନତୀ ମହାନ୍ତ, ପି.ହଗୁରୁ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| | 718 | 0.34 | 0.10 | ଶାରଦ ଅଣ ଜଳସେଚିତ ଦୁଇ | |
| | 719 | 0.90 | 0.18 | ଶାରଦ ଅଣ ଜଳସେଚିତ ଦୁଇ | |
| 107 | 337 | 0.09 | 0.01 | ଶାରଦ ଅଣ ଜଳସେଚିତ ଦୁଇ | ଚୁନୁରାମ ମହାନ୍ତ, ପି.ପ୍ରଭୁରାମ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| | 371 | 0.82 | 0.24 | ଶାରଦ ଅଣ ଜଳସେଚିତ ଦୁଇ | |
| | 694 | 0.67 | 0.07 | ଶାରଦ ଅଣ ଜଳସେଚିତ ଦୁଇ | |
| 121 | 339 | 0.58 | 0.15 | ଶାରଦ ଅଣ ଜଳସେଚିତ ତିନି | ଜୟନ୍ତୀ ମହାନ୍ତ, ସ୍ୱା.ବୃନ୍ଦାବନ ମହାନ୍ତ, ଗାଏଶ୍ୱର ମହାନ୍ତ, ପି.ସନାତନ ମହାନ୍ତ, ଜା.କୁଡୁମୀ, ବା. ଅଙ୍ଗାରିଆ, ଥା.ମୋରଡା |
| 124 | 334 | 0.24 | 0.01 | ଶାରଦ ଅଣ ଜଳସେଚିତ ଦୁଇ | ଯୋଗେଶ୍ୱର ମହାନ୍ତ, ପି. ସହଦେବ ମହାନ୍ତ, ଜା.କୁଡୁମୀ, ବା.ଫୁଲଗଡିଆ |
| 128 | 432 | 0.30 | 0.09 | ଶାରଦ ଅଣ ଜଳସେଚିତ ଦୁଇ | ତାରାକାନ୍ତ ମହାନ୍ତ, ପି.ଭୀମ ମହାନ୍ତ, ଜା.କୁଡୁମୀ, କ୍ଷତ୍ରିୟ, ବା.ଭୋଳାଗଡିଆ, ଥା.ମୋରଡା |
| | 433 | 0.15 | 0.05 | ଶାରଦ ଅଣ ଜଳସେଚିତ ଦୁଇ | |
| 135 | 720 | 0.19 | 0.10 | ଶାରଦ ଅଣ ଜଳସେଚିତ ଦୁଇ | ଦୟାନିଧି ମହାନ୍ତ, ପି.ହଳଧର ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 140 | 167 | 0.59 | 0.13 | ଶାରଦ ଅଣ ଜଳସେଚିତ ଦୁଇ | ଦୁଲା ମାଝି, କାଦୁ ମାଝି, ବିଶ୍ୱନାଥ ମାଝି, ବତୀ ମାଝି, ପି.କାନ୍ଦରା ମାଝି, ମାୟା ମାଝୀ, ଫୁଲ ମାଝି, ସ୍ୱା.କାନ୍ଦରା ମାଝି, ଜା.ସାନ୍ତାଳ,ବା.ନିଜଗାଁ |
| | 169 | 4.59 | 0.36 | ଶାରଦ ଅଣ ଜଳସେଚିତ ଦୁଇ | |
| 142 | 627 | 0.29 | 0.08 | ଶାରଦ ଅଣ ଜଳସେଚିତ ଦୁଇ | ଦୁଲାରି ହାଁସଦା, ସ୍ୱା. ତଳ ହାଁସଦା, ଜା.ସାନ୍ତାଳ, ବା.ନିଜଗାଁ |
| | 654 | 0.30 | 0.16 | ଶାରଦ ଅଣ ଜଳସେଚିତ ଦୁଇ | |
| 148 | 373 | 0.71 | 0.44 | ଶାରଦ ଅଣ ଜଳସେଚିତ ଦୁଇ | ଦ୍ରୌପଦୀ ମହାନ୍ତ, ପି.ଜଗନ୍ନାଥ ମହାନ୍ତ, ଜା.କୁଡୁମି କ୍ଷେତ୍ରିୟ, ବା.ନିଜଗାଁ |
| 149 | 648 | 0.04 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ଧନଞ୍ଜୟ ମହାନ୍ତ, କୃଷ୍ଣ ମହାନ୍ତ, ହରେକୃଷ୍ଣ ମହାନ୍ତ, ପି.ପରମାନନ୍ଦ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 170 | 656 | 0.03 | 0.01 | ଶାରଦ ଅଣ ଜଳସେଚିତ ଦୁଇ | ପଦ୍ମନାଭ ମହାରଣା, ପୂର୍ଣ୍ଣମଣି ବିନ୍ଧାଣି, ନିଶାମଣି ସାହୁ, କ୍ଷେତ୍ରମଣି ବିନ୍ଧାଣି, ପି. ପଞ୍ଚାନନ ମହାରଣା, ଅନ୍ନପୂର୍ଣ୍ଣା ଓଝା, ମେନକା ବିନ୍ଧାଣି, ଆଶାମଣି ବିନ୍ଧାଣି, ପି. ବିନ୍ଦୁ ମହାରଣା, ଜା.କମାର, ବା.ମାଛପଦା |
| 174 | 397 | 0.69 | 0.33 | ଶାରଦ ଅଣ ଜଳସେଚିତ ଦୁଇ | ପ୍ରତାପ ଚନ୍ଦ୍ର ମହାନ୍ତ, ପି.ରୂପଚାନ୍ଦ ମହାନ୍ତ, ଜା.କୁଡୁମୀ, ବା.ସଇତପୁର |
| 178 | 622 | 1.67 | 0.34 | ଶାରଦ ଅଣ ଜଳସେଚିତ ଦୁଇ | ପ୍ରଧାନ ମାଝି, ପି.ନରସିଂହ ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| | 629 | 0.93 | 0.24 | ଶାରଦ ଅଣ ଜଳସେଚିତ ଦୁଇ | |
| 187 | 87 | 0.63 | 0.19 | ଶାରଦ ଅଣ ଜଳସେଚିତ ତିନି | ପିଥ ମାଝି, ପି.ରେଣ୍ଟା ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 190 | 396 | 0.69 | 0.29 | ଶାରଦ ଅଣ ଜଳସେଚିତ ଦୁଇ | ପୁରସ୍ତମ ମହାନ୍ତ, ପି.ବୈକୁଣ୍ଠ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 191 | 593 | 0.52 | 0.01 | ଶାରଦ ଅଣ ଜଳସେଚିତ ଦୁଇ | ପୁରସ୍ତମ ନାୟକ, ପି.ଶିବ ନାୟକ, ଜା.କୈବର୍ତ୍ତ, ବା.ନିଜଗାଁ |
| 215 | 472 | 0.08 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ବିଦାନ ମାଝି, ଦୁଲା ମାଝି, ପି.ହେମ ମାଝି, ଫୁଲମଣି ମାଝି, ସ୍ୱା.ବିଦାନ ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| | 474 | 0.25 | 0.07 | ଶାରଦ ଅଣ ଜଳସେଚିତ ଦୁଇ | |
| 221 | 378 | 0.43 | 0.01 | ଶାରଦ ଅଣ ଜଳସେଚିତ ଦୁଇ | ବୁଧିଆ ମାଝି, ପି.କିସୁନ ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 225 | 109 | 3.18 | 0.05 | ଶାରଦ ଅଣ ଜଳସେଚିତ ତିନି | ବୁଧିଆ ସିଂ, ପି.ଶିବ ସିଂ, ଲକ୍ଷ୍ମୀଧର ସିଂ, ପି.କାହ୍ନୁ ସିଂ, ଜା.ଭୂମିଜ, ବା.ବଇଦିପୁର |

| ଖାତା ନଂ. | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 227 | 121 | 0.25 | 0.05 | ଶାରଦ ଅଣ ଜଳସେଚିତ ଦୁଇ | ବୃନ୍ଦାବନ ସାହୁ, ପି.ନାରାଣ ସାହୁ, ଜା.କୁବେର, ବା.ସନ୍ତରା |
| | 126 | 1.41 | 0.09 | ଶାରଦ ଅଣ ଜଳସେଚିତ ଦୁଇ | |
| | 122 | 0.70 | 0.22 | ଶାରଦ ଅଣ ଜଳସେଚିତ ତିନି | |
| 230 | 127 | 0.16 | 0.01 | ଶାରଦ ଅଣ ଜଳସେଚିତ ଦୁଇ | ବୈଷ୍ଣବ ସାହୁ, ଉପେନ୍ଦ୍ର ସାହୁ, ପି.ଦୈତାରୀ ସାହୁ, ଜା.କୁବେର, ବା. ବର୍ତ୍ତନା |
| | 170 | 1.16 | 0.01 | ଶାରଦ ଅଣ ଜଳସେଚିତ ଦୁଇ | |
| 231 | 456 | 0.14 | 0.04 | ପତିତ | ଭରତ ମାଝି, ରାମେଶ୍ୱର ମାଝି, ପି.ସିଂଗରାଏ ମାଝି, ସରସ୍ୱତୀ ମାଝି, ସ୍ୱା.ସିଂଗରାଏ ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 238 | 448 | 1.22 | 0.51 | ଶାରଦ ଅଣ ଜଳସେଚିତ ତିନି | ମଙ୍ଗୁଳ ମାଝି, ପି.ଶୁକୁଲ ମାଝି, ବୁଟା ମାଝି, ଭୁଟା ମାଝି, ଲେଦରା ମାଝି, ପି.ବିନୁ ମାଝି, ଜା.ସାନ୍ତାଳ, ବା.ବଡଶାଳ |
| 240 | 330 | 0.28 | 0.12 | ଶାରଦ ଅଣ ଜଳସେଚିତ ତିନି | ମଞ୍ଜୁଲତା ସିଂ, ସ୍ୱା.ନରୋତ୍ତମ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 340 | 0.51 | 0.16 | ଶାରଦ ଅଣ ଜଳସେଚିତ ତିନି | |
| 249 | 395 | 0.32 | 0.02 | ଶାରଦ ଅଣ ଜଳସେଚିତ ଦୁଇ | ମହେନ୍ଦ୍ରନାଥ ମହାନ୍ତ, ମଜିନ୍ଦ୍ର ମହାନ୍ତ, ପି.ଦେବାନ ମହାନ୍ତ, ଜା.କୁଡୁମୀ, ବା.ପୁରିଖୁଣ୍ଟା |
| 260 | 658 | 0.18 | 0.12 | ଶାରଦ ଅଣ ଜଳସେଚିତ ଦୁଇ | ମୁଷି ନାଏକ, ପି.କୃଷ୍ଣ ନାଏକ, ଜା.ଅମାତ, ବା.ନାଜଗାଁ |
| 263 | 626 | 0.08 | 0.06 | ଶାରଦ ଅଣ ଜଳସେଚିତ ଦୁଇ | ରଘୁନାଥ ନାଏକ, ଗୋପାଳ ନାଏକ, ପି. ହାଡିବନ୍ଧୁ ନାଏକ, ଓରମଣି ନାଏକ, ସ୍ୱା.ହାଡିବନ୍ଧୁ ନାଏକ, ପୁରସ୍ତମ ନାଏକ, ସୁରେନ୍ଦ୍ର ନାଏକ, ପି. ଶିବ ନାଏକ, ଗୋପ ନାଏକ, ପି. ନାଥ ନାଏକ, ମୁଷି ନାଏକ, ନିଶା ନାଏକ, ଉଷା ନାଏକ, ଆଶା ନାଏକ, କୃଷ୍ଣ ନାଏକ, ଶଙ୍କର ନାଏକ, ଶଶିଧର ନାଏକ, ପି. ପୁରସ୍ତମ ନାଏକ, ଜା.ଅମାତ, ବା.ନିଜଗାଁ |
| 267 | 435 | 0.69 | 0.37 | ଶାରଦ ଅଣ ଜଳସେଚିତ ଦୁଇ | ରତିକାନ୍ତ ଦତ୍ତ, କମଳାକାନ୍ତ ଦତ୍ତ, ଉପେନ୍ଦ୍ରନାଥ ଦତ୍ତ, ଡମ୍ବରୁଧର ଦତ୍ତ, ପି. ଯଦୁନାଥ ଦତ୍ତ, ଜା. ଖଣ୍ଡାୟତ, ବା.ନିଜଗାଁ |
| | 721 | 0.93 | 0.02 | ଶାରଦ ଅଣ ଜଳସେଚିତ ଦୁଇ | |
| 274 | 128 | 0.08 | 0.08 | ଶାରଦ ଅଣ ଜଳସେଚିତ ଦୁଇ | ରବୀନ୍ଦ୍ର ସିଂ, ପି.ଶୁକୁରା ସିଂ, ଜା. ଭୂମିଜ, ବା.ଡାହିସାହି |
| | 129 | 1.00 | 0.47 | ଶାରଦ ଅଣ ଜଳସେଚିତ ଦୁଇ | |
| 277 | 431 | 1.23 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ରାମଚନ୍ଦ୍ର ମହାନ୍ତ, ଶ୍ୟାମସୁନ୍ଦର ମହାନ୍ତ, ବୁଧିରାୟ ମହାନ୍ତ, ସହଦେବ ମହାନ୍ତ, ପି.ଦଶରଥ ମହାନ୍ତ, ଜା.କୁଡୁମୀ, ବା.ନୟାବସନ୍ତପୁର |
| 291 | 374 | 0.63 | 0.01 | ଶାରଦ ଅଣ ଜଳସେଚିତ ଦୁଇ | ଲକ୍ଷ୍ମୀଧର ମହାନ୍ତ, ଗଙ୍ଗାଧର ମହାନ୍ତ, ମହେନ୍ଦ୍ର କୁମାର ମହାନ୍ତ, ପି.ହରେକୃଷ୍ଣ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| | 434 | 0.75 | 0.21 | ଶାରଦ ଅଣ ଜଳସେଚିତ ଦୁଇ | |
| 303 | 385 | 1.33 | 0.14 | ଶାରଦ ଅଣ ଜଳସେଚିତ ଦୁଇ | ଶତ୍ରୁଘ୍ନ ମହାନ୍ତ, ପି.କୁଶ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 312 | 336 | 0.46 | 0.26 | ଶାରଦ ଅଣ ଜଳସେଚିତ ଦୁଇ | ସାବିତ୍ରୀ ନାୟକ, ସ୍ୱା. ନରେନ୍ଦ୍ର ନାୟକ, ଜା. ଖଣ୍ଡାୟତ, ବା.ନିଜଗାଁ |
| | 376 | 0.36 | 0.01 | ଶାରଦ ଅଣ ଜଳସେଚିତ ଦୁଇ | |
| 315 | 475 | 0.09 | 0.02 | ଶାରଦ ଅଣ ଜଳସେଚିତ ଦୁଇ | ସିନିଙ୍ଗ ମାଝି, କୁନ୍ଦି ମାଝି, ପି.ମରା ମାଝି, ଜା. ସାନ୍ତାଳ, ବା.ନିଜଗାଁ |
| 316 | 452 | 0.15 | 0.01 | ପତିତ | ଶିବ ମାଝି, କାର୍ତ୍ତିକ ମାଝି, ରଥ ମାଝି, ପି. ଗୋବିନ୍ଦ ମାଝି, କାପୁରା ମାଝି, ସ୍ୱା.ଗୋବିନ୍ଦ ମାଝି,ଜା.ସାନ୍ତାଳ,ବା.ନିଜଗାଁ |
| 323 | 450 | 0.70 | 0.24 | ଶାରଦ ଅଣ ଜଳସେଚିତ ତିନି | ସୁକାନ୍ତ କୁମାର ମହାନ୍ତ, ପ୍ରଶାନ୍ତ କୁମାର ମହାନ୍ତ, ପି.ଗୋକୁଳାନନ୍ଦ ମହାନ୍ତ, ଜା.କୁଡୁମୀ,ବା.ନିଜଗାଁ |
| | 454 | 0.05 | 0.03 | ପତିତ | |
| 330 | 329 | 0.36 | 0.07 | ଶାରଦ ଅଣ ଜଳସେଚିତ ତିନି | ସୁରେନ୍ଦ୍ର ମାଝି, ଝୀନ ମାଝି, ରୁଇ ମାଝି, ପି. ବାଡା ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 347/3 | 625 | 0.40 | 0.01 | ଶାରଦ ଅଣ ଜଳସେଚିତ ଦୁଇ | ରବୀନ୍ଦ୍ର କୁମାର ପାତ୍ର, ପି.ଶଙ୍କର ପାତ୍ର, ଜା.ଅମାତ, ବା.ହୋତାପୁର |
| 347/15 | 693 | 0.50 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ଗିରିଧାରୀ ମହାନ୍ତ, ପି.ଗମ୍ଭୀରା ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 347/16 | 693/ 1470 | 0.50 | 0.06 | ଶାରଦ ଅଣ ଜଳସେଚିତ ଦୁଇ | ଉଗ୍ରସେନ ମହାନ୍ତ, ପି.ଗମ୍ଭୀରା ମହାନ୍ତ,ଜା.କୁଡୁମୀ, ବା.ନିଜଗାଁ |
| 347/17 | 693/ 1471 | 0.50 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ଗୁଦୁନି ମହାନ୍ତ, ପି.ଗମ୍ଭୀରା ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| ସମ ପରିମାଣ ଗୋଚର ପ୍ରତିବଦଳ | | | | | |
| 140 | 167 | | 0.16 | ଶାରଦ ଅଣ ଜଳସେଚିତ ଦୁଇ | ଦୁଲା ମାଝି, କାଦୁ ମାଝି, ବିଶ୍ୱନାଥ ମାଝି, ବତୀ ମାଝି, ପି.କାନ୍ଦରା ମାଝି, ମାୟା ମାଝି, ଫୁଲ ମାଝି, ସ୍ୱା.କାନ୍ଦରା ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 257 | 168 | 1.21 | 0.95 | ଶାରଦ ଅଣ ଜଳସେଚିତ ଦୁଇ | ମାୟା ମାଝି, ସ୍ୱା.କାନ୍ଦରା ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| ମୋଟ | ୮୧ ପ୍ଲଟକୁ | ଏ. ୫୦.୮୫ ଡେ.ମି. | ଏ.୧୧.୫୪ ଡେ.ମି. | | |

Sd./- Amin Bahalda Zone | Sd./- Revenue Inspector | Zone Officer-II L.A.S.I.P.Bahalda | Spl.Land Acquisition Officer SIP Baripada

OIPR-24001/14/0096/2425

# ଝିଅର ଚିକିତ୍ସା କରାଇ ନ ପାରି ବାପାଙ୍କ ଆତ୍ମହତ୍ୟା ଉଦ୍ୟମ

## ଏମ୍‌କେସିଜିରେ ଅଭାବନୀୟ ଘଟଣା

### ଭାଷା ନ ବୁଝିବା ଅଡୁଆ ହେଲା

ବ୍ରହ୍ମପୁର, ୮।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ନିଜ ଶିଶୁକନ୍ୟାର ଚିକିତ୍ସା ପାଇଁ ଆସିଥିବା ଜଣେ ଯୁବକ ଓଡ଼ିଆ ଭାଷା ନ ବୁଝିବା ଓ ତାଙ୍କ କଥା କେହି ବୁଝି ପାରି ନ ଥିବାରୁ ମାନସିକ ଭାରସାମ୍ୟ ହରାଇ ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗକୁ ପ୍ରାୟ ୩ ଘଣ୍ଟା ନାକେଦମ ହେବାକୁ ପଡ଼ିଛି। ରବିବାର ମେଡିକାଲ ରକ୍ତଭଣ୍ଡାର ପରିସରରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ମାଲକାନଗିରି ଜିଲା ସୁରିଗୁଡା ଗାଁର ଇର୍ମା ସୋଦି ଓ ତାଙ୍କ ସ୍ତ୍ରୀ ବିଜୁ କର୍ତ୍ତାମୀ ତାଙ୍କ ୫ଦିନର ଅସୁସ୍ଥ ଶିଶୁକନ୍ୟାକୁ ଗତ ବୁଧବାର ଏମ୍‌କେସିଜି ମେଡିକାଲକୁ ନେଇ ଆସିଥିଲେ। ଶିଶୁକନ୍ୟାଟି ମଳତ୍ୟାଗ କରିପାରୁ ନ ଥିବାରୁ ମାଲକାନଗିରି ମେଡିକାଲରୁ ଏମ୍‌କେସିଜିକୁ ରେଫର ହୋଇ ଆସିଥିଲା। ଏଠାରେ ଡାକ୍ତର ତାହାର ଚିକିତ୍ସା କରି କେତେକ ପରୀକ୍ଷା ଓ ରକ୍ତଭଣ୍ଡାରରୁ ପ୍ଲାଜମା ସଂଗ୍ରହ କରିବାକୁ ଶିଶୁକନ୍ୟାର ବାପା ଇର୍ମାଙ୍କୁ କହିଥିଲେ। କିନ୍ତୁ ସେ ଡାକ୍ତର ଓ କର୍ମଚାରୀଙ୍କ ଭାଷା ବୁଝିପାରୁ ନ ଥିଲେ କି ଓଡ଼ିଆ ମଧ୍ୟ ଠିକ ଭାବେ କହିପାରୁ ନ ଥିଲେ। ଇର୍ମାଙ୍କ ପାଖରେ ବେଶି ଟଙ୍କା ମଧ୍ୟ ନ ଥିଲା। ତେଣୁ ସେ ଡାକ୍ତର ଦେଇଥିବା ଚିଠା ଧରି ହତାଶ ହୋଇ ମେଡିକାଲରେ ବୁଲୁଥିଲେ। ଶେଷରେ ମାନସିକ ଭାରସାମ୍ୟ ହରାଇ ରକ୍ତଭଣ୍ଡାର ପରିସରରେ ଥିବା ଏକ ଗଛ ଉପରକୁ ଚଢ଼ି ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ଏହା ପ୍ରଘଟ ହେବା ପରେ ସ୍ଥାନୀୟ ପୋଲିସ ଓ ଇର୍ମାଙ୍କ ସମ୍ପର୍କୀୟ ତାଙ୍କୁ ତଳକୁ ଓହ୍ଲାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ବ୍ରହ୍ମପୁର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ଆସି ବହୁତ ବୁଝାଶୁଝା କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ପରେ ଜଣେ ଅଗ୍ନିଶମ ଅଧିକାରୀ ଗଛରେ ଚଢ଼ି ତାଙ୍କୁ କାବୁ କରି ତଳକୁ ଓହ୍ଲାଇ ଆଣିଥିଲେ। ଉଦ୍ଧାର ପରେ ଇର୍ମାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଇର୍ମାଙ୍କ ଭାଷା କେହି ନ ବୁଝିବା ଓ ଏଠାକାର ଭାଷା ସେ ନ ବୁଝିବା ସହିତ ଆର୍ଥିକ ଅଭାବ କାରଣରୁ ସେ ଏପରି କରିଥିଲେ ବୋଲି ଏମ୍‌କେସିଜି ମେଡିକାଲ କଲେଜ ଛାତ୍ର ସଂସଦର ସଭାପତି କୃଷ୍ଣ କୁମାର ମହାପାତ୍ର କହିଛନ୍ତି।



ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକ।

# ପୋଖରୀରେ ବୁଡ଼ି ବଡ଼ଭାଇ ମୃତ, ସାନ ଗୁରୁତର

### ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ

ବାହାନଗା, ୮।୯ (ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ କୁଲିଗାଁ ଗ୍ରାମରେ ରବିବାର ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ି ବଡ଼ ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ସାନ ଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର ଅରୁଣ ରାଉତଙ୍କ ବଡ଼ପୁଅ ପ୍ରତ୍ୟୁଷ(୯)। ଗୁରୁତର ଅରୁଣଙ୍କ ସାନ ଭାଇ ଗଜେନ୍ଦ୍ର ରାଉତଙ୍କ ପୁଅ ସତ୍ୟଜିତ(୮)ଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ରେମୁଣା ବ୍ଲକ ଶ୍ରୀଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ମହମ୍ମଦାବାଦ ଗ୍ରାମ ଦଳେଇ ସାହିସ୍ଥିତ ଏକ ପୋଖରୀରେ ବୁଡ଼ି ଜଡ଼ା ଦଳେଇଙ୍କ ପୁଅ ଚନ୍ଦନଙ୍କ ମୃତ୍ୟୁ ଘଟିଛି। ରବିବାର ଦ୍ୱିପ୍ରହର ସମୟରେ ପୋଖରୀକୁ ଗୋଧୋଇବାକୁ ଯାଇଥିଲା ବେଳେ ସେ ପାଣିରେ ବୁଡ଼ି ଯାଇଥିଲେ। ଏନେଇ ଖନ୍ତାପଡ଼ା ଥାନାରେ ଦୁଇଟି ଅପମୃତ୍ୟୁ ମାମଲା(ନଂ.୨୮/୨୪ ଓ ୨୯/୨୪) ରୁଜୁ ହୋଇଛି।

# ନୂଆପଡ଼ା ଏମ୍‌ଭିଆଇ ବିଜୟ ବେହୁରିଆ ଗିରଫ

ଭୁବନେଶ୍ୱର, ୮।୯ (ସତ୍ୟଜିତ୍ ରାଉତ)

ନୂଆପଡା ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମ୍‌ଭିଆଇ ବିଜୟ କୁମାର ବେହୁରିଆଙ୍କୁ ରବିବାର ଗିରଫ କରିଛି ଭିଜିଲାନ୍ସ। ଶନିବାର ଅପରାହ୍ନରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଛକ ନିକଟରୁ ତାଙ୍କ ଗାଡିରୁ ଭିଜିଲାନ୍ସ ଟିମ୍ ୧.୩୨ ଲକ୍ଷ ଟଙ୍କା ଜବତ କରିଥିଲା। ଏହି ଟଙ୍କାର ଉତ୍ସ ସଂକ୍ରାନ୍ତରେ ବିଜୟ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୦/୨୦୨୪) ରୁଜୁ କରାଯାଇ ତଦନ୍ତ କରାଯାଉଛି। ବିଜୟଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିଜୟ ଶନିବାର ଓଡିଶାଏସି୨୦୩୦ ନମ୍ବର ବିଶିଷ୍ଟ



ବିଜୟ କୁମାର ବେହୁରିଆ

### ଗାଡ଼ିରୁ ମିଳିଥିଲା ୧.୩୨ ଲକ୍ଷ ଟଙ୍କା

କାର୍‌ରେ ନୂଆପଡାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ସମୟରେ ଧରାପଡ଼ିଥିଲେ। ଏହାପରେ ବିଜୟଙ୍କ ନୂଆପଡାସ୍ଥିତ ବାସଭବନ, ଅଫିସ ଚାମ୍ବର, ଯାଜପୁର ଜିଲା ସିଂହପୁର ବେହୁରିଆ ସାହିସ୍ଥିତ ପୈତୃକ ଘର ଓ ଶୈଳଶ୍ରୀ ବିହାରସ୍ଥିତ ଅର୍ବାନ୍ ଆପାର୍ଟମେଣ୍ଟର ଫ୍ଲାଟ୍ (ନଂ.୩୦୨ ଓ ୩୦୩)ରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଥିଲା। ମିଳିଥିବା ୧.୩୨ ଲକ୍ଷ ଟଙ୍କା ବିଜୟ ବିଭିନ୍ନ ଲୋକଙ୍କଠାରୁ ପିସି ଭାବେ ଗ୍ରହଣ କରିଥିବା ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ପାଇଛି।

# ଟ୍ରକ୍ ପଛରେ ପିଟିହେଲା ଆମ୍ବୁଲାନ୍ସ: ଜଣେ ମୃତ

ଧର୍ମଶାଳା/ଚଣ୍ଡିଖୋଲ, ୮।୯
(ବଟକୃଷ୍ଣ ପରିଡ଼ା/ ପ୍ରଦୀପ୍ତ କୁମାର ପୃଷ୍ଟି)

- ୨ ଗୁରୁତର କଟକ ବଡ଼ ମେଡିକାଲରେ ଭର୍ତ୍ତି
- କ୍ଷତିପୂରଣ ଦାବିରେ ଡ୍ରାଇଭର, କର୍ମଚାରୀଙ୍କ ଧାରଣା

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ରଥିଆ ଛକଠାରେ ରବିବାର ଭୋର ସମୟରେ ଏକ ୧୦୮ ଆମ୍ବୁଲାନ୍ସ ଟ୍ରକ୍ ପଛରେ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଜଣେ ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲା ଘଷିପୁରା ଥାନା ବଳରାମପୁର ଗ୍ରାମର ହେମନ୍ତ ଆଚାର୍ଯ୍ୟ(୩୫)। ଗୁରୁତର ହେଲେ ଆମ୍ବୁଲାନ୍ସ ଡ୍ରାଇଭର ଗୋବର୍ଦ୍ଧନ ଜେନା ଓ ଫାର୍ମାସିଷ୍ଟ ଗୋବର୍ଦ୍ଧନ ସେଠୀ। ସେମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଓ କର୍ମଚାରୀ ଧାରଣା ଦେବା ସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

ହେମନ୍ତ ଆମ୍ବୁଲାନ୍ସ ଖଲାସୀ ଭାବେ ଆନନ୍ଦପୁର ଜୋନରେ କାର୍ଯ୍ୟ କରୁଥିଲେ। ଶନିବାର ଜଣେ ଶିଶୁକୁ କଟକ ଶିଶୁ ଭବନରେ ଛାଡ଼ି ଫେରିବାବେଳେ ରଥିଆ ଛକ ନିକଟରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଆମ୍ବୁଲାନ୍ସ ଟ୍ରକ ପଛରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହେମନ୍ତଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପାଇଁ ରହିଥିବା ଖବର ପ୍ରଚାରିତ ହେବା ପରେ ବିଭିନ୍ନ ଜିଲାରୁ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଓ କର୍ମଚାରୀ ଆସି ଆନ୍ଦୋଳନ କରିଥିଲେ। ୧୨ ଘଣ୍ଟିଆ କାର୍ଯ୍ୟକୁ ବନ୍ଦ କରି ୮ ଘଣ୍ଟା କରିବା ସହ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ୧୦୮ ଆମ୍ବୁଲାନ୍ସ ସଂଘର ରାଜ୍ୟ କୋଷାଧ୍ୟକ୍ଷ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ କର୍ମଚାରୀ ଆନ୍ଦୋଳନ କରିଥିଲେ। ଦାବିପୂରଣ ନ ହେଲେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଘୋଷଣା କରିଥିଲେ। ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ବଡ଼ଚଣା ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ସେମାନେ ମୃତଦେହ ନେଇ କେନ୍ଦୁଝର ଅଭିମୁଖେ ଯାଇଥିଲେ।

# ଭାଜପା ନେତା ରାଘବ ମଲ୍ଲିକଙ୍କୁ ହତ୍ୟା ଧମକ

### ଏସ୍‌ଡିପିଓଙ୍କ ତଦନ୍ତ ଆରମ୍ଭ

ନୟାଗଡ଼, ୮।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲାର ଭାଜପା ନେତା ରାଘବ ମଲ୍ଲିକଙ୍କୁ ହତ୍ୟା ଧମକ ଦିଆଯାଇଛି। ଦଶପଲ୍ଲା ବ୍ଲକର ପୂର୍ବତନ ଭାଇସ୍ ଚେୟାରମ୍ୟାନ ତଥା ଗୁରାଗାଁର ବସନ୍ତ କୁମାର ସାହୁ ଫୋନ୍‌ରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ବାଣୀଗୋଛା ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୯୯/୨୪)ରୁଜୁ କରିଛି। ନୟାଗଡ଼ ଏସ୍‌ଡିପିଓ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି।

ଅଭିଯୋଗ ଅନୁଯାୟୀ, ଦଶପଲ୍ଲା ଭାଜପା ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ଗତ ୬ ତାରିଖ ଅପରାହ୍ନରେ କୁଲୁରୁକୁମ୍ପା ବାଗ୍‌ଦେବୀ ମନ୍ଦିରରେ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ ପାଇଁ ଏକ କର୍ମଶାଳାର ଆୟୋଜନ କରିଥିଲେ। ଏହି ସମୟରେ ବ୍ଲକର ପୂର୍ବତନ ଭାଇସ୍ ଚେୟାରମ୍ୟାନ ସାହୁ ତାଙ୍କୁ ଫୋନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ମଲ୍ଲିକ ଏହାର ପ୍ରତିବାଦ କରିବାରୁ ଗୋଡେଇ ଗୋଡେଇ ହତ୍ୟା କରିବି ବୋଲି ଧମକ ଦେଇଥିଲେ। କୁଆଡ଼େ ସରକାରୀ ଜମିରେ ସାହୁଙ୍କ ଏକ ଢାବା ଅଛି। ଜବରଦଖଲରେ ଥିବା ସେହି ଢାବା ଉଚ୍ଛେଦ ହେବ ବୋଲି ସାହୁ କାହାଠାରୁ ଶୁଣି ଉତ୍ତ୍ୟକ୍ତ ହୋଇ ମଲ୍ଲିକଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ସାହୁଙ୍କ ଫୋନ୍ ନଂ.୭୯୭୮୪୭୩୯୯କୁ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ। ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କୁହନ୍ତି, ଭାଜପା ନେତା ମଲ୍ଲିକଙ୍କ ଅଭିଯୋଗ ପରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଏହି ମାମଲାରେ ସାହୁଙ୍କ ପାଖକୁ ଖୁବ୍‌ଶୀଘ୍ର ନୋଟିସ୍ ପଠାଯିବ।

# ସରକାରୀ ଜମି ଜବରଦଖଲକୁ ନେଇ ଗୋଷ୍ଠୀ ସଂଘର୍ଷ

### ବାଡ଼ ଭାଙ୍ଗିଲେ ମହିଳା, ୪ ଆହତ

ମହାକାଳପଡ଼ା, ୮।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସୀ ପଞ୍ଚାୟତ ହରିଆବାଙ୍କ ଗ୍ରାମ ବାଲି ବେଲାରୀ କ୍ଲବ ଘର ସଂଲଗ୍ନରେ ଥିବା ସରକାରୀ ଜମିକୁ ନେଇ ରବିବାର ଦୁଇ ଗୋଷ୍ଠୀ ମାରପିଟ ହୋଇଛନ୍ତି। ଏଥିରେ ୪ ଜଣ ମହିଳା ଆହତ ହୋଇଛନ୍ତି।

ହରିଆବାଙ୍କର କେତେଜଣ ବ୍ୟକ୍ତି ସରକାରୀ ଜମିକୁ ଦୀର୍ଘବର୍ଷ ଧରି ଜବରଦଖଲ କରିଛନ୍ତି। ଗ୍ରାମବାସୀ ଉକ୍ତ ଜମିରେ ଚଳାଚଳ କରିବାକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଇଛି। ସେହି ଜମିକୁ ନେଇ ଅଦାଲତରେ ମାମଲା ଚାଲିଛି। ପୂର୍ବାହ୍ନରେ ଜବରଦଖଲ କରିଥିବା ଲୋକମାନେ ଉକ୍ତ ବିବାଦୀୟ ଜମି ପାର୍ଶ୍ୱରେ ବାଉଁଶ ବାଡ଼ ଦେଉଥିଲେ। ଫଳରେ ଗ୍ରାମର ମହିଳାମାନେ ମିଳିତ ହୋଇ ବାଡ଼ ଭଙ୍ଗାରୁଜା କରିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏ ନେଇ ମହିଳାମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆହତ ୪ ମହିଳାଙ୍କ ମଧ୍ୟରୁ ଅନିମା ଓଝା (୪୨) ଓ ମିତାଲୀ ମାଇତି (୪୦)ଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପରେ ସେମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ରଞ୍ଜିତ ମହାନ୍ତିଙ୍କୁ ପଚାରିବାରେ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିବା ଖବର ପାଇଛି। ମହିଳାମାନେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ହେବ ବୋଲି ସେ କହିଛନ୍ତି। ଅପରପକ୍ଷେ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ଉକ୍ତ ଜମି ଉପରେ ବିବାଦ ଥିଲା। ପୂର୍ବାହ୍ନରେ ଉକ୍ତ ଜମିକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିବା ଖବର ମିଳିଛି। ଉକ୍ତ ବିବାଦୀୟ ଜମି ମାପଚୁପ ହେବା ପରେ ସତ୍ୟତା ଜଣାପଡ଼ିବ ବୋଲି ସେ କହିଛନ୍ତି।

No.W-66

ACCESS TO JUSTICE FOR ALL

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୪

ତା ୧୪.୦୯.୨୦୨୪ ରିଖ (ଦ୍ୱିତୀୟ ଶନିବାର)

### ବିଶେଷ ସୂଚନା

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛିକି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା ୧୪.୦୯.୨୦୨୪ ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରୀ (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସଂପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍ ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡ଼ିକ (ସାଲିସ୍ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡ଼ିଏ, କଟକ
ଯୋଗାଯୋଗ : ମୋ-୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍ : oslsa2020@gmail.com

OIPR-18008/11/0005/2425

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

### ଘୋଷଣା

File No.COL/JAJ/VIIL-23/2022/7740/LA/ (Civil) dated 25.07.2024

**No.XXIV-26**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ୟୁନିଟ ନଂ.୧୩, ଗରୁଡ ନଗର, ଥାନା-ଯାଜପୁର, ନଂ.୨୧୨, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶିବଦାସ ଛକଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତସହିତ ଲାଖବିନ୍ଧା ପଡିଆଠାରେ ମା ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୯୪୧, ତା.୦୯.୧୧.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ୟୁନିଟ ନଂ.୧୩, ଗରୁଡ ନଗର, ଥାନା-ଯାଜପୁର, ନଂ.୨୧୨, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁର କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହି ଘୋଷଣା ମଧ୍ୟ ଜିଲ୍ଲା ୱେବସାଇଟ https://jajpur.odisha.gov.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ-ଯାଜପୁର — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୟୁନିଟ ୧୩ ଗରୁଡ ନଗର | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୧.୪୮୪ | ଏ.୦.୩୯୮ଡି | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ-ଯାଜପୁର — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୮.୧୨.୨୦୨୩

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

### ଭୂମି ଅନୁସୂଚୀ

ପ୍ରକଳ୍ପ- ଶିବଦାସ ଛକଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତସହିତ ଲାଖବିନ୍ଧା ପଡିଆଠାରେ ମା ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ

ମୌଜା- ୟୁନିଟ ନଂ ୧୩, ଗରୁଡ ନଗର, ଥାନା ନଂ.୨୧୨, ଥାନା/ତହସିଲ/ଜିଲ୍ଲା-ଯାଜପୁର

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨ | ୫୦୨ | ୦.୦୧୦ | ୦.୦୧୦ | ଶାରଦ ଜଳ-୧ | ଅଚ୍ଛୁତାନନ୍ଦ ବାରିକ, ଆନନ୍ଦ ବାରିକ, ପି: କୃଷ୍ଣ ବାରିକ, ଜା:ଭଣ୍ଡାରୀ, ବା:ସପନପୁର |
| ୨ | ୨୨୧ | ୫୦୬ | ୦.୦୧୩ | ୦.୦୧୩ | ଶାରଦ ଜଳ-୧ | ଲକ୍ଷ୍ମୀଧର ମିଶ୍ର, ପି:ଶାଗର ମିଶ୍ର, ଜା:ବ୍ରାହ୍ମଣ, ବା:ସପନପୁର |
| ୩ | ୨୧୦ | ୫୦୭ | ୦.୦୨୦ | ୦.୦୧୨ | ଶାରଦ ଜଳ-୧ | ରବିନ୍ଦ୍ର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ପି:ବୈଷ୍ଣବ ମିଶ୍ର, ପଦ୍ମାବତୀ ମିଶ୍ର, ସ୍ୱା: ବୈଷ୍ଣବ ମିଶ୍ର, ଜା:ବ୍ରାହ୍ମଣ, ବା:ସପନପୁର |
| ୪ | ୧୨୧ | ୫୧୧ | ୦.୦୨୦ | ୦.୦୧୨ | ଶାରଦ ଜଳ-୧ | ନାରାୟଣ ମିଶ୍ର, ପି:ବ୍ରହ୍ମାନନ୍ଦ ମିଶ୍ର, ଜା:ବ୍ରାହ୍ମଣ, ବା:ସପନପୁର |
| ୫ | ୫୮ | ୫୧୪ | ୦.୦୬୦ | ୦.୦୦୯ | ଶାରଦ ଜଳ-୧ | ଗଣେଷ ପ୍ରସାଦ ମିଶ୍ର, ପି:ଲକ୍ଷ୍ମୀଧର ମିଶ୍ର, ଜା:ବ୍ରାହ୍ମଣ, ବା:ବେଲାରପୁର |
| ୬ | ୨୧୦ | ୫୧୫ | ୦.୦୭୦ | ୦.୦୧୩ | ଶାରଦ ଜଳ-୧ | ରବିନ୍ଦ୍ର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ପି:ବୈଷ୍ଣବ ମିଶ୍ର, ପଦ୍ମାବତୀ ମିଶ୍ର, ସ୍ୱା:ବୈଷ୍ଣବ ମିଶ୍ର, ଜା:ବ୍ରାହ୍ମଣ, ବା:ସପନପୁର |
| ୭ | ୧୬୩ | ୬୨୩ | ୦.୦୨୫ | ୦.୦୧୫ | ଶାରଦ ଜଳ-୧ | ବିଶ୍ୱନାଥ ମିଶ୍ର, ବିଷ୍ଣୁ ଚରଣ ମିଶ୍ର, ପି:କୃଷ୍ଣ ଚରଣ ମିଶ୍ର, କାର୍ତ୍ତିକ ମିଶ୍ର, ପି:ବନମାଳି ମିଶ୍ର, ଜା:ବ୍ରାହ୍ମଣ, ବା:ସପନପୁର |
| ୮ | ୨୬୮/୭୦୩ | ୬୨୪ | ୦.୦୯୨ | ୦.୦୧୮ | ଶାରଦ ଜଳ-୧ | ପ୍ରଶାନ୍ତ କୁମାର ନାୟକ, ପି:ଧନେଶ୍ୱର ନାୟକ, ଜା:ବଣିଆ, ବା:ବେଲାରପୁର, ମାହେଶ୍ୱରୀ ପଲେଇ, ଓରଫ ବାରିକ, କନକଲତା ପଲେଇ ଓରଫ ଘଡେଇ, ପି:କୃଷ୍ଣ ଚନ୍ଦ୍ର ପଲେଇ,ଜା: ଗୋପାଳ, ବା:ପଦ୍ମେଶ୍ୱରପୁର,ପ୍ରସନ ମହାନ୍ତି, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପି: ରାଜକିଶୋର ମହାନ୍ତି, ଜା:ଖଣ୍ଡାୟତ, ବା:କାକୁଡିକୁଦ |
| ୯ | ୨୬୮/୭୦୨ | ୬୨୫ | ୦.୦୫୯ | ୦.୦୨୦ | ଶାରଦ ଜଳ-୧ | ପ୍ରଶାନ୍ତ କୁମାର ନାୟକ, ପି:ଧନେଶ୍ୱର ନାୟକ, ଜା:ବଣିଆ, ବା:ବେଲାରପୁର, ମାହେଶ୍ୱରୀ ପଲେଇ ଓରଫ ବାରିକ, କନକଲତା ପଲେଇ ଓରଫ ଘଡେଇ, ପି:କୃଷ୍ଣ ଚନ୍ଦ୍ର ପଲେଇ, ଜା:ଗୋପାଳ, ବା:ପଦ୍ମେଶ୍ୱରପୁର, ନିରଞ୍ଜନ ରାଉତ, ପି: ଅର୍ଜୁନୀ ରାଉତ, ଜା:ଖଣ୍ଡାୟତ, ବା:ବଲାରପୁର ହା. ବା:ନିଜଗାଁ |
| ୧୦ | ୧୨୩ | ୬୫୩ | ୦.୧୪୦ | ୦.୦୧୮ | ଶାରଦ ଜଳ-୧ | ନାରାୟଣ ମିଶ୍ର, ବିଶ୍ୱମ୍ବର ମିଶ୍ର, ପି: ହରି ମିଶ୍ର, ଜା:ବ୍ରାହ୍ମଣ, ବା:ଶୁକପୁର |
| ୧୧ | ୧୨୩ | ୬୫୪ | ୦.୧୪୦ | ୦.୦୧୮ | ଶାରଦ ଜଳ-୧ | ନାରାୟଣ ମିଶ୍ର, ବିଶ୍ୱମ୍ବର ମିଶ୍ର, ପି: ହରି ମିଶ୍ର, ଜା:ବ୍ରାହ୍ମଣ, ବା:ଶୁକପୁର |
| ୧୨ | ୧୨୧ | ୬୫୫ | ୦.୧୫୦ | ୦.୦୨୦ | ଶାରଦ ଜଳ-୧ | ନାରାୟଣ ମିଶ୍ର, ପି:ବ୍ରହ୍ମାନନ୍ଦ ମିଶ୍ର, ଜା:ବ୍ରାହ୍ମଣ, ବା:ସପନପୁର |
| ୧୩ | ୧୨୧ | ୬୭୫ | ୦.୧୭୫ | ୦.୦୨୨ | ଶାରଦ ଜଳ-୧ | ନାରାୟଣ ମିଶ୍ର, ପି:ବ୍ରହ୍ମାନନ୍ଦ ମିଶ୍ର, ଜା:ବ୍ରାହ୍ମଣ, ବା:ସପନପୁର |
| ୧୪ | ୧୩ | ୬୭୭ | ୦.୦୬୫ | ୦.୦୧୬ | ଶାରଦ ଜଳ-୧ | ଅମୂଲ୍ୟ କୁମାର ସେନ, ଅନିଲ କୁମାର ସେନ, ପି:ଚନ୍ଦ୍ରଶେଖର ସେନ, ବିଣାପାଣୀ ସେନ, ସ୍ୱା:ଚନ୍ଦ୍ରଶେଖର ସେନ, ଜା:କାଏସ୍ଥ, ବା:ବେଲାରପୁର |
| ୧୫ | ୨୬୮/୧୯୭ | ୬୭୮ | ୦.୦୪୦ | ୦.୦୧୫ | ଘରବାରି-୧ | ମିନାକ୍ଷୀ ନାୟକ, ସ୍ୱା:ଶତୃଘ୍ନ ବେହେରା, ଜା:ଖଣ୍ଡାୟତ, ବା:ଗଣପତିପୁର |
| ୧୬ | ୨୬୮/୫୩୫ | ୭୦୨ | ୦.୦୦୧ | ୦.୦୦୫ | ଘରବାରି | ଚିତ୍ତରଞ୍ଜନ ମହତାବ, ପି:ମାନଗୋବିନ୍ଦ ମହତାବ, ଜା:କ୍ଷତ୍ରୀୟ, ବା:ସୁକୁପୁର |
| ୧୭ | ୨୬୮/୬୦୨ | ୭୦୨/୧୫୦୯ | ୦.୦୦୮ | ୦.୦୦୩ | ଘରବାରି | ଅର୍ଚ୍ଚନା ପାଣି. ସ୍ୱା: ସତ୍ୟ ରଞ୍ଜନ ପାଢୀ, ଜା:ବ୍ରାହ୍ମଣ, ବା:ବଡସୁଆର |
| ୧୮ | ୨୬୮/୬୦୯ | ୭୦୨/୧୫୦୮ | ୦.୦୧୮ | ୦.୦୦୮ | ଘରବାରି | ପ୍ରଦୀପ କୁମାର ଘଡାଇ, ପି:ବିନୋଦ ବିହାରି ଘଡାଇ, ଜା:ଖଣ୍ଡାୟତ, ବା:ପାଟପୁର, ଥା:ମଙ୍ଗଳପୁର |
| ୧୯ | ୨୬୮/୬୯୦ | ୭୦୩ | ୦.୦୩୦ | ୦.୦୧୫ | ଶାରଦ ଜଳ-୧ | କନକଲତା ମିଶ୍ର, ପି: ରଘୁନାଥ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୦ | ୨୬୨ | ୭୦୪ | ୦.୦୩୧ | ୦.୦୨୪ | ଶାରଦ ଜଳ-୧ | ସୋମନାଥ ମିଶ୍ର, ଆଶୁତୋଷ ମିଶ୍ର, ବିଦ୍ୟୁଭୂଷଣ ମିଶ୍ର, କିଶୋରୀ କର, ମିନାକ୍ଷୀ ମିଶ୍ର, ପି:ପୂର୍ଣ୍ଣାନନ୍ଦ ମିଶ୍ର, ହାରାମଣି ମିଶ୍ର, ସ୍ୱା: ପୂର୍ଣ୍ଣାନନ୍ଦ ମିଶ୍ର, ଜା:ବ୍ରାହ୍ମଣ, ବା:ୟୁନିଟ ନମ୍ବର ୧୨, ପଦ୍ମେଶ୍ୱରପୁର |
| ୨୧ | ୨୬୨ | ୭୦୫ | ୦.୦୮୮ | ୦.୦୪୦ | ଶାରଦ ଜଳ-୧ | ସୋମନାଥ ମିଶ୍ର, ଆଶୁତୋଷ ମିଶ୍ର, ବିଦ୍ୟୁଭୂଷଣ ମିଶ୍ର, କିଶୋରୀ କର, ମିନାକ୍ଷୀ ମିଶ୍ର, ପି:ପୂର୍ଣ୍ଣାନନ୍ଦ ମିଶ୍ର, ହାରାମଣି ମିଶ୍ର, ସ୍ୱା: ପୂର୍ଣ୍ଣାନନ୍ଦ ମିଶ୍ର, ଜା:ବ୍ରାହ୍ମଣ, ବା:ୟୁନିଟ ନମ୍ବର ୧୨, ପଦ୍ମେଶ୍ୱରପୁର |
| ୨୨ | ୧୭ | ୧୦୮୬ | ୦.୦୧୨ | ୦.୦୧୨ | ଶାରଦ ଜଳ-୧ | ଅଶୋକ ପଣ୍ଡା, ଅଚ୍ଛୁତି ପଣ୍ଡା, କାବେରି ପଣ୍ଡା, ଗିରିଜା ପଣ୍ଡା, ପି:ଗୋବିନ୍ଦ ପଣ୍ଡା, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୨୩ | ୧୭ | ୧୦୮୭ | ୦.୦୧୩ | ୦.୦୧୩ | ଶାରଦ ଜଳ-୧ | ଅଶୋକ ପଣ୍ଡା, ଅଚ୍ଛୁତି ପଣ୍ଡା, କାବେରି ପଣ୍ଡା, ଗିରିଜା ପଣ୍ଡା, ପି:ଗୋବିନ୍ଦ ପଣ୍ଡା, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୨୪ | ୨୬୮/୫୧୮ | ୧୦୯୦/୧୪୭୪ | ୦.୦୬୫ | ୦.୦୧୦ | ଘରବାରି | ସତ୍ୟପ୍ରକାଶ ରାଉତ, ପି:ଦାମୋଦର ରାଉତ, ଜା:ଖଣ୍ଡାୟତ, ବା:ଦୁଦୁରାଅଣ୍ଟା, ଥା:ମଙ୍ଗଳପୁର |
| ୨୫ | ୨୬୮/୪୮୯ | ୫୦୧/୧୪୩୭ | ୦.୧୦୫ | ୦.୦୨୨ | ଘରବାରି | ଅନିଲ କୁମାର ରାୟ, ପି:ଅଦ୍ୱୈତ ପ୍ରସାଦ ରାୟ, ଜା:ଖଣ୍ଡାୟତ, ବା:ଶିତଳେଶ୍ୱର |
| ୨୬ | ୨୬୮/୫୯୫ | ୬୨୪/୧୪୬୦ | ୦.୦୧୮ | ୦.୦୦୬ | ଶାରଦ ଜଳ-୧ | ପ୍ରସନ ମହାନ୍ତି, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପି: ରାଜକିଶୋର ମହାନ୍ତି, ଜା:ଖଣ୍ଡାୟତ, ବା:କାକୁଡିକୁଦ |
| ୨୭ | ୨୬୮/୫୫୭ | ୬୨୫/୧୪୬୧ | ୦.୦୧୧ | ୦.୦୦୪ | ଶାରଦ ଜଳ -୧ | ନିରଞ୍ଜନ ରାଉତ, ପି:ଅର୍ଜୁନୀ ରାଉତ, ଜା:ଖଣ୍ଡାୟତ, ବା:ବେଲାରପୁର |
| ୨୮ | ୧୦୫ | ୫୧୨ | ୦.୦୦୫ | ୦.୦୦୫ | ଶାରଦ ଜଳ-୧ | ଦୁର୍ଗାକାନ୍ତ ମିଶ୍ର, ବୈଦ୍ୟନାଥ ମିଶ୍ର, କଲ୍ୟାଣି ମିଶ୍ର, ଉମା ଦାଶ, ପି: ବିଶ୍ୱମ୍ବର ମିଶ୍ର, ଶଶିଭୂଷଣ ମିଶ୍ର, ଲଳିତା ମିଶ୍ର, ପି:ନିତ୍ୟାନନ୍ଦ ମିଶ୍ର, ଅଚ୍ଛୁତାନନ୍ଦ ମିଶ୍ର, ପି:ନିଳମଣି ମିଶ୍ର, ସିଦ୍ଧେଶ୍ୱର ମିଶ୍ର, ଭାବନାଥ ମିଶ୍ର, ହେମ ମିଶ୍ର, ସରୋଜିନୀ ତ୍ରିପାଠୀ, ବିମଳା ମିଶ୍ର, ଶୁଶିଳା ମିଶ୍ର, ଝୁଲୁ ମହାପାତ୍ର, ଅଳକା ମହାପାତ୍ର, କୁଟୁ ମହାପାତ୍ର, ପ୍ରମିଳା ପଣ୍ଡା, ପି:ବାମଦେବ ମିଶ୍ର, ଉମା ମିଶ୍ର, ସ୍ୱା:ବାମଦେବ ମିଶ୍ର, ସୋମନାଥ ମିଶ୍ର, ଆଶୁତୋଷ ମିଶ୍ର, ବିଦୁଭୂଷଣ ମିଶ୍ର, କିଶୋରୀ କର, ମିନାକ୍ଷୀ ମିଶ୍ର, ପି:ପୁନାନନ୍ଦ ମିଶ୍ର, ହାରାମଣି ମିଶ୍ର, ସ୍ୱା:ପୁନାନନ୍ଦ ମିଶ୍ର, ରବି ନାରାୟଣ ମିଶ୍ର, ଗୌରୀ ଦାସ, ଉର୍ମିଳା ପାଣିଗ୍ରାହୀ, ଅଂଶୁ ସନ୍ଧିବିଗ୍ରହ, ବିଧୁ ମହାପାତ୍ର, ବିଜୟା ମିଶ୍ର, ପି:ରସାନନ୍ଦ ମିଶ୍ର, ଜା:ବ୍ରାହ୍ମଣ, ବା:ସପନପୁର, କିସ୍ମତ ଛଅଅଣା, ବା:ରମାକାନ୍ତ ମିଶ୍ର, ଉମାକାନ୍ତ ମିଶ୍ର, ତାରାକାନ୍ତ ମିଶ୍ର, ସୁଧାକର ମିଶ୍ର, ପି:କାମପାଳ ମିଶ୍ର, ଜା:ବ୍ରାହ୍ମଣ, ବା:ସପନପୁର, କିସ୍ମତ ଦଶଅଣା ବା: |
| | | ମୋଟ | ୧.୪୮୪ | ୦.୩୯୮ | | |

OIPR-24163/14/0036/2425 ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର

See Career Appointment on every Wednesday & Saturday

**ଆଶ୍ରମରୁ ଦାନହୁଣ୍ଡି ଚୋରି**

ଆସିକା,(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନଏସିର କଳିଙ୍ଗାରୋଡସ୍ଥିତ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଶ୍ରମରୁ ଶନିବାର ରାତିରେ ଚୋରି ହୋଇଛି । ଦୁର୍ବୃତ୍ତମାନେ ଆଶ୍ରମର ମୁଖ୍ୟ ତାଲା ଭାଙ୍ଗି ଭିତରୁ ଦାନ ହୁଣ୍ଡ ଚୋରାଇ ନେଇଛନ୍ତି । ଏ ନେଇ ରବିବାର ଆସିକା ପୋଲିସରେ ଅଭିଯୋଗ କରାଯାଇଛି ।

# ଭୌତିକ ଚିକିତ୍ସା ଶରୀର ପାଇଁ ଜରୁରୀ

ବ୍ରହ୍ମପୁର,୮।୯(ସୁବାସ ଚନ୍ଦ୍ର ପାଢ଼ୀ)

ଫିଜିଓଥେରାପି(ଭୌତିକ ଚିକିତ୍ସା) ବିନା ଜୀବନ ଏବେ ଅସମ୍ଭବ ହୋଇପଡିଛି। ଯେ କୌଣସି ଅସ୍ତ୍ରୋପଚାର ପରେ ଏହି ଚିକିତ୍ସା ଅନିବାର୍ଯ୍ୟ ହୋଇପଡିଛି। ଏହା ଏବେ ସମସ୍ତଙ୍କର ଜୀବନର ଏକ ଅଂଶ ହୋଇପଡିଛି। ରବିବାର ଫିଜିଓଥେରାପି ଦିବସରେ ଭୌତିକ ଚିକିତ୍ସା ବିଭାଗର କେତେଜଣ ବିଶେଷଜ୍ଞ ଏପରି ମତ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ଏହା ଏକ ଔଷଧ ଏବଂ ଶଲ୍ୟ ବିହୀନ ଚିକିତ୍ସା, ଯାହାକି ଶରୀର ପାଇଁ ଉପଯୋଗୀ। ଆଧୁନିକ ଚିକିତ୍ସା ପ୍ରଣାଳୀର ଏହା ଏକ ଅବିଚ୍ଛିନ୍ନ ଅଙ୍ଗ। ବିଭିନ୍ନ ରୋଗ, ରୋଗ ସଂକ୍ରାନ୍ତୀୟ ଅକ୍ଷମତା ଓ ଆଘାତଜନିତ ସମସ୍ୟାଗୁଡିକରେ ଫିଜିଓଥେରାପି ବା ଭୌତିକି ଚିକିତ୍ସା ଅତ୍ୟନ୍ତ ଉପଯୋଗୀ। ଏହା ସମ୍ପୂର୍ଣ୍ଣ ପାର୍ଶ୍ୱପ୍ରତିକ୍ରିୟା ବିହୀନ ହୋଇଥିବାରୁ ଶରୀରରେ ସୁସ୍ଥତା ଆଣିବାକୁ ହେଲେ ଏହି ଚିକିତ୍ସା ଆପଣାଇବା ଜରୁରୀ ବୋଲି କୁହାଯାଇଛି। ବିଶ୍ୱରେ ୧୮୧୩ରେ ସ୍ୱିଡେନରେ ଏହାର ଆରମ୍ଭ ହୋଇଥିଲା। ୨ୟ ବିଶ୍ୱଯୁଦ୍ଧ ପରଠାରୁ ଏହି ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ପାଇଛି। ମୁମ୍ବାଇରେ ୧୯୫୨ରେ ପ୍ରଥମ ଥର ପାଇଁ ଫିଜିଓଥେରାପି, ପୋଲିଓ ଜନିତ ଶାରୀରିକ ବିକଳାଙ୍ଗତାକୁ ରୋକିବା ପାଇଁ ପ୍ରଚଳିତ ହୋଇଥିଲା।

ଶିଶୁମାନଙ୍କଠାରୁ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କ ଚିକିତ୍ସା କ୍ଷେତ୍ରରେ ଏହି ଫିଜିଓଥେରାପିର ଉପାଦେୟତା ରହିଛି। ମାଂସପେଶୀ ଓ ଖଞ୍ଜାଜନିତ ସମସ୍ୟା, ସ୍ନାୟୁଜନିତ ସମସ୍ୟା ଏବଂ କ୍ରୀଡାଜନିତ ସମସ୍ୟାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ସମ୍ପର୍କରେ ଗୋଷାଣୀନୂଆଗାଁ ସୂର୍ଯ୍ୟନାରାୟଣ ପଣ୍ଡା ଓ ବିଶ୍ୱନାଥ ସାହୁ, ବସନ୍ତ କୁମାର ସାହୁ, କୈଳାସ ଚନ୍ଦ୍ର ସାହୁ ପ୍ରାତଃ ଭ୍ରମଣରେ ଯିବା ବେଳେ ତାଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ, ଚାଲିବା ଏକ ଭୌତିକ ଚିକିତ୍ସା, ଏଥି ସହିତ ରାସ୍ତାକଡେ ଥିବା ମୁକ୍ତାକାଶ ଜିମରେ ବି ଏହି ସୁବିଧା ମିଳିବ। ଏହାକୁ ନିଜେ ନିଜେ ଡାକ୍ତରୀ ପରାମର୍ଶରେ କରିବା ଉଚିତ। ଶରୀର ପକ୍ଷେ ଏହା ବହୁତ ଉପଯୋଗୀ ବୋଲି ସେମାନେ କହିଛନ୍ତି। ମାଂସପେଶୀ ଓ ଖଞ୍ଜଜନିତ ସମସ୍ୟାକୁ ଏହା ଉପଶମ କରେ ବୋଲି ସେମାନେ କହିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୁଲ୍ୟରେ ଆମ ରାଜ୍ୟରେ ପ୍ରତିଟି ଜିଲାରେ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯାଇଛି। ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ, ଜାତୀୟ ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ବିଭାଗ କାର୍ଯ୍ୟ କରୁଛି। ରାଜ୍ୟରେ ପ୍ରତିବର୍ଷ ୩ ଲକ୍ଷରୁ ଅଧିକ ରୋଗୀ ଏହି ଚିକିତ୍ସା ସୁବିଧା ନେଇପାରୁଛନ୍ତି। ଗଞ୍ଜାମ ଜିଲାର ସିଟି ହସପିଟାଲ, ବ୍ରହ୍ମପୁର ଏବଂ ଉପଖଣ୍ଡ ଚିକିତ୍ସାଳୟ ଭଞ୍ଜନଗରଠାରେ ଏହି ବିଭାଗ ଉପଲବ୍ଧ।

ସେହିଭଳି ଶିଶୁମାନଙ୍କ ଜନ୍ମିତ ସମସ୍ୟା, ମସ୍ତିଷ୍କ ପକ୍ଷାଘାତ ପ୍ରଭୃତି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଜିଲା ତ୍ୱରିତ ହସ୍ତକ୍ଷେପ କେନ୍ଦ୍ର (ଡିଇଆଇସି) ମାଧ୍ୟମରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଏହା ବ୍ୟତୀତ ଏମକେସିଜି ମେଡିକାଲ କଲେଜ ଓ ହସପିଟାଲ, ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରଠାରେ ଏହି ଚିକିତ୍ସା ଉପଲବ୍ଧ। ଅନେକ ଲୋକ ଏହାର ସୁଫଳ ପାଉଥିବା ସିଟି ହସପିଟାଲର ଭୌତିକି ଚିକିତ୍ସା ବିଭାଗର ଇନଚାର୍ଜ ଡା. ଶଶାଙ୍କ ଶେଖର ପରିଡା ପ୍ରକାଶ କରିଛନ୍ତି।

## ଶିଶୁକୁ ମିଳିଲାନି ଚିକିତ୍ସା

ପାତ୍ରପୁର,୮।୯(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ସୁରଙ୍ଗୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁକୁ ଚିକିତ୍ସା ମିଳିନଥିବା ଅଭିଯୋଗ ହୋଇଛି। କୁମ୍ଭସିଙ୍ଗି ଗ୍ରାମର ପୁରୁଷୋତ୍ତମ କାର୍ଜିଙ୍କ ଅସୁସ୍ଥ ପୁଅ ପ୍ରଭାକର(୬)କୁ ପରିବାର ଲୋକେ ରବିବାର ସୁରଙ୍ଗୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ନ ଥିଲେ। କିନ୍ତୁ ନର୍ସ ଓ କର୍ମଚାରୀ ମାନେ ଶିଶୁଟିର ଚିକିତ୍ସା ନ କରି ଚାଲିଯାଇବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେଠାରୁ ଫେରି ଜଣେ କ୍ୱାକ୍‌ଙ୍କଠାରୁ ଔଷଧ ଧରି ଫେରିଥିଲେ। ଏ ନେଇ ସୁରଙ୍ଗି ନର୍ସ ଜୟନ୍ତୀ ଜେନାଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ରବିବାର ମଧ୍ୟାହ୍ନରେ ବନ୍ଦ ହୁଏ। କିନ୍ତୁ କିଛି ରୋଗୀ ଆସିବାରୁ ଆମେ ଥିଲୁ। ତାଙ୍କୁ ଔଷଧ ଦେଲୁ ନେଲେନି। ରକ୍ତ ପରୀକ୍ଷା ପାଇଁ ସମ୍ପୃକ୍ତ ପରିବାର ଲୋକେ ଅଡି ବସିଲେ। ସେମାନଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ପରାମର୍ଶ ଦେଲୁ କହିଛନ୍ତି।

## ୫୮ ୟୁନିଟ ରକ୍ତ ସଂଗୃହୀତ



ରକ୍ତଦାନ ଶିବିରରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୮।୯(ସ୍ୱାଧୀନ ଶେଖର ପାଢ଼ୀ)

ଭଞ୍ଜ ବିହାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରବିବାର ଉର୍ଜା ସ୍ୱେଚ୍ଛାସେବୀ ସଂଘ ରକ୍ତଦାନ ଶିବିର କରିଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ, ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଶିବିରରୁ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବ୍ରହ୍ମପୁର ରକ୍ତଭଣ୍ଡାର ଡାକ୍ତର ଜୟନ୍ତ କୁମାର ମିଶ୍ର, ପ୍ରସନ୍ନଜିତ ପଣ୍ଡା, ସୁଶାନ୍ତ କୁମାର ପାଣିଗ୍ରାହୀ, ସୁଜିତ କୁମାର ସାହୁ, ରାମହରି ପଣ୍ଡା, ଗୋପାଳ କୃଷ୍ଣ ସାହୁ, ଲକ୍ଷ୍ମଣ ବେହେରା, ଅମୂଲ୍ୟ ବେହେରା ସହଯୋଗ କରିଥିଲେ। ସଂଘ ସଭାପତି ଦୀପକ କୁମାର ମହାନ୍ତି, ସମ୍ପାଦକ ରୁଦ୍ର ପ୍ରସାଦ ପାତ୍ର ପରିଚାଳନାରେ ସହଯୋଗ କରିଥିବା ବେଳେ ସତ୍ୟ ନାରାୟଣ ପଣ୍ଡା, ମାନସ ରଞ୍ଜନ ସ୍ୱାଇଁ, ଜି. କୁର୍ମା, ଜି. କୋଟେସ, ଦେବାଶିଷ ଆଚାର୍ଯ୍ୟ, ଅରୁଣ ସାହୁ, ଶରତ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଦୌଡ଼କୁଦ ଚୟନ ଶିବିର

ବ୍ରହ୍ମପୁର,୮।୯(ସ୍ୱାଧୀନ ଶେଖର ପାଢ଼ୀ)

ଆମ୍ବପୁଆ ପୋଲିସ ପଡ଼ିଆରେ ରବିବାର ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଏକ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ୨୦ ଓ ୨୩ ବର୍ଷରୁ କମ ପୁରୁଷ ଓ ମହିଳା ଭଳି ୩ଟି ବର୍ଗରେ ୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚୟନ ପ୍ରତିଯୋଗୀ ଅଗାମୀ ୧୮ ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ୭୦ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡା ସଂସଦ ପକ୍ଷରୁ କୁହାଯାଇଛି। କ୍ରୀଡା ସମ୍ପାଦକ ପ୍ରମୋଦ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ ଶିବିରରେ କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଜେ.କାମେଶ୍ୱର ରାଓ, ଉପସଭାପତି କେଦାରନାଥ ଚୌଧୁରୀ, ତାରିଣୀ ଚରଣ ସାମନ୍ତରାୟ, ଦୁର୍ଗାପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ। ରାଜେନ୍ଦ୍ର ସାହୁ, ପୁଷ୍ପାଞ୍ଜଳି ପ୍ରହରାଜ, ଗୋପାଳ ଚନ୍ଦ୍ର ପଣ୍ଡା, ସୁକାନ୍ତି ପାତ୍ର, ରବୀନ୍ଦ୍ର ମହାରଣା, ସୁନିତା ପାତ୍ର, ସୁଜାତା ବିଷୋୟୀ, କୋଚ ଶଙ୍କର୍ଷଣ ପାତ୍ରଙ୍କ ସମେତ ବହୁ କ୍ରୀଡ଼ାବିତ ଉପସ୍ଥିତ ଥିଲେ।



ଚୟନ ଶିବିରରେ ପ୍ରତିଯୋଗୀମାନେ।

## ସମବାୟବିତ୍‌ଙ୍କୁ ସଦସ୍ୟ କରିବ ଭାଜପା

ବ୍ରହ୍ମପୁର,୮।୯(ନରସିଂହ ସାହୁ)

ଗଞ୍ଜାମରେ ସମବାୟବିତ୍ ଓ ପ୍ରାଥମିକ ସେବା ସମବାୟ ସମିତି (ସୋସାଇଟି) କର୍ମକର୍ତ୍ତାଙ୍କୁ ସଦସ୍ୟ କରିବା ପାଇଁ ଭାଜପା ନୂଆ ରଣନୀତି ପ୍ରସ୍ତୁତ କରିଛି। ଏହାଦ୍ୱାରା ଦଳର ସଂଗଠନକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି। ଜିଲା ଭାଜପା ସମବାୟ ପ୍ରକୋଷ୍ଠ ପକ୍ଷରୁ ଏହି ସୂଚନା ମିଳିଛି। ଭାଜପା ନେତା ଇଂ. ରାମ ପ୍ରସାଦ ସାମଲ କହିଛନ୍ତି ଗଞ୍ଜାମ ଜିଲାରେ ସମବାୟ ରାଜନୀତିରୁ ଅନେକ ବଡ଼ ନେତା ସୃଷ୍ଟି ହୋଇଥିବା ନଜିର ଅଛି। ଜିଲାରେ ଏବେ ୪୫୦ ସୋସାଇଟି ସମେତ ୭ଟି କେନ୍ଦ୍ରୀୟ ସମବାୟ ଅନୁଷ୍ଠାନ ଅଛି। ତେଣୁ ରାଜନୀତିରେ ସମବାୟବିତ୍‌ଙ୍କୁ ଯୋଡ଼ିବାକୁ ପ୍ରୟାସ ଚାଲିଥିବା ଇଂ. ସାମଲ କହିଛନ୍ତି। ସେ ଆହୁରି କହିଛନ୍ତି, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ସମବାୟ ମନ୍ତ୍ରଣାଳୟ ମଧ୍ୟ ସମ୍ଭାଳୁଛନ୍ତି। ଭାଜପାର ସମବାୟ ରାଜନୀତିକୁ ଶକ୍ତିଶାଳୀ କରିବା ଲାଗି ତାଙ୍କର ନିର୍ଦ୍ଦେଶ ରହିଛି। ଇତିମଧ୍ୟରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ସମବାୟ ପ୍ରକୋଷ୍ଠରେ ହୋଇଥିବା ବୈଠକରେ ମଧ୍ୟ ସଭାପତି ମନମୋହନ ସାମଲ ସମବାୟବିତ୍‌ଙ୍କୁ ନୂଆ ସଦସ୍ୟତା କରିବା ନିମନ୍ତେ ଗୁରୁତ୍ୱ ଦେଇଥିଲେ। ତେଣୁ ଗଞ୍ଜାମ ଜିଲାରେ ସଦସ୍ୟତା ଅଭିଯାନକୁ ଜୋରଦାର କରାଯିବାର ପଦକ୍ଷେପ ନିଆଯାଇଛି।


# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

**ଘୋଷଣା**

**File No.COL/JAJ/VIIL-34/2022/7280/LA/(Civil) dated 19.07.2024**

**No. XXIV-23:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଆଙ୍କୁଲା**, ଥାନା-ଯାଜପୁର ନଂ ୩୮, ତହସିଲ-ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଜିଲ୍ଲାରେ ଆଙ୍କୁଲା ଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୬୨, ତା.୨୦.୦୧.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଆଙ୍କୁଲା,** ଥାନା-ଯାଜପୁର ନଂ ୩୮, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହି ଘୋଷଣା ମଧ୍ୟ ଜିଲ୍ଲା ୱେବସାଇଟ https://jajpur.odisha.gov.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ-ଯାଜପୁର — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଆଙ୍କୁଲା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏ. ୫.୯୭୦ ଡି | ଏ.୨.୦୨୨୯୪ ଡି | ଏଥିସହିତ ସଂଲଗ୍ନ ଅଛି |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ-ଯାଜପୁର — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୦.୦୩.୨୦୨୪

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଯାଜପୁର

## ଭୂମି ଅନୁସୂଚୀ

ପ୍ରକଳ୍ପ-ଆଙ୍କୁଲାଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ

ମୌଜା-ଆଙ୍କୁଲା ଥାନା ନଂ.୩୮, ଥାନା/ତହସିଲ/ଜିଲ୍ଲା-ଯାଜପୁର

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୧୩ | ୧୦୧୧ | ୦.୦୨୦ | ୦.୦୨ | ପାଳ | ଶ୍ରୀ କାର୍ତ୍ତିକେଶ୍ୱର ଠାକୁର ବିଜେ ନିଜଗାଁ ମାର୍ଫତ ଏକନ ପରିଡା, କଇଁତା ପରିଡା, ସାଉଣ୍ଟି ପରିଡା, ପର୍ଶୁରାମ ପରିଡା, ପଦନ ପରିଡା, ବଳରାମ ପରିଡା, ଚକ୍ରଧର ପରିଡା, ପି:କାର୍ତ୍ତିକ ପରିଡା, ଜା:କୈବର୍ତ୍ତ, ବା:ବିନ୍ଧାଣ |
| ୨ | ୧୧୩ | ୧୦୧୨ | ୦.୨୨୦ | ୦.୦୬ | ଶାରଦ ଅଣଜଳସେଚିତ-୧ | ଶ୍ରୀ କାର୍ତ୍ତିକେଶ୍ୱର ଠାକୁର ବିଜେ ନିଜଗାଁ ମାର୍ଫତ ଏକନ ପରିଡା, କଇଁତା ପରିଡା, ସାଉଣ୍ଟି ପରିଡା, ପର୍ଶୁରାମ ପରିଡା, ପଦନ ପରିଡା, ବଳରାମ ପରିଡା, ଚକ୍ରଧର ପରିଡା, ପି:କାର୍ତ୍ତିକ ପରିଡା, ଜା:କୈବର୍ତ୍ତ, ବା:ବିନ୍ଧାଣ |
| ୩ | ୧୧୩ | ୧୦୧୩ | ୦.୧୪୦ | ୦.୧୪ | ପତିତ | ଶ୍ରୀ କାର୍ତ୍ତିକେଶ୍ୱର ଠାକୁର ବିଜେ ନିଜଗାଁ ମାର୍ଫତ ଏକନ ପରିଡା, କଇଁତା ପରିଡା, ସାଉଣ୍ଟି ପରିଡା, ପର୍ଶୁରାମ ପରିଡା, ପଦନ ପରିଡା, ବଳରାମ ପରିଡା, ଚକ୍ରଧର ପରିଡା, ପି:କାର୍ତ୍ତିକ ପରିଡା, ଜା:କୈବର୍ତ୍ତ, ବା:ବିନ୍ଧାଣ |
| ୪ | ୬୯୭ | ୧୦୧୫ | ୦.୦୫୦ | ୦.୦୦୫ | ଶାରଦ ଜଳ ଦୋଫସଲ-୧ | ସଜନି ପରିଡା, ଜାଡି ପରିଡା, ଚାରୁଆ ପରିଡା, ମିନା ପରିଡା, ପି:ରସିକ ପରିଡା, ଗଜେନ୍ଦ୍ର ପରିଡା, ଶରଣ ପରିଡା, ଲଳିତା ପରିଡା, ଉଜଳ ପରିଡା, ପି:କୃଷ୍ଣ ପରିଡା, ଜା:କୈବର୍ତ୍ତ, ବା:ବିନ୍ଧାଣ, ମଧୁସ୍ମିତା ସାହୁ, ସ୍ୱା:ଶ୍ରୀକାନ୍ତ ସାହୁ, ଜା:ତେଲି, ବା:କଲଣ, ଅଶୋକ କୁମାର ସୂତାର, ପି:ପୂର୍ଣ୍ଣଚନ୍ଦ୍ର ସୂତାର, ଜା:ବଢେଇ, ବା:କୁଅଁର, ଚନ୍ଦ୍ରଶେଖର ପୃଷ୍ଟି, ପି:ମଣିନାଥ ପୃଷ୍ଟି, ଜା:କାପୁଡିଆ, ବା:ୟୁନିଟ ୮ ଯଯାତି ନଗର |
| ୫ | ୫୪୯ | ୧୦୧୬ | ୦.୩୬୦ | ୦.୦୩ | ପତିତ | ବୁଧିରାମ ପରିଡା, ନିଧିରାମ ପରିଡା, ହେମ ପରିଡା, ପି:ଶ୍ରୀଧର ପରିଡା, ଶୁକ ପରିଡା, ସ୍ୱା:ଶ୍ରୀଧର ପରିଡା, ସଜନୀ ପରିଡା, ଜାଡି ପରିଡା, ଚାରୁଆ ପରିଡା, ମିନ ପରିଡା, ପି:ରସିକ ପରିଡା, ଗଜେନ୍ଦ୍ର ପରିଡା, ଭଜନ ପରିଡା, ସର ପରିଡା, ଲଳିତା ପରିଡା, ପି:କୃଷ୍ଣ ପରିଡା, ଜା:କୈବର୍ତ୍ତ, ବା:ବିନ୍ଧାଣ |
| ୬ | ୮୫୯/୮୧ | ୧୦୧୭/୩୨୪୧ | ୦.୦୧୦ | ୦.୦୦୫ | ଜଳପାଟ | ସେକ କୁଦରତ ଅଲ୍ଲି, ପି:ସେକ ବକାଉଲ୍ଲା, ବା:ଚାନ୍ଦପୁର, ସେକ ଫିରୋଜ ବକ୍ସ, ପି:ସେକ ମୌଲା ବକ୍ସ, ବା:ଜମଧର, ସେକ ରସୁଲ ଅମିନ, ଅସରଫ, ପି:ସେକ ସନାଉଲା, ଜା:ମୁସଲମାନ, ବା:ଅରିଲୋ |
| ୭ | ୮୫୯/୮୦ | ୧୦୧୭/୩୨୪୦ | ୦.୦୩୫ | ୦.୦୦୬ | ଜଳପାଟ | ସେକ ରସୁଲ ଅମିନ ଅସରଫ, ପି:ସେକ ସନାଉଲା, ଜା:ମୁସଲମାନ, ବା:ଅରିଲୋ |
| ୮ | ୮୫୯/୭୯ | ୧୦୧୭/୩୨୩୯ | ୦.୦୩୫ | ୦.୦୦୮ | ଜଳପାଟ | ସେକ ଫିରୋଜ ବକ୍ସ, ପି:ସେକ ମୌଲା ବକ୍ସ, ଜା:ମୁସଲମାନ, ବା:ଜମଧର |
| ୯ | ୫୫୬ | ୧୦୬୩ | ୦.୩୮୦ | ୦.୦୦୨ | ଜଳାଶୟ-୨ | ଶ୍ରୀ ସିଧକମଳା ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ଭଜନି ପରିଡା, ଗଜେନ୍ଦ୍ର ପରିଡା, ପି:କୃଷ୍ଣ ପରିଡା, ବୁଧିରାମ ପରିଡା, ନିଧି ପରିଡା, ହେମ ପରିଡା, ପି:ଶ୍ରୀଧର ପରିଡା, ଶୁକ ପରିଡା, ସ୍ୱା:ଶ୍ରୀଧର ପରିଡା, ସଜନୀ ପରିଡା, ଜାନି ପରିଡା, ଚାରୁଆ ପରିଡା, ମିନା ପରିଡା, ପି:ରସିକ ପରିଡା, ଜା:କୈବର୍ତ୍ତ, ବା:ବିନ୍ଧାଣ |
| ୧୦ | ୨୬୨ | ୧୦୬୬ | ୦.୧୨୦ | ୦.୦୧୧୪୩ | ଶାରଦ ଅଣଜଳସେଚିତ-୧ | ଜଗନ୍ନାଥ ପଣ୍ଡା, ପି:ବନମାଳୀ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୧୧ | ୮୫୯/୨୬୯ | ୧୦୬୭ | ୦.୦୧୭ | ୦.୦୧୭ | ଶାରଦ ଜଳ ଦୋଫସଲ-୧ | ସ୍ୱପ୍ନା କୁମାରୀ ନାୟକ, ସ୍ୱା:ସୁଶାନ୍ତ କୁମାର ସାମଲ, ଜା: ଖଣ୍ଡାୟତ, ବା:ଅଙ୍ଗାଲୋ, ଥା:ବିଂଝାରପୁର |
| ୧୨ | ୮୫୯/୨୧୩ | ୧୦୬୭/୩୩୧୫ | ୦.୦୮୩ | ୦.୦୮୩ | ଶାରଦ ଜଳ ଦୋଫସଲ-୧ | ସ୍ୱପ୍ନା କୁମାରୀ ନାୟକ, ସ୍ୱା:ସୁଶାନ୍ତ କୁମାର ସାମଲ, ଜା: ଖଣ୍ଡାୟତ, ବା:ଅଙ୍ଗାଲୋ, ଥା:ବିଂଝାରପୁର |
| ୧୩ | ୮୫୯/୯୫ | ୧୬୪୭ | ୦.୧୯୦ | ୦.୦୮ | ଜଳାଶୟ-୨ | ବୁଧିରାମ ପରିଡା, ନିଧିରାମ ପରିଡା, ହେମ ପରିଡା, ପି:ଶ୍ରୀଧର ପରିଡା, ଶୁକ ପରିଡା, ସ୍ୱା:ଶ୍ରୀଧର ପରିଡା, ସଜନୀ ପରିଡା, ଜାଡି ପରିଡା, ଚାରୁଆ ପରିଡା, ମିନ ପରିଡା, ପି:ରସିକ ପରିଡା, ଗଜେନ୍ଦ୍ର ପରିଡା, ଉଜନ ପରିଡା, ସର ପରିଡା, ଲଳିତା ପରିଡା, ପି:କୃଷ୍ଣ ପରିଡା, ଜାଗର ପରିଡା, ପି:ସଇଦା ପରିଡା, ଜା:କୈବର୍ତ୍ତ, ଜା:କୈବର୍ତ୍ତ, ବା:ବିନ୍ଧାଣ |
| ୧୪ | ୫୦୦ | ୧୬୫୦ | ୦.୦୮୦ | ୦.୦୪ | ଘରବାରି | ବାନୋ ବିବି, ସ୍ୱା:ସେକ ଯସିରୁଦ୍ଦିନ, ଜା:ମୁସଲମାନ, ବା:ନିଜଗାଁ |
| ୧୫ | ୬୫ | ୧୬୫୧ | ୦.୦୯୦ | ୦.୦୩ | ଘରବାରି | ସେକ ଅନୁଆର ଅଲ୍ଲି, ପି:ସେକ ଅସଦ ଅଲ୍ଲି, ଜା:ମୁସଲମାନ, ବା:ନିଜଗାଁ |
| ୧୬ | ୮୫୯/୧୮୨ | ୧୬୫୧/୩୨୮୯ | ୦.୦୭୦ | ୦.୦୨୫ | ଘରବାରି | ସେକ ଅଫସର ଅଲ୍ଲି, ପି:ଅନୱର ଅଲ୍ଲି, ଜା:ମୁସଲମାନ, ବା:ନିଜଗାଁ |
| ୧୭ | ୮୫୯/୧୮୪ | ୧୬୫୫ | ୦.୦୪୦ | ୦.୦୨ | ଘରବାରି | ହସରତନ ବିବି, ସ୍ୱା- ସେକ ଅନୱାର ଅଲ୍ଲୀ, ଜା: ମୁସଲମାନ, ବା:ବାଲିଆପାଳ, ଥା-ବରି, ରାମଚନ୍ଦ୍ରପୁର |
| ୧୮ | ୮୫୯/୧୮୪ | ୧୬୫୬ | ୦.୦୦୫ | ୦.୦୦୨ | ଘରବାରି | ହସରତନ ବିବି, ସ୍ୱା- ସେକ ଅନୱାର ଅଲ୍ଲୀ, ଜା: ମୁସଲମାନ, ବା:ବାଲିଆପାଳ, ଥା-ବରି, ରାମଚନ୍ଦ୍ରପୁର |
| ୧୯ | ୮୫୯/୧୮୩ | ୧୬୫୬/୩୨୯୦ | ୦.୦୫୫ | ୦.୦୨ | ଘରବାରି | ଅଞ୍ଜୁମ ଆରା, ସ୍ୱା:ଅବଦୁଲ ସଲିମ ଖାଁ, ଜା:ମୁସଲମାନ,ବା:ନହରାପୁର |
| ୨୦ | ୫୪୮ | ୧୬୫୭ | ୦.୧୩୦ | ୦.୦୬ | ଶାରଦ ଅଣଜଳସେଚିତ-୧ | ବୁଧିରାମ ପରିଡା, ନିଧିରାମ ପରିଡା, ହେମ ପରିଡା, ପି:ଶ୍ରୀଧର ପରିଡା, ଶୁକ ପରିଡା, ସ୍ୱା:ଶ୍ରୀଧର ପରିଡା, ଜା:କୈବର୍ତ୍ତ, ବା:ବିନ୍ଧାଣ |
| ୨୧ | ୭୫୫ | ୧୬୫୮ | ୦.୦୮୦ | ୦.୦୪ | ଶାରଦ ଜଳ ଦୋଫସଲ-୧ | ସେକ ସିକନ୍ଦର, ପି:ସେକ ଜମିରୁଦ୍ଦିନ, ଜା:ମୁସଲମାନ, ବା:ନହରାପୁର |
| ୨୨ | ୮୧୦ | ୧୬୫୯ | ୦.୦୨୦ | ୦.୦୨ | ଘରବାରି | ଶୁଶାନ୍ତ ଯେନା, ଶଶୀକାନ୍ତ ଯେନା, ପି:ଜଗବନ୍ଧୁ ଯେନା, ଦିନବନ୍ଧୁ ଯେନା, ପି:ହାଡିବନ୍ଧୁ ଯେନା, ଦେବେନ୍ଦ୍ର ଯେନା, ଦିଜ ଯେନା, ଶିବ ଯେନା, ବିଷ୍ଣୁ ଯେନା, ପି:ଆନନ୍ଦ ଯେନା, ଜା:ପାଣ, ବା:ନିଜଗାଁ |
| ୨୩ | ୯୩ | ୧୬୬୦ | ୦.୦୪୦ | ୦.୦୨ | ଶାରଦ ଅଣଜଳସେଚିତ-୧ | ଆନନ୍ଦ ଯେନା, ପି:ଧୋଇ ଯେନା, ଜା:ପାଣ, ବା:ନିଜଗାଁ |
| ୨୪ | ୯୩ | ୧୬୬୧ | ୦.୦୩୦ | ୦.୦୨ | ଶାରଦ ଜଳ ଦୋଫସଲ-୧ | ଆନନ୍ଦ ଯେନା, ପି:ଧୋଇ ଯେନା, ଜା:ପାଣ, ବା:ନିଜଗାଁ |
| ୨୫ | ୮୫୯/୯୫ | ୧୭୧୯ | ୧.୨୦୦ | ୦.୦୩ | ପତିତ | ବୁଧିରାମ ପରିଡା, ନିଧିରାମ ପରିଡା, ହେମ ପରିଡା, ପି:ଶ୍ରୀଧର ପରିଡା, ଶୁକ ପରିଡା, ସ୍ୱା:ଶ୍ରୀଧର ପରିଡା, ସଜନୀ ପରିଡା, ଜାଡି ପରିଡା, ଚାରୁଆ ପରିଡା, ମିନ ପରିଡା, ପି:ରସିକ ପରିଡା, ଗଜେନ୍ଦ୍ର ପରିଡା, ଉଜନ ପରିଡା, ସର ପରିଡା, ଲଳିତା ପରିଡା, ପି:କୃଷ୍ଣ ପରିଡା, ଜାଗର ପରିଡା, ପି:ସଇଦା ପରିଡା, ଜା:କୈବର୍ତ୍ତ, ବା:ବିନ୍ଧାଣ |
| ୨୬ | ୭୧୬ | ୧୭୨୯ | ୦.୨୪୦ | ୦.୨୨ | ଶାରଦ ଜଳ ଦୋଫସଲ-୧ | ସନାତନ ମିଶ୍ର, ପି:ଲକ୍ଷ୍ମୀଧର ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୭ | ୮୫୯/୧୯୪ | ୧୭୫୨ | ୦.୦୮୦ | ୦.୦୩ | ଶାରଦ ଜଳ ଦୋଫସଲ-୧ | ସ୍ୱୟଂପ୍ରଭା ମହାଳିକ, ସ୍ୱା-ନିରଞ୍ଜନ ମହାଳିକ, ଜା- ଖଣ୍ଡାୟତ, ବା:ଚିକଣା, ବ୍ରାହ୍ମଣୀଗାଁ, ଥା:ବିଂଝାରପୁର |
| ୨୮ | ୩୩୨ | ୧୭୫୪ | ୦.୧୦୦ | ୦.୦୭୫ | ଶାରଦ ଜଳ ଦୋଫସଲ-୧ | ଦୁର୍ଗା ଚରଣ ନନ୍ଦ, ପି:ମୁଳି ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୯ | ୩୩୨ | ୧୭୫୫ | ୦.୧୫୦ | ୦.୧୫ | ଶାରଦ ଜଳ ଦୋଫସଲ-୧ | ଦୁର୍ଗା ଚରଣ ନନ୍ଦ, ପି:ମୁଳି ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୩୦ | ୭୦୯ | ୧୭୫୬ | ୦.୦୬୦ | ୦.୦୧ | ଶାରଦ ଜଳ ଦୋଫସଲ-୧ | ସଦାନନ୍ଦ କବି, ପି:ସନାତନ କବି, ଜା:କୈବର୍ତ୍ତ, ବା:ବିନ୍ଧାଣ |
| ୩୧ | ୭୫୪ | ୧୮୧୪ | ୦.୧୨୦ | ୦.୧୨ | ଶାରଦ ଜଳ ଦୋଫସଲ-୧ | ସେକ ସିକନ୍ଦର, ସେକ ତସଲିମ, ସେକ ହାସିମ, ସେକ ମୋସିମ, ସେକ ନଶିମ, ସେକ ମୁସ୍ତକିମ, ପି:ସେକ ଜସିରୁଦ୍ଦିନ, ଜା:ମୁସଲମାନ, ବା:ନହରାପୁର, ଯାଜପୁରଟାଉନ |
| ୩୨ | ୨୬୨ | ୧୮୧୫ | ୦.୦୯୦ | ୦.୦୪୫୭୨ | ଶାରଦ ଜଳ ଦୋଫସଲ-୧ | ଜଗନ୍ନାଥ ପଣ୍ଡା, ପି:ବନମାଳୀ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୩୩ | ୬୭୯ | ୧୮୧୩ | ୦.୧୪୦ | ୦.୧୪ | ଶାରଦ ଜଳ ଦୋଫସଲ-୧ | ରେବତୀ ରାଣୀ ସାମଲ, ସ୍ୱା- ତୈଲୋକ୍ୟ ନାଥ ସାମଲ, ଜା:ଖଣ୍ଡାୟତ, ବା:ସନ୍ଥଶ୍ୱରପୁର, ଯାଜପୁର ଟାଉନ |
| ୩୪ | ୭୫୪ | ୧୮୧୭ | ୦.୦୮୦ | ୦.୦୮ | ଶାରଦ ଜଳ ଦୋଫସଲ-୧ | ସେକ ସିକନ୍ଦର, ସେକ ତସଲିମ, ସେକ ହାସିମ, ସେକ ମୋସିମ, ସେକ ନଶିମ, ସେକ ମୁସ୍ତକିମ, ପି:ସେକ ଜସିରୁଦ୍ଦିନ, ଜା:ମୁସଲମାନ, ବା:ନହରାପୁର, ଯାଜପୁର ଟାଉନ |
| ୩୫ | ୭୫୪ | ୧୮୧୮ | ୦.୧୩୦ | ୦.୧୩ | ଶାରଦ ଜଳ ଦୋଫସଲ-୧ | ସେକ ସିକନ୍ଦର, ସେକ ତସଲିମ, ସେକ ହାସିମ, ସେକ ମୋସିମ, ସେକ ନଶିମ, ସେକ ମୁସ୍ତକିମ, ପି:ସେକ ଜସିରୁଦ୍ଦିନ, ଜା:ମୁସଲମାନ, ବା:ନହରାପୁର, ଯାଜପୁର ଟାଉନ |
| ୩୬ | ୬୯୨ | ୧୮୧୯ | ୦.୦୪୦ | ୦.୦୩ | ଶାରଦ ଜଳ ଦୋଫସଲ-୧ | ସଏତୁନ ବିବି, ସ୍ୱା: ସେକ ହକିମ, ଜା:ମୁସଲମାନ, ବା:ନହରାପୁର ଯାଜପୁର ଟାଉନ |
| ୩୭ | ୭୫୧ | ୧୮୩୧ | ୦.୭୫୦ | ୦.୦୧ | ଶାରଦ ଜଳ ଦୋଫସଲ-୧ | ସାହାଯାତୁ ନେଶା ବିବି, ସ୍ୱା: ସେକ ଅବଦୁଲ ରସିଦ, ଜା: ମୁସଲମାନ, ବା:ନିଜଗାଁ |
| ୩୮ | ୨୬୫ | ୧୮୭୨ | ୦.୧୮୦ | ୦.୦୧୧୧୨ | ଶାରଦ ଜଳ ଦୋଫସଲ-୧ | ଜଗନ୍ନାଥ ଦତ୍ତ, ସୂର୍ଯ୍ୟ କୁମାର ଦତ୍ତ, ପି: ବୈଷ୍ଣବ ଚରଣ ଦତ୍ତ, ଶିବଶଙ୍କର ଦତ୍ତ, ଦେବ ପ୍ରସାଦ ଦତ୍ତ, ସାଧନା ଦତ୍ତ, ଆରାଧନା ଦତ୍ତ, ରାନୁ ଦତ୍ତ, ମିନୁ ଦତ୍ତ, ପି:ନାରାୟଣ ଚନ୍ଦ୍ର ଦତ୍ତ, ଚନ୍ଦ୍ର ଦତ୍ତ, ତରୁଲତା ଦତ୍ତ, ସ୍ୱା:ନାରାୟଣ ଚନ୍ଦ୍ର ଦତ୍ତ, ଜା: କାୟସ୍ଥ, ବା:ବିବିସରାଇ |
| ୩୯ | ୨୬୫ | ୧୮୭୩ | ୦.୦୬୦ | ୦.୦୦୬୬୭ | ଶାରଦ ଜଳ ଦୋଫସଲ-୧ | ଜଗନ୍ନାଥ ଦତ୍ତ, ସୂର୍ଯ୍ୟ କୁମାର ଦତ୍ତ, ପି: ବୈଷ୍ଣବ ଚରଣ ଦତ୍ତ, ଶିବଶଙ୍କର ଦତ୍ତ, ଦେବ ପ୍ରସାଦ ଦତ୍ତ, ସାଧନା ଦତ୍ତ, ଆରାଧନା ଦତ୍ତ, ରାନୁ ଦତ୍ତ, ମିନୁ ଦତ୍ତ, ପି:ନାରାୟଣ ଚନ୍ଦ୍ର ଦତ୍ତ, ଚନ୍ଦ୍ର ଦତ୍ତ, ତରୁଲତା ଦତ୍ତ, ସ୍ୱା:ନାରାୟଣ ଚନ୍ଦ୍ର ଦତ୍ତ, ଜା: କାୟସ୍ଥ, ବା:ବିବିସରାଇ |
| ୪୦ | ୪୦୯ | ୧୮୭୪ | ୦.୧୧୦ | ୦.୦୭ | ଶାରଦ ଅଣଜଳସେଚିତ-୧ | ନୃସିଂହ ଚରଣ ରଣା, ପି:ଉପେନ୍ଦ୍ର ରଣା, ଜା:ବଙ୍ଗାଳି ତନ୍ତୀ, ବା:ଡୋଲିପୁର, ଥାନା- କୋରେଇ |
| ୪୧ | ୩୩୨ | ୧୮୭୫ | ୦.୧୪୦ | ୦.୧ | ଶାରଦ ଜଳ ଦୋଫସଲ-୧ | ଦୁର୍ଗା ଚରଣ ନନ୍ଦ, ପି:ମୁଳି ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | | ମୋଟ | | ୨.୦୨୨୯୪ | | |

ସ୍ୱା./-ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର

OIPR-24163/14/0032/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଡାଲି ଉତ୍ପାଦନକୁ ପ୍ରୋତ୍ସାହନ

ଭୁବନେଶ୍ୱର,୮।୯ (ଅନୁରାଧା ମହାରଣା)

- ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟର ଚାଷୀଙ୍କୁ ମିଳିବ ସହାୟତା
- କୃଷକଙ୍କ ଉତ୍ପାଦନ ଏବଂ ଆୟ ବୃଦ୍ଧି ଲକ୍ଷ୍ୟ



ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଡାଲି ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଝାଡ଼ଖଣ୍ଡ ଓ ଛତିଶଗଡ଼ର ଆଦିବାସୀ ଅଞ୍ଚଳରେ ଡାଲି ଚାଷ ବଢ଼ାଇ କୃଷକଙ୍କ ଉତ୍ପାଦନ ଏବଂ ଆୟ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଏହି ପଦକ୍ଷେପ ଅଣପାରମ୍ପରିକ ଡାଲି ଉତ୍ପାଦନ କ୍ଷେତ୍ର ଉପରେ ଧ୍ୟାନ ଦେଇଥାଏ। ଏହା ଏକ ପରୀକ୍ଷାମୂଳକ ପ୍ରକଳ୍ପ ହୋଇଥିବାବେଳେ ଯଦି ଏହା ସଫଳ ହୁଏ, ତେବେ ଏହା ସମଗ୍ର ଦେଶକୁ ବିସ୍ତାର ହୋଇପାରିବ, ଯାହା ଆମଦାନୀ ଉପରେ ଭାରତର ନିର୍ଭରଶୀଳତାକୁ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ପରିଚାଳନା ଦାୟିତ୍ୱକୁ ନ୍ୟାଶନାଲ କୋଅପରେଟିଭ ଗ୍ରାହକ ଫେଡେରେଶନ ଅଫ ଇଣ୍ଡିଆ ଲିମିଟେଡ (ଏନସିସିଏଫ)କୁ ପ୍ରଦାନ କରାଯାଇଛି। ଏହାର କାର୍ଯ୍ୟକାରିତା ପାଇଁ ଏହା ଝାଡ଼ଖଣ୍ଡର ୪ଟି ଜିଲା ଏବଂ ଛତିଶଗଡ଼ର ୫ଟି ଜିଲା ଚୟନ କରାଯାଇଛି। ଏନସିସିଏଫ ପରିଚାଳନା ନିର୍ଦ୍ଦେଶକ ଅନିସ ଜୋସେଫ ଚନ୍ଦ୍ର କହିଛନ୍ତି ଯେ, ମହିଳା ଚାଷୀଙ୍କ ସମେତ ଝାଡଖଣ୍ଡ ଏବଂ ଛତିଶଗଡର ମାଓବାଦୀ ପ୍ରଭାବିତ ତଥା ଆଦିବାସୀ ଅଞ୍ଚଳରେ ଆମେ ଏହି ଖରିଫ ଋତୁରେ ହରଡ଼ ଏବଂ ବିରି ଉତ୍ପାଦନକୁ ପ୍ରୋତ୍ସାହିତ କରୁଛୁ। ଛତିଶଗଡର ରାଜନନ୍ଦଗାଓଁ, ଯଶପୁର, ବସ୍ତର ଏବଂ ମୋହଲା ମନପୁର ଏବଂ ପାଲାମୁ, କାଟିହାର, ଡୁମକା ସହ ଏବଂ ଝାଡ଼ଖଣ୍ଡର ଗଡ଼ୱା ଆଦି ଅଞ୍ଚଳକୁ ଏହି ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଇଥିବା ସୂଚନା ରହିଛି। ଖରିଫ ଋତୁ ପାଇଁ ହାଇବ୍ରିଡ ମଞ୍ଜି ବଣ୍ଟନ କରାଯାଇଛି। କୃଷକମାନଙ୍କୁ ସେମାନଙ୍କ ଉତ୍ପାଦକୁ ସମବାୟ ସମିତିରେ ବିକ୍ରୟ କରିବା ପାଇଁ ଏନସିସିଏଫ ପୋର୍ଟାଲରେ ଆଗୁଆ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ତେବେ ଏନସିସିଏଫ୍ ସର୍ବନିମ୍ନ ସହାୟତା ମୂଲ୍ୟ (ଏମଏସପିରେ ) ରେ ଡାଲି କ୍ରୟ କରିବ ମାତ୍ର ଯଦି ବଜାର ମୂଲ୍ୟ ଏମଏସପିରୁ ଅଧିକ ହୁଏ, ତେବେ କୃଷକମାନେ ବେସରକାରୀ ବ୍ୟବସାୟୀଙ୍କୁ ବିକ୍ରି କରିପାରିବେ।

# ଆଜି ଜିଏସ୍‌ଟି ପରିଷଦର ୫୪ତମ ବୈଠକ

**ନୂଆଦିଲ୍ଲୀ,୮।୯:** ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି କାଉନସିଲର ୫୪ ତମ ବୈଠକ ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୪ ସେପ୍ଟେମ୍ବର ୯ରେ ଅନୁଷ୍ଠିତ ହେବାକୁ ଥିବା ଜିଏସ୍‌ଟି କାଉନସିଲ ବୈଠକରେ ଫିଟମେଣ୍ଟ କମିଟି କରିଥିବା ସୁପାରିସ ଉପରେ ଆଲୋଚନା ହେବ।


## ଶୁଭେଚ୍ଛା ବାର୍ତ୍ତା





ଦୈନିକ ଖବରକାଗଜ ଧରିତ୍ରୀ ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିପୋଖରୀ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା।

**ଅକ୍ଷୟ କୁମାର ତ୍ରିପାଠୀ**
ସରପଞ୍ଚ, ବାଲିପୋଖରୀ ପଞ୍ଚାୟତ, ଭଣ୍ଡାରିପୋଖରୀ



## ସ୍ୱନକ୍ଷତ୍ର ଅଭିନନ୍ଦନ

ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପ୍ରସାରଣରେ ଧରିତ୍ରୀର ଭୂମିକା ସର୍ବଦା ପ୍ରଶଂସନୀୟ। ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି।



**ଭାନୁମିତ୍ର ଆଚାର୍ଯ୍ୟ**
ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ପରିବେଶବିତ୍


# କେଜିଆଇ ପକ୍ଷରୁ ଇଣ୍ଡଷ୍ଟ୍ରି-ଏକାଡେମିଆ କନେକ୍ଟ

ଭୁବନେଶ୍ୱର,୮।୯ (ଅଭୟ ଦାଶ)




ରାଜ୍ୟର ଏକ ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଳିଙ୍ଗ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ବା କେଜିଆଇ ପକ୍ଷରୁ ଆୟୋଜିତ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଆସୋଚାମ୍, ଏଏଫ୍‌ଏସ୍‌ଏ ଏବଂ ଇଗ୍‌ନାଇଟିଙ୍ଗ୍ ମାଇଣ୍ଡ୍‌ସର ସହଭାଗିତାରେ ଏକ ଇଣ୍ଡଷ୍ଟ୍ରି-ଏକାଡେମିଆ କନେକ୍ଟ କାର୍ଯ୍ୟକ୍ରମ ଯାଜପୁରର ତାରାପୁରସ୍ଥିତ କେଜିଆଇ କନ୍‌ଫରେନ୍ସ ହଲ୍‌ଠାରେ ଆୟୋଜିତ ହୋଇଯାଇଛି। ସେହିଭଳି ଏହି କର୍ମଶାଳା 'କ୍ୟାମ୍ପସ୍ କନ୍‌ଭର୍ସେଶନ ଅନ୍ କ୍ଲାଇମେଟ ଚେଞ୍ଜ ଫର୍ ସଷ୍ଟେନବିଲିଟି' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ପରିବେଶ ସମ୍ବନ୍ଧିତ ସମସ୍ୟାଗୁଡିକ ଦିନକୁ ଦିନ ଗୁରୁତ୍ୱପୂର୍ଣ୍ଣ ହେବା ସହିତ ବିଭିନ୍ନ ପ୍ରକାରର ପ୍ରାକୃତିକ ସମସ୍ୟା ସୃଷ୍ଟି କରୁଛି ବୋଲି ମତପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ କେଜିଆଇର ଅଧ୍ୟକ୍ଷ ଇଂ. ଆଲେକଜାଣ୍ଡର ଦାସ ସ୍ୱାଗତ ଅଭିଭାଷଣ ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଆସୋଚାମ୍‌ର ଉପ ନିର୍ଦ୍ଦେଶକ ତଥା ରାଜ୍ୟ ମୁଖ୍ୟ ପ୍ରିୟବ୍ରତ ମିଶ୍ର, ଇଗ୍‌ନାଇଟିଂ ମାଇଣ୍ଡ୍‌ସର ପ୍ରଫେସର ପ୍ରଫୁଲ୍ଲ କୁମାର ଧଳ, ଟାଟା ପାୱାରର ସିଏସ୍‌ଆର୍ ମୁଖ୍ୟ ଦିଲ୍ଲୀପ କୁମାର ସାହୁ, ଜେଏସ୍‌ଡବ୍ଲ୍ୟୁର ସିଏସ୍‌ଆର୍ ମୁଖ୍ୟ ଶୁଭେନ୍ଦୁ ଗୋପ୍ ଏବଂ କେଜିଆଇ ଆଡ୍‌ଭାଇଜରି ବୋର୍ଡର ଅଧ୍ୟକ୍ଷ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ ସହ ସେମାନେ ସାମଗ୍ରିକ ଭାବେ ପରିବେଶ ସଂରକ୍ଷଣର ମହତ୍ତ୍ୱ ଏବଂ ସ୍ଥାୟିତ୍ୱ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତାକୁ ରେଖାଙ୍କିତ କରିଥିଲେ। ସେହିପରି ଓଇଏସ୍ (ଓଡ଼ିଶା ଏନ୍‌ଭାଇରନମେଣ୍ଟାଲ ସୋସାଇଟି)ର ଅଧ୍ୟକ୍ଷ ଡ.ସୁନ୍ଦର ନାରାୟଣ ପାତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲା ବେଳେ ରଞ୍ଜନ କୁମାର ଦାସ ସିଭିଲ ସର୍ଭିସ୍ ଓ ଅନ୍ୟାନ୍ୟ କମ୍ପିଟିଟିଭ୍ ପରୀକ୍ଷାର ଆଶାୟୀମାନଙ୍କ ପାଇଁ ଡିଜାଇନ କରାଯାଇଥିବା ଏକ ହ୍ୟାଣ୍ଡବୁକ୍‌ର ଉନ୍ମୋଚନ କରିଥିଲେ, ଯାହାକୁ କଳିଙ୍ଗ ଏକାଡେମୀ ଅଫ୍ ସିଭିଲ ସର୍ଭିସେସ୍ ଦ୍ୱାରା ବିକଶିତ କରାଯାଇଛି, ଏହା ସାମଗ୍ରିକ ଶିକ୍ଷା ଓ ସାମାଜିକ ଯୋଗଦାନ ପ୍ରତି କେଜିଆଇର ପ୍ରତିବଦ୍ଧତାକୁ ଆଗକୁ ବଢାଇଛି।

# ଆସସ୍‌ର ନୂତନ ପେଗାସସ୍ ଷ୍ଟୋର୍

ଭୁବନେଶ୍ୱର,୮।୯ (ଅଭୟ ଦାଶ)



ଆସସ୍ ଇଣ୍ଡିଆର ବହୁପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ପେଗାସସ୍ ଷ୍ଟୋର୍ ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ୪୦୦ ବର୍ଗଫୁଟ ପରିବ୍ୟାପ୍ତ ଅଞ୍ଚଳରେ ବ୍ରାଣ୍ଡ୍‌ର ସମସ୍ତ ଉତ୍ପାଦ ଯଥା ଭିଭୋବୁକ୍ସ, ଜେନ୍‌ବୁକ୍ସ, ରିପବ୍ଲିକ ଅଫ୍ ଗେମର୍ସ (ଆର୍‌ଓଜି) ଲାପ୍‌ଟପ୍, ଗେମିଙ୍ଗ୍ ଡେସ୍କଟପ୍, ଅଲ୍-ଇନ୍-ୱାନ୍ ଡେସ୍କଟପ୍ ସମେତ ଆସେସରି ଉପଲବ୍ଧ।

ସେହିଭଳି ଆସସ୍ ଫ୍ଲାଗ୍‌ଶିପ ପ୍ରଡକ୍ଟ ସମେତ ଏଠାରେ ଏକ ବିସ୍ତୃତ ଶୃଙ୍ଖଳାର ଇଲେକ୍‌ଟ୍ରୋନିକ୍ସ ଓ କମ୍ପ୍ୟୁଟର ହାର୍ଡୱେୟାର ଉପଲବ୍ଧ କରାଇବା ପାଇଁ ଯୋଜନା ପ୍ରସ୍ତୁତ ରହିଛି। ଏପରିକି ଭୁବନେଶ୍ୱରରେ ଏହା ବ୍ରାଣ୍ଡ୍‌ର ପ୍ରଥମ ପେଗାସସ୍ ଷ୍ଟୋର୍ ହୋଇଥିଲାବେଳେ ଆଶାୟୀ ଗ୍ରାହକ ଓ ବଜାର ଚାହିଦାକୁ ଏହା ପୂରଣ କରିବ ବୋଲି ବ୍ରାଣ୍ଡ୍ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

ଏ ସମ୍ପର୍କରେ ଆସସ୍ ଇଣ୍ଡିଆର ନ୍ୟାଶନାଲ ସେଲ୍‌ସ ମ୍ୟାନେଜର (ପିସି ଆଣ୍ଡ୍ ଗେମିଂ ବିଜ୍‌ନେସ୍) ଜିଗ୍ନେଶ ଭାବ୍‌ସର କହିଛନ୍ତି, ଭାରତରେ ଆମେ ଆମର ସମ୍ପ୍ରସାରଣ ସହିତ ନୂତନ ଷ୍ଟୋର୍‌ର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଭୁବନେଶ୍ୱର ସହର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥିଲାବେଳେ ଏଠାରେ ଆମର ନୂଆ ପେଗାସସ୍ ଷ୍ଟୋର୍‌ର ଶୁଭାରମ୍ଭ ଏକ ବୃହତ୍ ଉପଭୋକ୍ତା ଆଧାରରେ ପହଞ୍ଚିବା ଦିଗରେ ଆଉ ଏକ ପଦକ୍ଷେପ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


## ସ୍ୱନକ୍ଷତ୍ର ଅଭିନନ୍ଦନ



ଦୈନିକ ଖବରକାଗଜ ଧରିତ୍ରୀର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବାରିପଦାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା।

**ମା'ଭୈରବୀ ଟେମ୍ପୁଲ ଚାରିଟେବୁଲ ଟ୍ରଷ୍ଟ**



## ସ୍ୱନକ୍ଷତ୍ର ଅଭିନନ୍ଦନ



ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବାରିପଦା ସହରବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା। ଆସନ୍ତୁ ସଭିଏଁ ମିଶି ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ସହର ଭାବେ ଗଢ଼ି ତୋଳିବା।

**କୃଷ୍ଣାନନ୍ଦ ମହାନ୍ତି**
ଅଧ୍ୟକ୍ଷ, ବାରିପଦା ପୌର ପରିଷଦ


# ନେବୁଲାଇଜର ବ୍ୟବହାରକୁ ଗୁରୁତ୍ୱ

ଭୁବନେଶ୍ୱର,୮।୯ (ଅଭୟ ଦାଶ)

ଓଡ଼ିଶାରେ କ୍ରମାଗତ ଭାବେ ଶିଶୁମୃତ୍ୟୁ ହାର ବଢୁଥିବାବେଳେ ଶିଶୁମାନଙ୍କ ମଧ୍ୟରେ ଶ୍ୱାସକ୍ରିୟା ଜନିତ ରୋଗ ଅଧିକ ଦେଖିବାକୁ ମିଳୁଛି। ଏପରିକି ଆଜମା, ବ୍ରୋଙ୍କାଇଟିସ୍, ସିଓପିଡି ଏବଂ ନିମୋନିଆ ଭଳି ରୋଗ କେବଳ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ନାହିଁ ବରଂ ସେମାନଙ୍କ ପରିବାର ଏବଂ ସ୍ୱାସ୍ଥ୍ୟ ସେବା ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚାପ ପକାଇଥାଏ। ଏହି ଆହ୍ୱାନର ସମ୍ମୁଖୀନ ହେବା ସମୟରେ ନେବୁଲାଇଜର ଶ୍ୱାସକ୍ରିୟା ସ୍ଥିତି ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବେ ଉଭା ହୋଇଛି। ସେହିଭଳି ହୋମହେଲ୍‌ଥ ମନିଟରିଂ ଡିଭାଇସ ଯୋଗାଉଥିବା ଅଗ୍ରଣୀ ଓମ୍ରନ ହେଲ୍‌ଥକେୟାର ଇଣ୍ଡିଆ ପାଖରେ ଶ୍ୱାସକ୍ରିୟା ଜନିତ ସମସ୍ୟାର ଯତ୍ନ ନେବା ଏବଂ ବିଶେଷ କରି ଶିଶୁମାନଙ୍କଠାରେ ରୋଗ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଦକ୍ଷ ଔଷଧ ବିତରଣ ପାଇଁ ବ୍ୟାପକ ନେବୁଲାଇଜର ଉପଲବ୍ଧ ରହିଛି। ଏପରିକି ଫୁସଫୁସ ଔଷଧର ଶୀଘ୍ର ଡେଲିଭରିରେ ସଠିକତା ହେତୁ ନେବୁଲାଇଜର ଆଜମା ଏବଂ ସିଓପିଡି ଇତ୍ୟାଦି ଶ୍ୱାସ ରୋଗକୁ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ବୋଲି ଆକଳନ କରାଯାଉଛି। ଏ ସମ୍ପର୍କରେ ଓମ୍ରନ ହେଲ୍‌ଥକେୟାର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତେତ୍ସୁୟା ୟାମାଦା କହିଛନ୍ତି, ନେବୁଲାଇଜର ଭଳି ଉଚ୍ଚମାନର ଉପକରଣ ଏବଂ ଏହାର ବିତରଣର ସଠିକତା, ନିର୍ଭୁଲତା ଏବଂ ସୁବିଧା ଉଭୟ ରୋଗୀ ଓ ରୋଗୀର ପରିବାର ପାଇଁ ବରଦାନ ସଦୃଶ ହୋଇଥାଏ। ସେହିଭଳି ଓମ୍ରନର ଲକ୍ଷ୍ୟ ହେଉଛି, ପରିବାରଗୁଡ଼ିକୁ ଏଭଳି ଏକ ଦୁନିଆ ସୃଷ୍ଟି କରିବା ପାଇଁ ସଶକ୍ତ କରିବା ସହିତ ଆମର 'ଗୋଇଂ ଫର ଜିରୋ' ଅଭିଯାନ ଜାରି ରହିଛି।


## Classified Everyday
0674-2580101, 2549949



REAL ESTATE

SALE

**Plot for sale at Puri Konark Marine Drive (850/- per sqft.), Contact: 6371703010.** D-1280

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987



**Ground Floor Chandrasekharpur Bhubaneswar Commercial suitable 4200 sqft Office, Hospital, Hotel Hostel. 9437008388.** D-1274

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75779

Newly open health benefits SPA by expert therapist. Contact- 6371861658. D-76150

Kerala body Massage therapy Unisex any person Bhubaneswar. kajal- 9337672475. D-1214

Newly open spa positively health benefits with expert therapist. 8658466886. D-76152



BUSINESS

**Mushroom farming training/ ଛତୁ ଚାଷ- Paddy, Button and Oyester Mushroom training starting soon in Bhubaneswar. Contact +91 9827702258.** D-1270



## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ସିନ୍ଦିରି ଶ୍ରୀକାନ୍ତ**
ଆବିର୍ଭାବ: ୦୨।୧୦।୧୯୮୪
ସ୍ୱର୍ଗାରୋହଣ: ୦୯।୦୯।୨୦୨୨

ଆଜିର ଏହି ଦ୍ୱିତୀୟ ବାର୍ଷିକୀ ପୁଣ୍ୟ ତିଥିରେ ଆପଣଙ୍କ ଅମ୍ଳାନ ଆତ୍ମାର ସଦ୍‌ଗତି ଏବଂ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ମାତା: ସିନ୍ଦିରି ଭାଗ୍ୟବତୀ, ପରିବାର ଓ ବନ୍ଧୁବର୍ଗ।

ଧ-୧୨୭୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ରବିନ୍ଦ୍ର କୁମାର ମହାପାତ୍ର**
ଆବିର୍ଭାବ : ୨୭.୦୯.୧୯୪୮
ତିରୋଧାନ : ୨୯.୦୮.୨୦୨୪

ନୀଳଚକ୍ର ତଳେ.......ମହୋଦଧି କୂଳେ ଯେବେ ଜଳୁଥିବ ଜୁଇଟିଏ.......... କାଳିଆ ଜାଣିନୁ ଅଭିମାନ କରି ଚାଲିଗଲା ଦୁଃଖିଟିଏ ...

ନିଜ ରଚନା, ନିଜସ୍ୱ ସଙ୍ଗୀତ ଓ କଣ୍ଠ ଦାନ କରି ଗାଇଥିବା ପଦଟି ଆଜି ସତ୍ୟ କରି ଚାଲିଗଲେ। ଆମେ ଘରେ ବାହାରେ ଆପଣଙ୍କର ସେଇ ସ୍ମୃତିକୁ ପାଥେୟକରି ବଂଚିଥିବୁ। ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି : ବନ୍ଧୁ ଏବଂ ଆତ୍ମୀୟସ୍ୱଜନ

ଧ-୭୫୮୧୯



CLASSIFIED DISPLAY
MORE SPACE • SAME PRICE
TARIFF — GST 5%
For Single Day: 6x4 1,500.00; 12x4 2,000.00 | For 7 Days: 6x4 6,000.00; 12x4 12,000.00 | For 15 Days: 6x4 12,000.00; 12x4 25,000.00 | For 30 days: 6x4 20,000.00; 12x4 40,000.00



## ମାଗଣା ସାଙ୍କେତିକ ଭାଷା ତାଲିମ କୋର୍ସ
**(FREE SIGN LANGUAGE TRAINING COURSE)**

ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ ପକ୍ଷରୁ ମାଗଣା ୩ ମାସିଆ Sign Language କୋର୍ସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ପିଡି) ବିଭାଗ, ଓଡ଼ିଶା ଏବଂ ଅଲି ୟାଭର୍ ଜଙ୍ଗ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ୍ ଶ୍ରବଣ ଅକ୍ଷମତା (ଦିବ୍ୟାଙ୍ଗ), ଆଞ୍ଚଳିକ କେନ୍ଦ୍ର, ଯାଆଁଳା, ଖୋର୍ଦ୍ଧାର ସହାୟତାରେ ଓଡ଼ିଶାର ଭୁବନେଶ୍ୱରଠାରେ ଆରମ୍ଭ ହେବାକୁ ଯାଉଛି। ଏହି କୋର୍ସ ଏକ ସାର୍ଟିଫିକେସନ କୋର୍ସ ଅଟେ। କୋର୍ସ ସମୟ ସୀମା ମଧ୍ୟରେ ମାଗଣା ହଷ୍ଟେଲ ଏବଂ ଖାଦ୍ୟର ବ୍ୟବସ୍ଥା ରହିବ।

ଆମକୁ **info@odisharisin.in**ରେ Mail କରନ୍ତୁ। ଅଥବା ଆମ ୱେବ୍‌ସାଇଟ୍ **www.odisharising.in** ଭିଜିଟ୍ କରି registration କରନ୍ତୁ।

**ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍**



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ

**ପ୍ୟାରିସ୍ ପାରାଲିମ୍ପିକ୍ସ**
**୭ ସ୍ୱର୍ଣ୍ଣ, ୯ ରୌପ୍ୟ, ୧୩ ବ୍ରୋଞ୍ଜ**









**ସ୍ୱର୍ଣ୍ଣ ବିଜେତା:** ପ୍ୟାରିସ ପାରାଲିମ୍ପିକ୍ସରେ ଭାରତ ପକ୍ଷରୁ ସ୍ୱର୍ଣ୍ଣ ପଦକ ଜିତିଥିବା ଅଭନି ଲେଖରା, କୁମାର ନିତେଶ, ସୁମିତ ଆଣ୍ଟିଲ, ହରବିନ୍ଦର ସିଂ, ଧରମବୀର ନୈନ, ପ୍ରବୀଣ କୁମାର ଓ ନବଦୀପ ସିଂ।

**ପ୍ୟାରିସ, ୮।୯**

ପ୍ୟାରିସ୍ ପାରାଲିମ୍ପିକ୍ସ ରବିବାର ଉଦ୍‌ଯାପିତ ହୋଇଛି। ଭାରତୀୟ ପାରା ଆଥ୍‌ଲେଟମାନେ ଏହି ମେଗା ପ୍ରତିଯୋଗିତାରେ ଚମକପ୍ରଦ ପ୍ରଦର୍ଶନ କରି ୨୯ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୩ ବ୍ରୋଞ୍ଜ ପଦକ ସାମିଲ। ପାରାଲିମ୍ପିକ୍ସ ଇତିହାସରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଗତ ଟୋକିଓ ଅଲିମ୍ପିକ୍ସରେ ଭାରତ ହାସଲ କରିଥିବା ୧୯ ପଦକ ଏହା ପୂର୍ବରୁ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ୬ (୧ ରୌପ୍ୟ, ୫ ବ୍ରୋଞ୍ଜ) ପଦକରେ ସୀମିତ ରହିଥିବାବେଳେ ପାରାଲିମ୍ପିକ୍ସରେ ଏହାର ୫ ଗୁଣା ପଦକ ଦେଶରେ ପାରା ସ୍ପୋର୍ଟ୍ସର ଉତ୍ଥାନକୁ ସୂଚାଉଛି।

ଏଥର ପାରାଲିମ୍ପିକ୍ସରେ ଅନେକ ଆଥ୍‌ଲେଟ ପ୍ରଥମଥର ପାଇଁ ପୋଡିୟମ ମଣ୍ଡନ କରିଥିବାବେଳେ ଆଉ କେତେକ ପୂର୍ବ ପ୍ରଦର୍ଶନରେ ଉନ୍ନତି ଆଣି ନିଜ କ୍ୟାରିୟରକୁ ରୁଦ୍ଧିମନ୍ତ କରିଛନ୍ତି। ନିଜ ମଧ୍ୟରେ ଅନେକ କଷ୍ଟ ଓ ଯନ୍ତ୍ରଣାକୁ ଚାପିରଖି ଦେଶକୁ ଗର୍ବିତ କରିଛନ୍ତି ଏହି ପାରା ଆଥ୍‌ଲେଟ୍। ଏଥର ଅନେକ ପ୍ରତିଯୋଗୀ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି। ଇତିହାସ ଦେଖିଲେ ପାରାଲିମ୍ପିକ୍ସରେ ୨୦୧୬ରେ ହିଁ ଭାରତୀୟମାନେ ପ୍ରଦର୍ଶନର ଛାପ ଛାଡ଼ିବା ଆରମ୍ଭ କରିଥିଲେ। ଇତିମଧ୍ୟରେ ଦେଶ ପାରା ସ୍ପୋର୍ଟ୍ସରେ ଏକ କ୍ରୀଡ଼ା ମହାଶକ୍ତିରେ ପରିଣତ ହେବା ପଥରେ ଅଗ୍ରସର ହୋଇଛି।

ଭାରତର ୨୯ ପଦକ ୫ଟି ସ୍ପୋର୍ଟ୍ସରୁ ଆସିଛି। ଏହା ମଧ୍ୟରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ୧୭ ପଦକ ସାମିଲ। ଚାଇନାର ୨୧୯ ପଦକ ପାଇ ତାଲିକାର ଶୀର୍ଷରେ ଥିବାବେଳେ ଭାରତ ପ୍ରଥମଥର ପାଇଁ ଟପ୍-୨୦ ମଧ୍ୟରେ ସ୍ଥାନ ପାଇ ୧୮ଶ ସ୍ଥାନରେ ରହିଛି। ପାରା ଆଥଲେଟ୍‌ଙ୍କ ପାଇଁ ଟ୍ରେନିଂ, ରିକୋଭରି ଏବଂ ସପୋର୍ଟ ଷ୍ଟାଫ୍ ବୃଦ୍ଧି କାମ ଦେଇଛି। କେନ୍ଦ୍ର ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ ରୋଷ୍ଟରରେ ୫୯ ପାରା ଆଥଲେଟ୍ ସାମିଲ ଥିବାବେଳେ ସେମାନଙ୍କ ମଧ୍ୟରୁ ୫୦ ଜଣ ପ୍ୟାରିସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଭାରତୀୟ ପ୍ରତିନିଧି ଦଳରେ ଏଥର ୮୪ ଆଥଲେଟ୍ ସାମିଲ ଥିବାବେଳେ ଅନେକ ପ୍ରଥମ ଘଟଣା ରୋମାଞ୍ଚିତ କରିଥିଲା। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ପ୍ରଥମଥର ପାଇଁ ଆସିଥିଲା ପଦକ। ପ୍ରୀତି ପାଲ୍ ମହିଳା ୧୦୦ ଓ ୨୦୦ ମିଟର ଟି୩୫ ବର୍ଗରେ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ସେହିପରି ଜୁଡୋ ଇଭେଣ୍ଟରେ ପ୍ରଥମଥର ପାଇଁ କପିଲ ପର୍ମାର ପୁରୁଷ ୬୦ କେଜି ଜେ୧ ବର୍ଗରେ ବ୍ରୋଞ୍ଜ ପଦକ ଜିତି ଦେଶକୁ ଗର୍ବିତ କରିଥିଲେ।

ହରବିନ୍ଦର ସିଂ ଓ ଧରମବୀରଙ୍କ ପରି ଆଥଲେଟ୍ ଆର୍ଚେରୀ ଓ କ୍ଲବ୍ ଥ୍ରୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଦେଶର ମଥା ଉଚ୍ଚା କରିଥିଲେ। ସେହିପରି ହାତ ନ ଥାଇ ଜନ୍ମ ହୋଇଥିବା ଶୀତଲ ଦେବୀ ପାରାଲିମ୍ପିକ୍ସରେ କମାଲ ଦେଖାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ମିକ୍ସଡ ଟିମ୍ ଇଭେଣ୍ଟରେ ଏହି ୧୭ ବର୍ଷୀୟା ଆର୍ଚର ବ୍ରୋଞ୍ଜ ପଦକ ଜିତି କୌଣସି ପରିସ୍ଥିତିରେ ହାର୍ ମାନିବା ଉଚିତ ନୁହେଁ ବୋଲି ପ୍ରମାଣିତ କରିଥିଲେ। ହାତ ନ ଥିଲେ ମଧ୍ୟ ସେ ନିଜ ଗୋଡ଼ ମାଧ୍ୟମରେ ଲକ୍ଷ୍ୟ ସ୍ଥଳରେ ତୀର ପହଞ୍ଚାଇଥିଲେ। ସିଙ୍ଗଲ୍ସ ଇଭେଣ୍ଟର ୧/୮ ଏଲିମିନେଶନ ମୁକାବିଲାରେ ସେ ଅଳ୍ପକେ ପଛରେ ପଡ଼ିଯିବା ଉପସ୍ଥିତ ଦର୍ଶକଙ୍କୁ ନିରାଶ କରିଥିଲା। ଏହା ପରଦିନ ଆର୍ଚେରୀରୁ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣିଥିଲେ ହରବିନ୍ଦର। ଟୋକିଓରେ ବ୍ରୋଞ୍ଜ ଜିତିଥିବା ଏହି ତାରକା ଆର୍ଚର ଏଥର ପଦକ ରଙ୍ଗରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲେ। କ୍ଲବ ଥ୍ରୋ ଇଭେଣ୍ଟରେ ଭାରତ ବିରଳ ୱାନ୍-ଟୁ ଫିନିଶ୍ କରିଥିଲା। ଏଫ୍‌୫୧ ବର୍ଗରେ ଧରମବୀର ଓ ପ୍ରଣବ ସୁରମା ପୋଡିୟମ ମଣ୍ଡନ କରିଥିଲେ।

ଜାଭେଲିନ୍ ଥ୍ରୋୟର ସୁମିତ ଆଣ୍ଟିଲ ଓ ଶୁଟର ଅଭନି ଲେଖରା ନିଜ ନିଜ ଇଭେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରି ଟାଇଟଲ ବଜାୟ ରଖିଥିଲେ। ଅର୍ଥାତ୍ ଟୋକିଓରେ ସ୍ୱର୍ଣ୍ଣ ପଦକ ଜିତିଥିବା ଏହି ଦୁଇ ଆଥଲେଟ୍ ପ୍ୟାରିସ୍‌ରେ ତାହାକୁ ବଜାୟ ରଖିବାରେ ସକ୍ଷମ ହୋଇଥିଲେ। ବାମ ପାଦ ପ୍ରଭାବିତ ସୁମିତ ଏଠାରେ ନିଜ ପାରାଲିମ୍ପିକ୍ସ ରେକର୍ଡ ଭାଙ୍ଗିବା ସହ ସ୍ୱର୍ଣ୍ଣ ହାସଲ କରିଥିଲେ। ସେହିପରି ହୁଇଲ ଚେୟାର ରାଇଫଲ ଶୁଟର ଲେଖରା ଏସଏଚ୧ ବର୍ଗରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ସୁଇମିଂ ପୁଲ୍‌ରେ ଭାରତୀୟଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା। ପ୍ୟାରିସରେ ଭାରତର କେବଳ ଜଣେ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ଭାରତ ଯଦି ପାରା ସୁଇମିଂରେ ପ୍ରଭାବୀ ପ୍ରଦର୍ଶନ କରିପାରିବ ତେବେ ଆଗାମୀ ଦିନରେ ଟପ୍-୧୦ ଫିନିଶ୍ କରିପାରିବ। କେବଳ ସୁଇମିଂରୁ ଚାଇନା ୫୪ ପଦକ ହାସଲ କରିଛି। ଏହା ମଧ୍ୟରେ ୨୦ ସ୍ୱର୍ଣ୍ଣ ସାମିଲ।

## ପଦକ ତାଲିକା (ଟପ୍-୨୦)

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୯୪ | ୭୫ | ୫୦ | ୨୧୯ |
| ବ୍ରିଟେନ | ୪୯ | ୪୪ | ୩୧ | ୧୨୪ |
| ଆମେରିକା | ୩୬ | ୪୧ | ୨୭ | ୧୦୪ |
| ନେଦରଲାଣ୍ଡ | ୨୬ | ୧୭ | ୧୨ | ୫୫ |
| ବ୍ରାଜିଲ | ୨୫ | ୨୬ | ୩୮ | ୮୯ |
| ଇଟାଲୀ | ୨୪ | ୧୫ | ୩୨ | ୭୧ |
| ୟୁକ୍ରେନ | ୨୨ | ୨୭ | ୩୨ | ୮୧ |
| ଫ୍ରାନ୍ସ | ୧୯ | ୨୮ | ୨୮ | ୭୫ |
| ଅଷ୍ଟ୍ରେଲିଆ | ୧୮ | ୧୭ | ୨୮ | ୬୩ |
| ଜାପାନ | ୧୪ | ୧୦ | ୧୭ | ୪୧ |
| ଜର୍ମାନୀ | ୧୦ | ୧୪ | ୨୫ | ୪୯ |
| କାନାଡ଼ା | ୧୦ | ୯ | ୧୦ | ୨୯ |
| ଉଜବେକିସ୍ତାନ | ୧୦ | ୯ | ୭ | ୨୬ |
| ସୁଇଜରଲାଣ୍ଡ | ୮ | ୮ | ୫ | ୨୧ |
| ପୋଲାଣ୍ଡ | ୮ | ୬ | ୯ | ୨୩ |
| ସ୍ପେନ୍ | ୭ | ୧୧ | ୨୨ | ୪୦ |
| ଇରାନ | ୭ | ୧୦ | ୭ | ୨୪ |
| **ଭାରତ** | **୭** | **୯** | **୧୩** | **୨୯** |
| କଲମ୍ବିଆ | ୭ | ୭ | ୧୪ | ୨୮ |
| ବେଲଜିୟମ | ୭ | ୪ | ୩ | ୧୪ |

**ପାରାଲିମ୍ପିକ୍ସ ଇତିହାସରେ ଭାରତ ପ୍ୟାରିସରେ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏଥର ଅନେକ ପ୍ରଥମ ଦେଖିବାକୁ ମିଳିଛି। ପ୍ରଥମ ଥରପାଇଁ ଭାରତ ୭ ସ୍ୱର୍ଣ୍ଣ ସହ ୨୯ ପଦକ ପାଇଛି। ଷ୍ଟାଣ୍ଡିଂର ଟପ୍-୨୦ରେ ସ୍ଥାନ ପାଇବା ମଧ୍ୟ ପ୍ରଥମ। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ପ୍ରଥମଥର ଲାଗି ପଦକ ଜିତି ପ୍ରୀତି ପାଲ୍ ଦେଶର ପାରା ସ୍ପୋର୍ଟ୍ସକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି।**



ପ୍ରଥମଥର ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ପଦକ ବିଜୟିନୀ ପ୍ରୀତି ପାଲ।

## ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତର ପଦକ

| ଆଥ୍‌ଲେଟଙ୍କ ନାମ | କ୍ରୀଡ଼ା | ଇଭେଣ୍ଟ |
|---|---|---|
| **ସ୍ୱର୍ଣ୍ଣ** | | |
| ଅଭନି ଲେଖରା | ଶୁଟିଂ | ମହିଳା ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍‌ଏଚ୍୧ |
| କୁମାର ନିତେଶ | ବ୍ୟାଡ୍‌ମିଣ୍ଟନ | ପୁରୁଷ ସିଙ୍ଗଲ୍ସ ଏସଏଲ୍୩ |
| ସୁମିତ ଆଣ୍ଟିଲ | ଆଥଲେଟିକ୍ସ | ପୁରୁଷ ଜାଭେଲିନ୍ ଥ୍ରୋ ଏଫ୬୪ |
| ହରବିନ୍ଦର ସିଂ | ଆର୍ଚେରୀ | ବ୍ୟକ୍ତିଗତ ରିକର୍ଭ ଓପନ |
| ଧରମବୀର ନୈନ | ଆଥଲେଟିକ୍ସ | କ୍ଲବ ଥ୍ରୋ ଏଫ୍‌୫୧ |
| ପ୍ରବୀଣ କୁମାର | ଆଥଲେଟିକ୍ସ | ହାଇଜମ୍ପ ଟି୬୪ |
| ନବଦୀପ ସିଂ | ଆଥଲେଟିକ୍ସ | ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍‌୪୧ |
| **ରୌପ୍ୟ** | | |
| ମନୀଷ ନରୱାଲ | ଶୁଟିଂ | ପୁରୁଷ ୧୦ ମିଟର ଏୟାର ପିସ୍ତଲ ଏସ୍‌ଏଚ୍୧ |
| ନିଶାଦ କୁମାର | ଆଥଲେଟିକ୍ସ | ପୁରୁଷ ହାଇଜମ୍ପ ଟି୪୭ |
| ଯୋଗେଶ କାଥୁନିୟା | ଆଥଲେଟିକ୍ସ | ପୁରୁଷ ଡିସକସ୍ ଥ୍ରୋ ଏଫ୍‌୫୬ |
| ତୁଳସୀମତି ମୁରୁଗେସାନ | ବ୍ୟାଡ୍‌ମିଣ୍ଟନ | ମହିଳା ସିଙ୍ଗଲ୍ସ ଏସୟୁ୫ |
| ସୁହାସ ୟାଥିରାଜ | ବ୍ୟାଡ୍‌ମିଣ୍ଟନ | ପୁରୁଷ ସିଙ୍ଗଲ୍ସ ଏସଏଲ୍୪ |
| ଅଜିତ ସିଂ ଯାଦବ | ଆଥଲେଟିକ୍ସ | ଜାଭେଲିନ୍ ଥ୍ରୋ ଏଫ୍‌୪୬ |
| ଶରଦ କୁମାର | ଆଥଲେଟିକ୍ସ | ହାଇଜମ୍ପ ଟି୬୩ |
| ସଚିନ ଖିଲାରି | ଆଥଲେଟିକ୍ସ | ପୁରୁଷ ଶଟ୍‌ପୁଟ୍ ଏଫ୍‌୪୬ |
| ପ୍ରଣବ ସୁରମା | ଆଥଲେଟିକ୍ସ | କ୍ଲବ ଥ୍ରୋ ଏଫ୍‌୫୧ |
| **ବ୍ରୋଞ୍ଜ** | | |
| ମୋନା ଅଗ୍ରୱାଲ | ଶୁଟିଂ | ମହିଳା ୧୦ ମିଟର ଏୟାରେ ରାଇଫଲ ଷ୍ଟାଣ୍ଡିଂ ଏସ୍‌ଏଚ୍୧ |
| ପ୍ରୀତି ପାଲ୍ | ଆଥ୍‌ଲେଟିକ୍ସ | ମହିଳା ୧୦୦ ମିଟର ଟି୩୫ |
| ରୁବିନା ଫ୍ରାନ୍ସିସ | ଶୁଟିଂ | ମହିଳା ୧୦ ମିଟର ଏୟାର ପିସ୍ତଲ ଏଓଏଚ୍୧ |
| ପ୍ରୀତି ପାଲ୍ | ଆଥ୍‌ଲେଟିକ୍ସ | ମହିଳା ୨୦୦ ମିଟର ଟି୩୫ |
| ମନୀଷା ରାମଦାସ | ବ୍ୟାଡ୍‌ମିଣ୍ଟନ | ମହିଳା ସିଙ୍ଗଲ୍‌ସ ଏସୟୁ୫ |
| ଶୀତଲ ଦେବୀ/ ରାକେଶ କୁମାର | ଆର୍ଚେରୀ | ମିକ୍ସଡ ଟିମ୍ କମ୍ପାଉଣ୍ଡ |
| ନିଥ୍ୟା ଶିଭନ | ବ୍ୟାଡ୍‌ମିଣ୍ଟନ | ମହିଳା ସିଙ୍ଗଲ୍ସ ଏସଏଚ୬ |
| ଦୀପ୍ତି ଜୀବନଜୀ | ଆଥଲେଟିକ୍ସ | ମହିଳା ୪୦୦ ମିଟର ଟି୨୦ |
| ମାରିୟାପ୍ପାନ ଥଙ୍ଗାଭେଲୁ | ଆଥ୍‌ଲେଟିକ୍ସ | ପୁରୁଷ ହାଇଜମ୍ପ ଟି୬୩ |
| ସୁନ୍ଦର ସିଂ ଗୁର୍ଜର | ଆଥ୍‌ଲେଟିକ୍ସ | ପୁରୁଷ ଜାଭେଲିନ୍ ଥ୍ରୋ ଏଫ୪୬ |
| କପିଲ ପର୍ମାର | ଜୁଡୋ | ପୁରୁଷ ଜେ୧-୬୦ କେଜି |
| ହୋକଟୋ ହୋଟୋଝେ ସିମା | ଆଥ୍‌ଲେଟିକ୍ସ | ପୁରୁଷ ଶଟ୍‌ପୁଟ ଏଫ୫୭ |
| ସିମରନ | ଆଥ୍‌ଲେଟିକ୍ସ | ମହିଳା ୨୦୦ ମିଟର ରେସ୍ ଟି୧୨ |

# ଷ୍ଟିମାକ୍‌ଙ୍କୁ ୩.୩୬ କୋଟି କ୍ଷତିପୂରଣ

**ନୂଆଦିଲ୍ଲୀ, ୮।୯ (ପି.ଟି.)**

ସର୍ବ ଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଜାତୀୟ ପୁରୁଷ ଦଳର ପୂର୍ବତନ କୋଚ୍ ଇଗୋର ଷ୍ଟିମାକ୍‌ଙ୍କୁ ବହିଷ୍କାର କରିବା ମାମଲାରେ କ୍ଷତିପୂରଣ ବାବଦରେ ଟିକସ ଛାଡ଼ି ୪୦୦,୦୦୦ ଆମେରିକୀୟ ଡଲାର (୩.୩୬ କୋଟି ଟଙ୍କା) ଦେବ। ଏ ନେଇ ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ହୋଇଥିବା ପ୍ରକାଶ। ଫିଫା ବିଶ୍ୱକପ୍ କ୍ୱାଲିଫାୟରରେ ଭାରତ ଅପେକ୍ଷାକୃତ ଏକ ସହଜ ଡ୍ର’ରେ ସ୍ଥାନ ପାଇଥିଲେ ମଧ୍ୟ ଦଳ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲା। ଏଥିପାଇଁ ଚୁକ୍ତି ମିଆଦ ଶେଷ ହେବାକୁ ଆଉ ଏକ ବର୍ଷ ସମୟ ବାକି ଥିଲେ ମଧ୍ୟ ଏଆଇଏଫ୍‌ଏଫ୍ ଗତ ଜୁନ୍‌ରେ ଷ୍ଟିମାକ୍‌ଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରିଥିଲା। ବିତାଡ଼ିତ ହେବା ପୂର୍ବରୁ ଷ୍ଟିମାକ୍ ଓ ଏଆଇଏଫ୍‌ଏଫ୍ ମଧ୍ୟରେ ବାକ୍ୟବିନିମୟ ଘଟିଥିଲା। କୋଏସୀୟ କୋଚ୍ ବିରକ୍ତ ପ୍ରକାଶ କରି ୧୦ଦିନ ମଧ୍ୟରେ ତାଙ୍କ ବକେୟା ପାଉଣା ପ୍ରଦାନ ପାଇଁ ଅଡି ବସିଥିଲେ। ତା’ ନ ହେଲେ ସେ କୋର୍ଟ ଦ୍ୱାରସ୍ଥ ହେବେ ବୋଲି ଧମକ ଦେଇଥିଲେ। ତେବେ ବର୍ତ୍ତମାନ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇପାରିଛି। ୪୦୦,୦୦୦ ଆମେରିକୀୟ ଡଲାର ଦେଇ ବିବାଦକୁ ରଫାଦଫା କରିଦେବା ଲାଗି ଏଆଇଏଫ୍‌ଏଫ୍‌ର ବରିଷ୍ଠ ପଦାଧିକାରୀମାନେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମହାସଂଘ ଏବେ ଆର୍ଥିକ ସଂକଟ ଦେଇ ଗତି କରୁଛି। ତେଣୁ ଷ୍ଟିମାକ୍‌ଙ୍କୁ ଏତେ ପରିମାଣରେ କ୍ଷତିପୂରଣ ଦେବା ସହଜ ହେବନାହିଁ। ଫଳତଃ ମହାସଂଘ ଚଳିତବର୍ଷ ପ୍ରତିଯୋଗିତାଗୁଡ଼ିକର ବଜେଟ ପରିମାଣ ହ୍ରାସ କରିଛି। ପୂର୍ବରୁ ଷ୍ଟିମାକ୍‌ଙ୍କୁ ବହିଷ୍କାର ବେଳେ କ୍ଷତିପୂରଣ ବାବଦରେ ୩ ମାସର ବେତନ ଦେବା ଲାଗି ଏଆଇଏଫ୍‌ଏଫ୍ ଏକ ଅଫର ଦେଇଥିଲା। କିନ୍ତୁ କୋଏସୀୟ କୋଚ୍ ଏଥିରେ ରାଜି ହୋଇ ନ ଥିଲେ। ସେ ଗତମାସରେ ଫିଫାର ଦ୍ୱାରସ୍ଥ ହୋଇଥିଲେ। ଦୁଇବର୍ଷର ବେତନ ବାବଦରେ ଏଆଇଏଫ୍‌ଏଫ୍‌ଠାରୁ ସେ ୯୨୦.୦୦୦ ଆମେରିକୀୟ ଡଲାର (୭.୭୨ କୋଟି ଟଙ୍କା) ଦାବି କରିଥିଲେ। ୫୭ ବର୍ଷୀୟ ଷ୍ଟିମାକ୍ ୨୦୧୯ରେ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିଲେ।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

# ଚାଇନାକୁ ହରାଇଲା ଭାରତ



ପେନାଲ୍ଟି କର୍ନର ସେଭ୍ ଅବସରରେ ଗୋଲକିପର କ୍ରିଶନ ବାହାଦୁର ପାଠକ, ଡିଫେଣ୍ଡର ଅମିତ ରୋହିଦାସ ଓ ଅନ୍ୟମାନେ।

**ହୁଲୁନ୍‌ବୁଇର(ଚାଇନା), ୮।୯(ପି.ଟି.)**

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ପ୍ରତିଯୋଗିତାରେ ଏଠାରେ ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଗତଥରର ଚାମ୍ପିୟନ ଭାରତୀୟ ପୁରୁଷ ଦଳ ୩-୦ ଗୋଲ୍‌ରେ ଆୟୋଜକ ଚାଇନାକୁ ପରାସ୍ତ କରିଛି। ଭାରତ ପକ୍ଷରୁ ସୁଖଜିତ୍ ସିଂ(୧୪ତମ ମିନିଟ), ଉତ୍ତମ ସିଂ (୨୭ତମ ମିନିଟ) ଓ ଅଭିଷେକ (୩୨ତମ ମିନିଟ) ଗୋଲ୍ ସ୍କୋର କରିଥିଲେ। ଭାରତ ଏହାର ଦ୍ୱିତୀୟ ମ୍ୟାଚ ସୋମବାର ଜାପାନ ବିପକ୍ଷରେ ଖେଳିବ। ମାଲେସିଆ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୨-୨ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଥିବା ବେଳେ ଜାପାନ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ଏକ ହାଇ ସ୍କୋରିଂ ମ୍ୟାଚ ୫-୫ ଗୋଲ୍‌ରେ ଡ୍ର ରହିଥିଲା।

## ମୋଇନ ଅଲୀଙ୍କ ଅବସର

**ଲଣ୍ଡନ, ୮।୯(ଏପି)**

ଇଂଲଣ୍ଡ ଅଲରାଉଣ୍ଡର ମୋଇନ ଅଲୀ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ହ୍ୱାଇଟ ବଲ୍ ସିରିଜ ପାଇଁ ଦଳରେ ସ୍ଥାନ ନ ମିଳିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୩୭ ବର୍ଷୀୟ ଅଲୀ ଏକ ଦୈନିକ ଖବରକାଗଜକୁ ତାଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି, ବର୍ତ୍ତମାନ ପରବର୍ତ୍ତୀ ପିଢ଼ିଙ୍କ ଲାଗି ସମୟ ଆସି ପହଞ୍ଚିଛି। ସେ ଚେଷ୍ଟା କରିଥିଲେ ହୁଏତ ଇଂଲଣ୍ଡ ଦଳକୁ ଫେରିପାରିଥାନ୍ତେ। କିନ୍ତୁ ଖେଳରୁ ଅବସର ନେବା ପାଇଁ ତାଙ୍କ ଲାଗି ଏହା ଉପଯୁକ୍ତ ସମୟ ବୋଲି ସେ ବିଚାରିଥିଲେ। ମୋଇନ ଇଂଲଣ୍ଡ ତରଫରୁ ୬୮ ଟେଷ୍ଟ, ୧୩୮ ଅନ୍ତର୍ଜାତୀୟ ଦିନିକିଆ ଏବଂ ୯୨ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଗତ ମାସରେ ଇଂଲଣ୍ଡ ଅନ୍ତର୍ଜାତୀୟ ଦିନିକିଆ ଏବଂ ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡର ସୀମିତ ଓଭର ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ମାଥ୍ୟୁ ମଟ୍ ମୁଖ୍ୟ କୋଚ୍ ପଦବୀରୁ ବହିଷ୍କୃତ ହୋଇଥିଲେ।

# ସପ୍ତାହରେ ଦୁଇ ଶୃଙ୍ଗ ଆରୋହଣ କଲେ ଅନିତା



କାଙ୍ଗ ୟାଟ୍‌ଜେ ଶିଖରରେ ଅନିତା ସ୍ୱାଇଁ।

**ଭୁବନେଶ୍ୱର, ୮।୯ (ତପନ ସ୍ୱାଇଁ)**

ଓଡ଼ିଶାର ଉଦୀୟମାନ ପର୍ବତାରୋହୀ ଅନିତା ସ୍ୱାଇଁ ଗୋଟିଏ ସପ୍ତାହ ମଧ୍ୟରେ ଦୁଇଟି ଶୃଙ୍ଗ ଆରୋହଣ କରିଛନ୍ତି। ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା)ର ସଦସ୍ୟା ଅନିତା ୪ ଦିନ ବ୍ୟବଧାନରେ ୨ ଥର ୨୦,୦୦୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚତା ବିଶିଷ୍ଟ ଶୃଙ୍ଗ ଆରୋହଣ କରି ନିଜ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ସେ ପ୍ରଥମେ ଗତ ୨ ତାରିଖରେ ୨୦,୭୦୦ ଫୁଟ୍ ବିଶିଷ୍ଟ କାଙ୍ଗ ୟାଟ୍‌ଜେ ୨ ଏବଂ ପରେ ୬ ତାରିଖରେ ୨୦,୫୦୦ ଫୁଟ ବିଶିଷ୍ଟ ଡୋଜୋ ଜୋଙ୍ଗୋ ଆରୋହଣ କରିଛନ୍ତି। ଅଳ୍ପଦିନ ବ୍ୟବଧାନରେ ୨ଟି ଶୃଙ୍ଗ ଆରୋହଣ କଷ୍ଟସାଧ ହୋଇଥିଲେ ହେଁ ଅନିତା ତାହା କରି ପାରିଛନ୍ତି। ଟାଟା ଷ୍ଟିଲ୍ ଏହି ଅଭିଯାନର ପ୍ରାୟୋଜକ ଥିଲା। ଅନିତାଙ୍କ ଏହି ସଫଳତା ପାଇଁ ଆସାର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା, ଶକ୍ତିରଞ୍ଜନ ମହାନ୍ତି, ଶିବ ଶଙ୍କର ପଣ୍ଡା, ବିକ୍ରମ କିଶୋର ଦାସ, ଚିନ୍ମୟ ମହାରଣା, ପରାମର୍ଶଦାତା ଅଶୋକ ମହାନ୍ତି, ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ପେସର୍‌ଙ୍କ ଦମ୍‌ରେ ଜିତିଲା ଭାରତ‘ବି’

**ଦୁଲିପ୍ ଟ୍ରଫି**

**ବେଙ୍ଗାଲୁରୁ,୮।୯(ପି.ଟି.)**

ପ୍ରଥମ ଇନିଂସରେ ମୁଶିର୍ ଖାନଙ୍କ ଶତକ ଓ ଶେଷରେ ପେସ୍ ବୋଲରଙ୍କ ଦମ୍‌ଦାର ବୋଲିଂ ବଳରେ ଭାରତ‘ଏ’କୁ ୭୬ ରନ୍‌ରେ ପରାସ୍ତ କରିଛି ଭାରତ ‘ବି’। ଚତୁର୍ଥ ଇନିଂସରେ ୨୭୫ ରନ୍‌ର ପିଛା କରୁଥିବା ଭାରତ ‘ଏ’ ୧୯୮ ରନ୍‌ରେ ଅଲଆଉଟ ହୋଇଥିଲା। ବି ଦଳ ପକ୍ଷରୁ ଏହାର ୩ ପେସ୍ ବୋଲର ମିଳିତ ଭାବରେ ୭ ଉଇକେଟ ନେଇଥିଲେ। ଏ ଦଳ ପକ୍ଷରୁ ଲୋକେଶ ରାହୁଲ ସର୍ବାଧିକ ୫୭ ରନ୍ କରିଥିବା ବେଳେ ରିୟାନ୍ ପରାଗ ୩୧ ଓ ଶୁବମାନ ଗିଲ୍ ୨୧ ରନ୍ କରିଥିଲେ। ଶେଷ ଆଡକୁ ପେସ୍ ବୋଲର ଆକାଶ ଦୀପ୍ ଦ୍ରୁତ ୪୩ ରନ୍ ସ୍କୋର କରିଥିଲେ। ଭାରତ ‘ବି’ ପକ୍ଷରୁ ପେସ୍ ବୋଲର ୟଶ୍ ଦୟାଲ ୩ ଉଇକେଟ ନେଇଥିବା ବେଳେ ମୁକେଶ କୁମାର ଓ ନବଦୀପ ସାଇନି ୨ଟି ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମ ଇନିଂସରେ ମୁଶିର୍ ଖାନଙ୍କ ଲଢୁଆ ୧୮୧ ରନ୍ ବଳରେ ଭାରତ ‘ବି’ ୩୨୧ ରନ୍ କରିଥିଲା। ଭାରତ ‘ଏ’ ମାତ୍ର୨୩୧ ରନ୍‌ରେ ଅଲଆଉଟ ହୋଇଥିଲା। ଭାରତ ବି ଦ୍ୱିତୀୟ ଇନିଂସରେ ୧୮୪ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ୨୭୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ମୁଶିର୍ ଖାନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ‘ବି’ ପ୍ରଥମ ଇନିଂସ ୩୨୧/୧୦।
ଭାରତ ‘ଏ’ ପ୍ରଥମ ଇନିଂସ ୨୩୧/୧୦।
ଭାରତ ‘ବି’ ଦ୍ୱିତୀୟ ଇନିଂସ ୧୮୪/୧୦।
ଭାରତ ‘ଏ’ ଦ୍ୱିତୀୟ ଇନିଂସ ୧୯୮/୧୦ (ଲୋକେଶ ରାହୁଲ-୫୭, ଆକାଶ ଦୀପ୍-୪୩, ରିୟାନ ପରାଗ-୩୧, ୟଶ ଦୟାଲ-୩/୫୦, ମୁକେଶ କୁମାର-୨/୫୦, ନବଦୀପ ସାଇନି-୨/୪୧)।

# ଲୁଣ-ହୀରା-ବ୍ରାଗ୍ ନିୟମ



ଡ. କମଳାକାନ୍ତ ଜେନା

"ଦର୍ପଣ ଉପରେ ଆଲୋକ ରଶ୍ମି ପଡ଼ିଲେ ରଶ୍ମିର ପ୍ରତିଫଳନ ହୁଏ । ସ୍ଫଟିକର ସମତଳ ଉପରେ ରଞ୍ଜନ ରଶ୍ମି ପଡ଼ିଲେ ମଧ ପ୍ରତିଫଳିତ ହୁଏ । ସେହି ପ୍ରତିଫଳିତ ରଶ୍ମିଗୁଡ଼ିକ ସହାୟତାରେ ଦୁଇଟା ସମତଳ ଭିତରେ ରହିଥିବା ବ୍ୟବଧାନକୁ ମାପ କରିହେବ । ସେହି ମାପ ପାଇଁ ଯେଉଁ ସୂତ୍ର ଦରକାର, ସେହି ସୂତ୍ରକୁ ଉଇଲିୟମ୍ ହେନ୍‌ରି ବ୍ରାଗ୍ ଓ ଉଇଲିୟମ୍ ଲରେନ୍‌ସ ବ୍ରାଗ୍ ନାମକ ଦୁଇ ଜଣ ପଦାର୍ଥ ବିଜ୍ଞାନୀ ବାହାର କରିଥିଲେ । ଅସଲରେ ସେ ଦୁହେଁ ବାପ-ପୁଅ । ବାପା ହେନ୍‌ରି ବ୍ରାଗ୍ ଓ ପୁତ୍ର ଲରେନ୍‌ସ ବ୍ରାଗ୍ ମିଶି ଯେଉଁ ସୂତ୍ର ବାହାର କଲେ, ତାହାକୁ ଆମେ ଆଜି 'ବ୍ରାଗ୍ ନିୟମ' ନାମରେ ଜାଣିଛୁ ।"






କ୍ଷୁଦ୍ରାତି କ୍ଷୁଦ୍ର ଅଣୁ-ପରମାଣୁକୁ ନେଇ ପଦାର୍ଥ ଗଠିତ ହୋଇଥାଏ। ସବୁ ପଦାର୍ଥରେ ନ ହେଲେ ବି କେତେକ ପଦାର୍ଥ ଭିତରେ ସେହି ଅଣୁ-ପରମାଣୁଗୁଡ଼ିକ ସୁନ୍ଦର ଭାବରେ ସଜ୍ଜିତ ହୋଇ ରହିଥାନ୍ତି। ପଦାର୍ଥ ଭିତରେ ଯେ କୌଣସି ଦିଗରେ ଗଲେ ଗୋଟିଏ ନିର୍ଦ୍ଦିଷ୍ଟ ଢାଞ୍ଚା (ପାଟର୍ଣ୍ଣ)ର ଯୋଡ଼ି ଯୋଡ଼ି ରହିଥିବାର ଦେଖିବା। ଅବଶ୍ୟ ସବୁ ଦିଗରେ ଏକପ୍ରକାର ଢାଞ୍ଚା ନଥାଏ। ଭିନ୍ନ ଭିନ୍ନ ଦିଗରେ ଢାଞ୍ଚାଗୁଡିକ ଅଲଗା ଅଲଗା ଦେଖାଯାଏ। ସେହି ଢାଞ୍ଚାକୁ ପଦାର୍ଥ ବିଜ୍ଞାନ ଭାଷାରେ ବେସିସ୍ (ଆଧାର) ବୋଲି କୁହାଯାଏ। କେତେକ ଅଣୁ ଓ ପରମାଣୁକୁ ନେଇ ଗୋଟିଏ ନିର୍ଦ୍ଦିଷ୍ଟ ବେସିସ୍ ତିଆରି ହୋଇଥାଏ। ଆମେ ଖାଉଥିବା ଲୁଣ ଓ ହୀରା ଭିତରେ ଏପରି ଢାଞ୍ଚାରହିଛି। ସେହି ପଦାର୍ଥଗୁଡିକୁ ସ୍ଫଟିକ (କ୍ରିଷ୍ଟାଲ) ବୋଲି କୁହାଯାଏ। ହୀରା ହେଉଛି ପ୍ରାକୃତିକ ସ୍ଫଟିକ। ତୁଷାରକଣା ମଧ ସ୍ଫଟିକ ବର୍ଗର। ସ୍ଫଟିକ ଭିତରେ କଣିକାଗୁଡିକ ଗୋଟିଏ ଗୋଟିଏ ସମତଳରେ ରହିଥାନ୍ତି। ସ୍ଫଟିକର କଣିକାଗୁଡିକ ଯେଉଁ ସମତଳ ଗଠନ କରନ୍ତି ସେହି ସମତଳଗୁଡିକ ପରସ୍ପର ସମାନ୍ତର ହୋଇ ରହନ୍ତି, ଅର୍ଥାତ୍ ଦୁଇଟା ସମତଳ ଭିତରେ ଦୂରତା ସବୁଠି ସମାନ ରହିଥାଏ। ସ୍ଫଟିକର ଦୁଇଟା ସମତଳ ଭିତରେ ଦୂରତା ଏତେ କମ୍ ଯେ, ଆମ ଆଖି ବାଳ ମୋଟେଇରେ ସେମିତି ହଜାର ହଜାର ସମତଳ ରହିପାରିବେ।

ଦର୍ପଣ ଉପରେ ଆଲୋକ ରଶ୍ମି ପଡ଼ିଲେ ରଶ୍ମିର ପ୍ରତିଫଳନ ହୁଏ। ସ୍ଫଟିକର ସମତଳ ଉପରେ ରଞ୍ଜନ ରଶ୍ମି ପଡ଼ିଲେ ମଧ ପ୍ରତିଫଳିତ ହୁଏ। ସେହି ପ୍ରତିଫଳିତ ରଶ୍ମିଗୁଡିକ ସହାୟତାରେ ଦୁଇଟା ସମତଳ ଭିତରେ ରହିଥିବା ବ୍ୟବଧାନକୁ ମାପ କରିହେବ। ସେହି ମାପ ପାଇଁ ଯେଉଁ ସୂତ୍ର ଦରକାର, ସେହି ସୂତ୍ରକୁ ଉଇଲିୟମ୍ ହେନ୍‌ରି ବ୍ରାଗ୍ ଓ ଉଇଲିୟମ୍ ଲରେନ୍‌ସ୍ ବ୍ରାଗ୍ ନାମକ ଦୁଇ ଜଣ ପଦାର୍ଥ ବିଜ୍ଞାନୀ ବାହାର କରିଥିଲେ। ଅସଲରେ ସେ ଦୁହେଁ ବାପ-ପୁଅ। ବାପା ହେନ୍‌ରି ବ୍ରାଗ୍ ଓ ପୁତ୍ର ଲରେନ୍‌ସ ବ୍ରାଗ୍ ମିଶି ଯେଉଁ ସୂତ୍ର ବାହାର କଲେ, ତାହାକୁ ଆମେ ଆଜି 'ବ୍ରାଗ୍ ନିୟମ' ନାମରେ ଜାଣିଛୁ। ସମତଳ ବ୍ୟବଧାନ ଜଣାଥିଲେ ଏହି ନିୟମ ରଞ୍ଜନରଶ୍ମିର ତରଙ୍ଗ ଦୈର୍ଘ୍ୟ ନିରୂପଣ କରିବାରେ ସହାୟତା କରିପାରିଲା। ଯଦି ସ୍ଫଟିକର ଦୁଇଟି ସମତଳ ମଧ୍ୟରେ ବ୍ୟବଧାନକୁ ଡି ଓ ରଞ୍ଜନରଶ୍ମିର ତରଙ୍ଗ ଦୈର୍ଘ୍ୟକୁ ଲାମ୍ବଡା ନିଆଯିବ ଏବଂ ସମତଳ ସହିତ ଆପତିତ ରଞ୍ଜନ ରଶ୍ମି ଥିଟା କୋଣ କରିବ, ତେବେ ବ୍ରାଗ୍ ନିୟମ ହେବ 'n/ lambada =2d/sin/theta'।

ନୋବେଲ୍ ପୁରସ୍କାର କଥା ଆମେ ସମସ୍ତେ ଜାଣିଛୁ। ୧୯୦୧ ମସିହାରୁ ଏହି ପୁରସ୍କାର ଦିଆଯାଇ ଆସୁଛି। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଚିକିତ୍ସାଶାସ୍ତ୍ର, ସାହିତ୍ୟ, ବିଶ୍ୱଶାନ୍ତି ପ୍ରତିଷ୍ଠା ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ସାଧାରଣରେ ଯାହା ଲକ୍ଷ୍ୟକରୁ, ନୋବେଲ୍ ବିଜେତାଙ୍କର ବୟସ ୪୦-୫୦ ବର୍ଷରୁ କମ୍ ହୋଇ ନଥାଏ। କିନ୍ତୁ ଉଇଲିୟମ୍ ଲରେନ୍‌ସ ବ୍ରାଗ୍ ମାତ୍ର ୨୫ ବର୍ଷ ବୟସରେ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେ ୧୮୯୦ ମସିହା ମାର୍ଚ୍ଚ ୩୧ ତାରିଖରେ ଅଷ୍ଟ୍ରେଲିଆରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୦୮ ମସିହାରେ ଗ୍ରାଜୁଏଶନ୍ କରିବା ପରେ ଇଂଲଣ୍ଡର କେମ୍ବ୍ରିଜ୍ ଟ୍ରିନିଟି କଲେଜରେ ଗଣିତରେ ନାମ ଲେଖେଇଥିଲେ। କାରଣ ଗଣିତ ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି ରହିଥିଲା। କିନ୍ତୁ ତାଙ୍କର ପିତା ଉଇଲିୟମ୍ ହେନ୍‌ରି ବ୍ରାଗ୍ ଥିଲେ ସେତେବେଳର ଜଣେ ବିଖ୍ୟାତ ପଦାର୍ଥ ବିଜ୍ଞାନୀ। ବାପାଙ୍କ କଥାରେ ସେ ଗଣିତ ବଦଳରେ ପଦାର୍ଥ ବିଜ୍ଞାନରେ ଏମ୍. ଏସ୍‌ସି. (ସ୍ନାତକୋତର) କଲେ। ଲରେନ୍‌ସ ୧୯୧୨ ମସିହାରେ ବ୍ରିଟିଶ୍ ପଦାର୍ଥ ବିଜ୍ଞାନୀ ଯୋଶେଫ୍ ଜନ୍ ଟମସନ୍‌ଙ୍କ ନିର୍ଦ୍ଦେଶନାରେ ଗବେଷଣା ଆରମ୍ଭ କଲେ। ସେତେବେଳକୁ କ୍ରିଷ୍ଟାଲ୍ ପୃଷ୍ଠରେ ରଞ୍ଜନରଶ୍ମି ପକେଇ ଜର୍ମାନୀ ପଦାର୍ଥ ବିଜ୍ଞାନୀ ମାକ୍ସ୍ ଥିଓଡୋର୍ ଫେଲିକ୍ସ୍ ବନ୍ ଲାଉ ଅନେକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କରିସାରି ଥାଆନ୍ତି। ତାହାରି ଉପରେ ଲରେନ୍‌ସ୍ ବ୍ରାଗ୍ ଓ ତାଙ୍କର ବାପା ହେନ୍‌ରି ବ୍ରାଗ୍ ଅଧିକ ଗବେଷଣା ଆରମ୍ଭ କଲେ। ପିତାପୁତ୍ରଙ୍କର ଲକ୍ଷ୍ୟ ଥିଲା ଲାଉଙ୍କ ଦ୍ୱାରା ଆବିଷ୍କୃତ ତଥ୍ୟକୁ ଗାଣିତିକ ରୂପ ଦେବା ଓ ସରଳ ଭାବରେ ଉପସ୍ଥାପନା କରିବା। ସେମାନେ ସଫଳତାର ସହିତ ତା' ଉପରେ ଏକ ସହଜ ସୂତ୍ର ବାହାର କଲେ, ଯାହାର ନାମ 'ବ୍ରାଗ୍ ନିୟମ'। ରଞ୍ଜନରଶ୍ମିକୁ ନେଇ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଏଭଳି ଉଲ୍ଲେଖନୀୟ ଆବିଷ୍କାର ନିମନ୍ତେ ବ୍ରାଗ୍ ପିତାପୁତ୍ରଙ୍କୁ ୧୯୧୫ ମସିହାର ଗୌରବମୟ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ନୋବେଲ୍ ପୁରସ୍କାର ଘୋଷଣା ଶୁଣିବା ପରେ ଲରେନ୍‌ସ୍ ପ୍ରଥମେ ତାଙ୍କର ପିତାଙ୍କୁ କୃତଜ୍ଞତା ଜଣାଇଥିଲେ। କାରଣ ତାଙ୍କ ପିତା ଯଦି ଠିକ୍ ସମୟରେ ତାଙ୍କୁ ଠିକ୍ ପରାମର୍ଶ ଦେଇ ନଥାନ୍ତେ, ତେବେ ପଦାର୍ଥ ବିଜ୍ଞାନ ନ ପଢ଼ି ସେ ଗଣିତ ପଢ଼ିଥାଆନ୍ତେ। ଶୁଦ୍ଧ ଗଣିତଶାସ୍ତ୍ର ପାଇଁ ନୋବେଲ୍ ପୁରସ୍କାର ଦିଆଯାଏ ନାହିଁ। ତେଣୁ ବାପାଙ୍କ କଥା ମାନି ନଥିଲେ ଲରେନ୍‌ସ୍ ବ୍ରାଗ୍ ହୁଏତ ଏତେ କମ୍ ବୟସରେ ବା ଆଦୌ ନୋବେଲ୍ ପୁରସ୍କାର ପାଇ ପାରି ନଥାନ୍ତେ।



ଲରେନ୍‌ସ ବ୍ରାଗ — ହେନ୍‌ରି ବ୍ରାଗ

-ପ୍ରାଧ୍ୟାପକ, ସ୍ନାତକୋତର ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ଅଟୋନମସ କଲେଜ, ଭଦ୍ରକ
ମୋ : ୯୪୩୯୫୦୧୬୫୧

# ସ୍ମରଣ ଶକ୍ତି ବୃଦ୍ଧିର ନୂଆ ଉପାୟ



ଆମର ସ୍ମରଣ ଶକ୍ତି ସବୁବେଳେ ପ୍ରଖର ରହିବା ଦରକାର। ଏହା ପ୍ରଭାବିତ ହେଲେ ଆମେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାଉ। କିନ୍ତୁ ଏହାକୁ ବୃଦ୍ଧି କରିବାର ଏକ ସରଳ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ଗୀତ ଶୁଣନ୍ତି ତେବେ ତାହାର ସୁପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ମତ ପ୍ରକାଶ କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ସ୍ନାୟୁକୋଷଗୁଡ଼ିକୁ ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଆନ୍ତି। ଏହାଦ୍ୱାରା ମଧ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାର ସୁପ୍ରଭାବ ସ୍ମରଣ ଶକ୍ତି ଉପରେ ମଧ ପଡିଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ସ୍ମରଣ ଶକ୍ତିଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ସେମାନେ ନିଜ ନିଜ ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ଏହା ସହ ମାନସିକତାକୁ ସକାରାତ୍ମକ ରଖିବାରେ ଏହା ମଧ ସାହାଯ୍ୟ କରିଥାଏ।

# ସନ୍ତୁଳିତ କ୍ୟାଲୋରି ପାଇଁ...

ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ। ଏହା ଅସନ୍ତୁଳିତ ରହିଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକିଥାଏ। କେବଳ ସେତିକି ନୁହେଁ, ଏହାସହ ଆମ ଶରୀର ପାଇଁ ଅନେକ କ୍ଷତିର କାରଣ ମଧ ସାଜିଥାଏ। ତେଣୁ କ୍ୟାଲୋରିକୁ ସନ୍ତୁଳିତ ରଖିବା ହେଉଛି ସବୁଠାରୁ ବଡ଼ କଥା। ତେବେ କ୍ୟାଲୋରି ସ୍ତରକୁ ସନ୍ତୁଳିତ ରଖିବା ପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ। ସନ୍ତୁଳିତ ଖାଦ୍ୟ ଖାଇଲେ ଏହା ଅନେକାଂଶରେ ସନ୍ତୁଳିତ ରହିଥାଏ। ସନ୍ତୁଳିତ ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ତାହା ତ ଆମେ ଜାଣୁ। ଏହାର ଉପାଦେୟତା ତାଲିକାରେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ସନ୍ତୁଳିତ ଖାଦ୍ୟକୁ ନିକଟରେ ସାମିଲ କରିଛନ୍ତି। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହାଦ୍ୱାରା ସେମାନଙ୍କର କ୍ୟାଲୋରୀ ସନ୍ତୁଳିତ ରହୁଥିବାର ସେମାନେ ଜାଣିବାକୁ ପାଇଥିଲେ। ତେଣୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଏଭଳି ଖାଦ୍ୟ ସାମିଲ କରିବାକୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



# ସକାରାତ୍ମକ ରହିବ ମାନସିକତା



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖେ ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଏହାର ଏକ ସରଳ ଉପାୟ ସମ୍ପର୍କରେ ସୂଚନା ଦେଇଛନ୍ତି ସିଡନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। 'ସକାରାତ୍ମକ ମାନସିକତା ଓ କଥାବାର୍ତ୍ତା ଶୈଳୀ' ଶୀର୍ଷକ ବିଷୟକୁ ନେଇ ହୋଇଥିବା ସର୍ଭେରୁ ସେମାନେ ଏକଥା ଜାଣିପାରିଥିଲେ। ଯେଉଁମାନଙ୍କର କଥାବାର୍ତ୍ତା ଶୈଳୀ, ନମ୍ର ରହୁଥିଲା, ସେମାନଙ୍କର ମାନସିକତା ଅନ୍ୟମାନଙ୍କ ଅପେକ୍ଷା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଏହାସହ ଏଥିପାଇଁ ଏକ ରୁଟିନ୍ ଜୀବନଶୈଳୀ ଅନୁସରଣ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ନିଜକୁ ଚିନ୍ତା ଏବଂ ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଏହାଦ୍ୱାରା ମଧ ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ବର୍ତ୍ତମାନ ଆମେ ନିଜ ନିଜ କାମରେ ବ୍ୟସ୍ତ ରହୁଛେ। କିନ୍ତୁ ତା' ଭିତରେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ନିହାତି ଦରକାର। ତେଣୁ ବ୍ୟସ୍ତମୟ ଜୀବନରୁ ସମୟ ବାହାର କରି ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟର ରୁଟିନ୍ ଚେକ୍‌ଅପ୍ କରାଇ ନେବାକୁ ଭୁଲନ୍ତୁ ନାହିଁ।
- ଦୈନନ୍ଦିନ ବ୍ରେକ୍‌ଫାଷ୍ଟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ଏହାର ଶରୀରକୁ ଶକ୍ତି ଯୋଗାଇବା ସହ ମନକୁ ପ୍ରଫୁଲ୍ଲ ରଖିଥାଏ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଆମେ ପ୍ରତିଦିନ ଯେଉଁ ଖାଦ୍ୟ ଖାଉଛେ, ଯାହା ଭଲ ଭାବରେ ହଜମ ହେବା ଦରକାର। ଏଥିପାଇଁ ଆମକୁ ପ୍ରତିଦିନ ଅତିକମ୍‌ରେ ଦୁଇ ଲିଟର ପାଣି ପିଇବା ଆବଶ୍ୟକ। ପାଣି ପିଇବାରେ ଏପଟ ସେପଟ ହେଲେ ତାହା ହଜମ କ୍ରିୟାକୁ ପ୍ରଭାବିତ କରିବା ସହ ଆଉ କେତେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।
- ଜଣେ ସୁସ୍ଥ ଲୋକ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ଦରକାର। କେବଳ ସେତିକି ନୁହେଁ, ଆପଣ ଯଦି କୌଣସି ରୋଗରେ ପୀଡିତ ତେବେ ଏଭିଳ ଅଭ୍ୟାସ ବର୍ଜନ କରନ୍ତୁ।
- ମାନସିକ ସୁସ୍ଥତା ପାଇଁ ପ୍ରାଣାୟାମର ମଧ ଭୂମିକା ରହିଛି। ତେଣୁ ପ୍ରତିଦିନ କିଛି ସମୟ ପ୍ରାଣାୟାମ କରନ୍ତୁ।
- କୌଣସି ରୋଗର ଲକ୍ଷଣ ଜାଣିବା ପରେ ତାହାକୁ ଅବହେଳା କରିବା ଆଦୌ ଠିକ୍ ନୁହେଁ। କାରଣ ରୋଗର ପ୍ରାରମ୍ଭିକ ଅବସ୍ଥାରୁ ଚିକିତ୍ସା କଲେ ସେଥିରୁ ଆରୋଗ୍ୟ ମିଳିଥାଏ। ତା'ସହ ଭବିଷ୍ୟତରେ ଏହାର ଗୁରୁତର ଆକାର ଧାରଣ କରେନାହିଁ।



# ଯୋଗ ଓ ମାନସିକ ସ୍ୱାସ୍ଥ୍ୟ



ଡା. ସତ୍ୟକାମ ମହାପାତ୍ର

"ଗତ କିଛି ବର୍ଷ ମଧରେ ବିଭିନ୍ନ ଗବେଷଣାରୁ ଜଣାପଡିଛି ଯେ, ଯୋଗ ଅଭ୍ୟାସ ଦ୍ୱାରା ଅନେକ ପ୍ରକାରର ମାନସିକ ସମସ୍ୟାର ଚିକିତ୍ସାରେ ଅନେକ ସୁଫଳ ମିଳୁଛି। ନିୟମିତ ଯୋଗ ଦ୍ୱାରା ମାନସିକ ଚାପ ଅନେକ ପରିମାଣରେ ହ୍ରାସ ପାଉଛି। ଯୋଗ କରିବା ଦ୍ୱାରା ଆମ ଶରୀରରେ ଷ୍ଟ୍ରେସ ହରମୋନର ମାତ୍ରା କମୁଛି ଓ ଆମ ମସ୍ତିଷ୍କ ପାଇଁ କେତେକ ଉପାଦେୟ ରାସାୟନିକ ପଦାର୍ଥ (ଏଣ୍ଡରଫିନ)ର ମାତ୍ରା ବୃଦ୍ଧି ପାଉଛି, ଯାହା ଦ୍ୱାରା ଆମର ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଛି। ଆମ ମନର କେତେକ ସମସ୍ୟା ଯଥା ଅବସାଦ (ଡିପ୍ରେସନ), ମାନସିକ ଉଦ୍‌ବେଗ (ଆଙ୍ଗଜାଇଟି) ରୋଗର ଲକ୍ଷଣ କମୁଛି।"

ଯୋଗ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଶାରୀରିକ ବ୍ୟାୟାମ ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାକୁ ଭଲ କରିବାରେ ସାହାଯ୍ୟ କରିଥାଏ। ଠିକ୍ ସେହିପରି ବିଭିନ୍ନ ଯୋଗ ଅଭ୍ୟାସ ଶାରୀରିକ ରୋଗ ସହିତ ଅନେକ ମାନସିକ ସମସ୍ୟାକୁ ମଧ ଠିକ୍ କରିବାରେ ସାହାଯ୍ୟ କରିଥାଏ। ଅନେକ ଦଶନ୍ଧି ଧରି ଲୋକମାନେ ବିଭିନ୍ନ ଯୋଗ ଅଭ୍ୟାସ କରି ଆସୁଛନ୍ତି। ମାତ୍ର ଗତ କିଛି ବର୍ଷ ମଧରେ ଯୋଗ ଲୋକମାନଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଛି।

ଯୋଗ ବ୍ୟକ୍ତିର ଉଭୟ ଶାରୀରିକ ଓ ମାନସିକ ସ୍ଥିରତା ବଢ଼ାଇବାରେ ସାହାଯ୍ୟ କରାଇଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ଯୋଗର ଅନେକ ଗୁରୁତ୍ୱ ରହିଛି। ଏହାର ବିଭିନ୍ନ କାରଣ ମଧ ରହିଛି। ଗତ କିଛି ବର୍ଷ ମଧରେ ଆମମାନଙ୍କର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ଯଦିଓ ବର୍ତ୍ତମାନର ଆଧୁନିକ ସମାଜରେ ଜୀବନଶୈଳୀ ଦ୍ରୁତ ହୋଇଛି, କିନ୍ତୁ ଆମମାନଙ୍କର ଶାରୀରିକ ପରିଶ୍ରମ କମିଛି। ଲୋକମାନଙ୍କର ସାମାଜିକ ସ୍ତରରେ ମିଳାମିଶା କମିଛି। ଭାରତୀୟ ସମାଜରେ ଯୌଥ ପରିବାରର ଚଳଣି କମିଛି। ଛୋଟ ପରିବାର ଯୋଗୁ ଲୋକମାନେ ନିଜ ମନର ଭାବନା ଅନ୍ୟମାନଙ୍କ ସହିତ ଆଦାନ ପ୍ରଦାନ କରିପାରୁନାହାନ୍ତି। ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହେଲେ ମଧ ବର୍ତ୍ତମାନ ସେ ପୂର୍ବ ପରି ସାମାଜିକ ସ୍ତରରେ ସେଭଳି ମିଳାମିଶା କରି ପାରୁ ନାହିଁ। ସ୍ମାର୍ଟ ଫୋନ୍, କମ୍ପ୍ୟୁଟର ଓ ସୋସିଆଲ ମିଡିଆରେ ବ୍ୟକ୍ତି ବେଶି ବ୍ୟସ୍ତ ରହୁଛି, ଯାହାଫଳରେ ଆଜିକାଲି ମାନସିକ ଚାପ, ଅନିଦ୍ରା ଓ ବିଭିନ୍ନ ମାନସିକ ସମସ୍ୟା ବୃଦ୍ଧି ପାଉଛି।

ଗତ କିଛି ବର୍ଷ ମଧରେ ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ଯୋଗ ଅଭ୍ୟାସ ଦ୍ୱାରା ଅନେକ ପ୍ରକାରର ମାନସିକ ସମସ୍ୟାର ଚିକିତ୍ସାରେ ଅନେକ ସୁଫଳ ମିଳୁଛି। ନିୟମିତ ଯୋଗ ଦ୍ୱାରା ମାନସିକ ଚାପ ଅନେକ ପରିମାଣରେ ହ୍ରାସ ପାଉଛି। ଯୋଗ କରିବା ଦ୍ୱାରା ଆମ ଶରୀରରେ ଷ୍ଟ୍ରେସ ହରମୋନର ମାତ୍ରା କମୁଛି ଓ ଆମ ମସ୍ତିଷ୍କ ପାଇଁ କେତେକ ଉପାଦେୟ ରାସାୟନିକ ପଦାର୍ଥ (ଏଣ୍ଡରଫିନ)ର ମାତ୍ରା ବୃଦ୍ଧି ପାଉଛି। ଯାହାଦ୍ୱାରା ଆମର ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଛି। ଆମ ମନର କେତେକ ସମସ୍ୟା ଯଥା ଅବସାଦ (ଡିପ୍ରେସନ), ମାନସିକ ଉଦ୍‌ବେଗ (ଆଙ୍ଗଜାଇଟି) ରୋଗର ଲକ୍ଷଣ କମୁଛି। ନିୟମିତ ଯୋଗ କରିବା ଦ୍ୱାରା ମନ ସ୍ଥିର ଓ ଶାନ୍ତ ହେବା ସହ ମାନସିକ ଉତ୍ତେଜନା କମିଥାଏ। ଛୋଟ ପିଲାଙ୍କଠାରୁ ଆରମ୍ଭକରି ବୟସ୍କ ଲୋକମାନେ ନିୟମିତ ଯୋଗ କଲେ ସେମାନଙ୍କର ମନର ଏକାଗ୍ରତା ବଢ଼ିଥାଏ, ଯାହାଦ୍ୱାରା ସେମାନଙ୍କର ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ। ଏଥିସହିତ ଯୋଗାଭ୍ୟାସ ଯୋଗୁ ନିଜ ମନ ଉପରେ ନିୟନ୍ତ୍ରଣ କ୍ଷମତା ମଧ ବୃଦ୍ଧି ପାଇଥାଏ। କିଛି ଗବେଷଣାରୁ ଜଣାପଡିଛି, ଯେଉଁ ବ୍ୟକ୍ତିମାନେ ବିଭିନ୍ନ ନିଶାଦ୍ରବ୍ୟ ସେବନ କରୁଛନ୍ତି, ସେମାନେ ଚିକିତ୍ସା ସହିତ ଯଦି ଯୋଗାଭ୍ୟାସ କରନ୍ତି ତେବେ ସେମାନଙ୍କର ନିଶାଦ୍ରବ୍ୟ ସେବନର ମାତ୍ରା ଅନେକ ପରିମାଣରେ କମି ଯାଇଥାଏ। ବିଭିନ୍ନ ଦୀର୍ଘ ସ୍ଥାୟୀ ମାନସିକ ରୋଗ ମୁଖ୍ୟତଃ ସିଜୋଫ୍ରେନିଆ ରୋଗ ଦ୍ୱାରା ଆକ୍ରାନ୍ତ ରୋଗୀମାନେ ଠିକ୍ ଚିକିତ୍ସା ସହିତ ନିୟମିତ ଯୋଗାଭ୍ୟାସ କଲେ ସେମାନଙ୍କର ଜୀବନଶୈଳୀରେ ଅନେକ ଉନ୍ନତି ଆସୁଛି। ବିଭିନ୍ନ ନିଦ୍ରା ଜନିତ ସମସ୍ୟା ଯଥା ଅନିଦ୍ରା ରୋଗ ଶାରୀରିକ ବ୍ୟାୟାମ ସହିତ ଯୋଗ ଅଭ୍ୟାସ ଦ୍ୱାରା ଅନେକ ମାତ୍ରାରେ ଭଲ ହୋଇ ପାରୁଛି। ଅନେକ ବୟସ୍କ ଲୋକ ଯେଉଁମାନେ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଚିକିତ୍ସା ଗ୍ରହଣ କରୁଛନ୍ତି, ସେମାନେ ଯେତେବେଳେ ନିଜର ଶାରୀରିକ ଅକ୍ଷମତା କାରଣରୁ ବ୍ୟାୟାମ କରି ପାରୁ ନାହାନ୍ତି ସେତେବେଳେ ସେମାନେ ଘରେ ବସି ଯୋଗ କରିବା ଦ୍ୱାରା ଅନେକ ଉପକୃତ ହେଉଛନ୍ତି।

-ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ : ୮୮୯୫୨୯୩୯୯୭



# ମା' ସୁରେଶ୍ୱରୀଙ୍କୁ ଲାଗିହେଲା ନବାନ୍ନ



ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ।

**ସୋନପୁର,୮।୯(ମୃତ୍ୟୁଞ୍ଜୟ ଶତପଥୀ)**

ଗଣପର୍ବ ନୂଆଁଖାଇ ଧାର୍ଯ୍ୟ ଲଗ୍ନ ଅନୁସାରେ ରବିବାର ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କଠାରେ ନିର୍ଦ୍ଧାରିତ ସମୟରେ ନବାନ୍ନ ଲାଗି ହୋଇଥିଲା। ପରେ ବିଧି ଅନୁଯାୟୀ ପୁରାତନ ସୋନପୁର ଗଡଜାତ ଅଞ୍ଚଳ ତଥା ବର୍ତ୍ତମାନର ସୁବର୍ଣ୍ଣପୁର ଜିଲାବାସୀ ଓ ବୌଦ୍ଧ ଜିଲାର ପଞ୍ଚରା ଅଞ୍ଚଳବାସୀ ନୂଆ ଖାଇଛନ୍ତି। ପୂର୍ବାହ୍ନ ୯ଟା ୨୩ରୁ ୯ଟା ୩୭ମିନିଟ୍ ମଧ୍ୟରେ ବିଶୁଦ୍ଧ ତୁଳା ଲଗ୍ନ କୁମ୍ଭ ନବାଂଶ ସମୟରେ ସୁବର୍ଣ୍ଣପୁର ଗଡଜାତର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କଠାରେ ନବାନ୍ନ ଭୋଗ ଲାଗିଥିଲା। ଏହା ପରେ ପୁରାତନ ଗଡଜାତବାସୀ ପ୍ରତ୍ୟେକ ନିଜ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଅର୍ପଣ କରିଥିଲେ। ପରେ ପରିବାର ସଦସ୍ୟ, ବନ୍ଧୁ ପରିଜନ ଏକାଠି ହୋଇ ନୂଆ ଖାଇ ତିହାର ପାଳନ କରିଛନ୍ତି। ଅପରାହ୍ନରେ ସହର ଓ ଗ୍ରାମାଞ୍ଚଳରେ ଜୁହାର ଭେଟ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାତଃ ସମୟରେ ମନ୍ଦିରରେ ଦ୍ୱାର ନୀତି ହୋଇଥିଲା। ମା' ସୁରେଶ୍ୱରୀଙ୍କୁ ନୂଆ ବସ୍ତ୍ର ଓ ଅଳଙ୍କାରରେ ବିଭୂଷିତ କରାଯାଇଥିଲା। ସକାଳେ ପୂଜା ପାଇଁ ବିଭିନ୍ନ ଗ୍ରାମରୁ ନୂଆ ଧାନ ମନ୍ଦିରକୁ ଆସିଥିଲା।

# ନୂଆଁଖାଇ ପାଳିଲେ ବଲାଙ୍ଗୀର ରାଜପରିବାର

**ବଲାଙ୍ଗୀର,୮।୯**
**(ବୀରେନ୍ଦ୍ର କୁମାର ଝାଙ୍କର)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବଲାଙ୍ଗୀର ସହରରେ ଲୋକଙ୍କ ଭିତରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। ସହରରେ ନୂଆଁଖାଇର ସାଂସ୍କୃତିକ ପରିବେଶ ଉତ୍ସାହପୂର୍ଣ୍ଣ ରହିଥିଲା। ଚଳିତବର୍ଷ ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ୍‌ରେ ରାଜପରିବାର ସଦସ୍ୟ ନୂଆଁଖାଇ ଉତ୍ସାହର ସହ ପାଳନ କରିଥିଲେ। ପ୍ୟାଲେସ୍ ପରିସରରେ ଥିବା ମନ୍ଦିରରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ରାଜପରିବାର ସଦସ୍ୟମାନେ ଏକାଠି ବସି ନୂଆ ଖାଇଥିଲେ। ବରିଷ୍ଠ ସଦସ୍ୟ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗୀର ଲୋକ ସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ମେଘନା ସିଂଦେଓ, ମନ୍ମଥ ନାରାୟଣ ସିଂଦେଓ, କଳିକେଶଙ୍କ ସାନଝିଅ ଶୈଳଶ୍ରୀ ପ୍ୟାଲେସ୍‌ରେ ଏକାଠି ବସି ନୂଆଁ ଖାଇଥିଲେ। ନୂଆଁ ଖାଇ ସାରିବା ପରେ ଜୁହାର ଭେଟ ହୋଇଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ଗଣମାଧ୍ୟମ ଜରିଆରେ ବଲାଙ୍ଗୀରବାସୀଙ୍କ ସମେତ ଓଡ଼ିଶାବାସୀଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ। ନୂଆଁଖାଇ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଚାଷୀବର୍ଗଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାସହିତ ସର୍ବସାଧାରଣଙ୍କ ମଙ୍ଗଳ ବିଧାନ ପାଇଁ ପ୍ରାର୍ଥନା କରିଥିଲେ। ଲୋକ ସଭା ସଦସ୍ୟା ସଙ୍ଗୀତା ଦେବୀ ମଧ୍ୟ ନୂଆଁଖାଇ ପାଳନ ସମୟରେ ଲୋକଙ୍କ ଭିତରେ ଥିବା ଉତ୍ସାହ ଉଦ୍ଦୀପନା କଥା କହି ସମସ୍ତଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ। ବିଧାୟକ କଳିକେଶ ଓ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ନୂଆଁଖାଇ ଅବସରରେ ପାରସ୍ପରିକ ସ୍ନେହ ଶ୍ରଦ୍ଧା କଥା କହି ଲୋକଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ। ଚଳିତବର୍ଷ ରାଜପରିବାରର ୭ ଜଣ ସଦସ୍ୟ ମିଳିତ ଭାବେ ନୂଆଁ ଖାଇଥିଲେ।



ବଲାଙ୍ଗୀର ରାଜପରିବାର ସଦସ୍ୟମାନେ ନୂଆଁଖାଇ ଅବସରରେ ଶୈଳଶ୍ରୀ ପ୍ୟାଲେସ୍‌ରେ ଏକାଠି ହୋଇଛନ୍ତି।

# ୧୦୦୦ ସଦସ୍ୟ ଏକାଠି ନୂଆଁ ଖାଇଲେ



ଖଡ଼ିଆଳରେ ନୂଆଁଖାଇରେ ସମସ୍ତେ ଏକାଠି ହୋଇଛନ୍ତି।

**ଖଡ଼ିଆଳ, ୮।୯(ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମସ୍ଥିତ ଦଣ୍ଡସେନା ପରିବାରର ଏକ ହଜାରରୁ ଅଧିକ ସଦସ୍ୟ ରବିବାର ଗୋଟିଏ ସ୍ଥାନରେ ନୂଆଁଖାଇ ପର୍ବ ପାଳନ କରିଥିଲେ। ଦଣ୍ଡସେନା ପରିବାରର ଅଧିକାଂଶ କୃଷି କାର୍ଯ୍ୟ ଉପରେ ନିର୍ଭର କରନ୍ତି। ଦଣ୍ଡସେନା ପରିବାର ଗୋଟିଏ ବିଶାଳ ପରିବାର ହୋଇଥିବାବେଳେ ଏହାର ଏକ ହଜାରରୁ ଅଧିକ ସଦସ୍ୟ ଦୀର୍ଘ ବର୍ଷ ଧରି ଏକତ୍ର ନୂଆଁଖାଇ ପର୍ବ ପାଳନ କରି ଆସୁଛନ୍ତି। ସମସ୍ତ ସଦସ୍ୟ ଗୋଟିଏ ସ୍ଥାନରେ ନୂଆଁଖାଇ ପର୍ବ ପାଳନ କରି ଏକତା ଓ ଭାଇଚାରାର ନିଦର୍ଶନ ଦେଖାଇଛନ୍ତି। ଏହି ପରିବାରର ବିଶେଷତ୍ୱ ହେଲା ସମସ୍ତେ ଭାଇଚାରା ସୃଷ୍ଟି କରି ଏକତା ସୂତ୍ରରେ ବାନ୍ଧିବା। ପ୍ରଥମେ ପରିବାରର ଇଷ୍ଟ ଦେବୀ ମା'ମଙ୍ଗଳାଙ୍କୁ ନୂଆ ଅର୍ପଣ କରିବା ପରେ ଅନ୍ୟ ସମସ୍ତ ଦେବା ଦେବୀଙ୍କୁ ନୂଆଁ ଅର୍ପଣ କରି ନୂଆଁଖାଇଥିଲେ। ନୂଆଁଖାଇ ସାରିବା ପରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଜ୍ୟେଷ୍ଠମାନଙ୍କୁ ନୂଆଁଖାଇ ଜୁହାର କରି ଆଶୀର୍ବାଦ ନେଇଥିଲେ। ଏହି ପରିବାରର ଅନେକ ସଦସ୍ୟ ରାଜ୍ୟ ବାହାରୁ ଆସି ନୂଆଁଖାଇରେ ସାମିଲ ହୋଇଥିଲେ। ନୂଆଁଖାଇ ପ୍ରସ୍ତୁତିରେ ଯୁବ ଗୋଷ୍ଠୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବରିଷ୍ଠମାନେ କଣ କରାଯିବ ସେନେଇ ଦିଗଦର୍ଶନ ଦେଇଥିଲେ। ଚଳିତବର୍ଷ ନୂଆଁଖାଇରେ ଛାତ୍ରୀଛାତ୍ର ଓ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ନୂଆଁଖାଇ ପାଳନରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ଅଶୋକ ଦଣ୍ଡସେନା, ବୀରେନ୍ଦ୍ର ଦଣ୍ଡସେନା, ସାରଙ୍ଗ ପାଣି, ରାଜୁ, ଯୁଗଳ, ଆଶୁତୋଷଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ। ଖଡ଼ିଆଳ ପ୍ରଧାନ ପରିବାରର ସଦସ୍ୟମାନେ ମଧ୍ୟ ନୂଆଁଖାଇ ପାଳନ କରିଥିଲେ। ପ୍ରଧାନ ପରିବାରର ମୁଖ୍ୟ ଅଜିତ ପ୍ରଧାନ, ପବିତ୍ର ପ୍ରଧାନ, ସୁନୀଲ ପ୍ରଧାନ, ସୁଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।































See Career Appointment on every Wednesday & Saturday



# ଧରିତ୍ରୀ
DHARITRI

ଧରିତ୍ରୀ 50 Years




# ଆରିନା ସାବାଲେଙ୍କାଙ୍କୁ ଟାଇଟଲ

ନ୍ୟୁୟର୍କ, ୮।୯(ପି.ଟି.)

ଚଳିତବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ମହିଳା ସିଙ୍ଗଲ୍ସ ବର୍ଗ ଫାଇନାଲରେ ଜେସିକା ପେଗୁଲାଙ୍କୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା। ଆର୍ଥର ଆଶେ ଷ୍ଟାଡିୟମରେ ଖେଳା ଯାଇଥିବା ଫାଇନାଲକୁ ସିଧାସଳଖ ୭-୫, ୭-୫ ସେଟରେ ଜିତି ନେଇଥିଲେ ସାବାଲେଙ୍କା। କ୍ୟାରିୟରର ତୃତୀୟ ଗ୍ରାଣ୍ଡସ୍ଲାମ ଜିତିଥିବା ସାବାଲେଙ୍କା ଏହା ପୂର୍ବରୁ ୨ ଥର ଅଷ୍ଟ୍ରେଲିଆନ୍

## ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ

ଓପନରେ ବିଜୟୀ ହୋଇଥିଲେ। ଉଭୟ ସେଟକୁ ସାବାଲେଙ୍କା ଲାଷ୍ଟ ପଏଣ୍ଟରେ ବିଜୟୀ ହୋଇଥିଲେ। ଏହି ଗ୍ରାଣ୍ଡସ୍ଲାମ ତାଙ୍କୁ ଅନେକ କିଛି ଶିକ୍ଷା ଦେଇଛି ବୋଲି ସେ କହିଥିଲେ। ବିଗତ କିଛି ଦିନର ପାରିପାର୍ଶ୍ୱିକ ସ୍ଥିତିର ଚାପ ରହିଥିଲେ ମଧ୍ୟ ଏହାକୁ ଠିକ୍ ଭାବରେ ମୁକାବିଲା କରିବା ପାଇଁ ମାନସିକ ଭାବରେ ସେ ପ୍ରସ୍ତୁତ ଥିବା କହିଥିଲେ ସାବାଲେଙ୍କା। ୨୦୧୯ରେ ସାବାଲେଙ୍କା ନିଜ ପିତାଙ୍କୁ ହରାଇଥିବା ବେଳେ ମାର୍ଚ୍ଚ ୨୦୨୪ରେ ପୂର୍ବତନ ପ୍ରେମିକଙ୍କ ମୃତ୍ୟୁ ଘଟିଥିଲା। ୱିମ୍ବେଲଡନ୍‌ର ଠିକ୍ ପୂର୍ବରୁ କାନ୍ଧରେ ଆଘାତ କାରଣରୁ ତାଙ୍କୁ ଓହରିବାକୁ ମଧ୍ୟ ପଡିଥିଲା। ଏହି ସମୟରେ ପରିବାର ଲୋକଙ୍କ ସାହାଯ୍ୟ ତାଙ୍କୁ ଆଗକୁ ବଢିବାରେ ବେଶ୍ ସହାୟକ ହୋଇଥିଲା ବୋଲି କହିଛନ୍ତି ସାବାଲେଙ୍କା। ୨୦୨୧ ଓ ୨୨ରେ ସେମି ଫାଇନାଲରୁ ବିଦାୟ ନେଉଥିବା ବେଳେ ୨୦୨୩ରେ ଟାଇଟଲ ମୁକାବିଲାରେ କୋକୋ ଗଫ୍‌ଙ୍କଠାରୁ ପରାଜିତ ହୋଇଥିଲେ। ସମାନ ଆର୍ଥର ଆଶେ ଷ୍ଟାଡିୟମରେ ଦର୍ଶକ ଗଫ୍‌ଙ୍କୁ ସମର୍ଥନ କରିଥିଲେ। ଚଳିତବର୍ଷ ଅନ୍ୟ ଜଣେ ଆମେରିକୀୟ ଜେସିକା ପେଗୁଲାଙ୍କ ବିପକ୍ଷରେ ଖେଳୁଥିଲେ ମଧ୍ୟ ଦର୍ଶକଙ୍କ ଅପାର ସମର୍ଥନ ମିଳିଥିବାରୁ ସାବାଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଅନ୍ୟପକ୍ଷରେ ଜେସିକା ପେଗୁଲାଙ୍କ ୧୫ ମ୍ୟାଚ୍ ବିଜୟ ଧାରାରେ ବ୍ରେକ୍ ଲାଗିଛି। ହାର୍ଡକୋର୍ଟରେ କ୍ରମାଗତ ୧୫ ମ୍ୟାଚ୍ ଜିତି ସାରିଥିବା ୩୦ ବର୍ଷୀୟା ପେଗୁଲା ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ନିରାଶ ହୋଇଛନ୍ତି। ପ୍ରଥମ ସେଟରେ ପେଗୁଲା ୫-୨ରେ ଆଗୁଆ ରହିଥିଲେ। ତେବେ କ୍ରମାଗତ ୫ ପଏଣ୍ଟ ଅର୍ଜନ କରିବା ସହ ବିଜୟୀ ହୋଇଥିଲେ ସାବାଲେଙ୍କା। ସେହିପରି ଦ୍ୱିତୀୟ ସେଟ୍ ଆରମ୍ଭରୁ ସାବାଲେଙ୍କା ୩-୦ରେ ଅଗ୍ରଣୀ ହାସଲ କରି ପେଗୁଲାଙ୍କୁ ଚାପରେ ରଖିଥିଲେ।



ଟ୍ରଫି ସହ ଆରିନା ସାବାଲେଙ୍କା।

# ବାଂଲାଦେଶ ଟେଷ୍ଟ ସିରିଜ୍‌ପାଇଁ ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ, ୮।୯ (ପି.ଟି.)

ବାଂଲାଦେଶ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ପ୍ରଥମ ଟେଷ୍ଟ ପାଇଁ ଘୋଷଣା କରାଯାଇଥିବା ଦଳକୁ ଉଇକେଟ କିପର ବ୍ୟାଟର ରିଷଭ ପନ୍ତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୁର୍ଘଟଣା କାରଣରୁ ଦୀର୍ଘ ୨ ବର୍ଷ ଧରି ଭାରତୀୟ ଦଳରୁ ଦୂରେଇ ରହିଥିଲେ ପନ୍ତ। ଟି୨୦ ବିଶ୍ୱକପରେ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଦୁଇ ବର୍ଷ ବ୍ୟବଧାନରେ ପ୍ରଥମ ଥର ତାଙ୍କୁ ଟେଷ୍ଟ ଜର୍ସିରେ ଦେଖିବାକୁ ମିଳିବ। ପ୍ରଥମ ଟେଷ୍ଟ ପରେ ଦ୍ୱିତୀୟ ଟେଷ୍ଟ ପାଇଁ ଦଳ ଘୋଷଣା କରାଯିବ। ରୋହିତ ଶର୍ମା ଏହି ଦଳର ଅଧିନାୟକ ରହିଥିବା ବେଳେ ଧ୍ରୁବ୍ ଜୁରେଲ ଓ ସର୍ଫରାଜ ଖାନ୍ ଦ୍ୱିତୀୟ ପସନ୍ଦର ଉଇକେଟ କିପର ରହିଛନ୍ତି। ଇଂଲଣ୍ଡ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଆକାଶ ଦୀପ ସ୍ଥାନ ବଜାୟ ରଖିଥିବା ବେଳେ ୟଶ ଦୟାଲଙ୍କୁ ପ୍ରଥମ ଥର ଟେଷ୍ଟ ଦଳକୁ ଡାକରା ମିଳିଛି।

**ଭାରତୀୟ ଦଳ**

ରୋହିତ ଶର୍ମା(ଅଧିନାୟକ), ୟଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ବିରାଟ କୋହଲି, ଲୋକେଶ ରାହୁଲ, ସର୍ଫରାଜ ଖାନ୍, ରିଷଭ ପନ୍ତ, ଧ୍ରୁବ ଜୁରେଲ(ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଆକାଶ ଦୀପ, ୟଶପ୍ରୀତ ବୁମରା ଓ ୟଶ ଦୟାଲ।

# ରଣଧୀର ସିଂ ଓସିଏ ସଭାପତି ନିର୍ବାଚିତ

ନୂଆଦିଲ୍ଲୀ, ୮।୯ (ପି.ଟି.)



ରଣଧୀର ସିଂ

ଭେଟେରାନ କ୍ରୀଡ଼ା ପ୍ରଶାସକ ରଣଧୀର ସିଂ ରବିବାର ପ୍ରଥମ ଭାରତୀୟ ଭାବେ ଅଲିମ୍ପିକ୍ କାଉନ୍‌ସିଲ ଅଫ୍ ଏସିଆ (ଓସିଏ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏଠାରେ ଓସିଏର ୪୪ତମ ଜେନେରାଲ ଆସେମ୍ବ୍ଲି ବେଳେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୫ଥର ଅଲିମ୍ପିକ ଶୁଟର ରଣଧୀର ଓସିଏ ସଭାପତି ପଦବୀ ପାଇଁ ଏକମାତ୍ର ଯୋଗ୍ୟ ବ୍ୟକ୍ତି ଥିଲେ। ସେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୪ରୁ ୨୦୨୮ ପର୍ଯ୍ୟନ୍ତ ହେବ। ୭୭ ବର୍ଷୀୟ ରଣଧୀର କୁଏତ୍‌ର ଶେଖ୍ ଅହମଦ ଅଲ୍-ଫାହଦ ଅଲ୍ ସାବାଙ୍କ ସ୍ଥାନରେ ୨୦୨୧ରୁ ଓସିଏର କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ କରି ଆସୁଥିଲେ। ଏଥିକ୍ସ (ନୈତିକତା) ଉଲ୍ଲଂଘନ କରିଥିବା ଅଭିଯୋଗରେ ଶେଖ ଅହମଦ ଗତ ମେ ମାସରେ କ୍ରୀଡ଼ା ପ୍ରଶାସନରୁ ୧୫ବର୍ଷ ବାସନ୍ଦ ହୋଇଛନ୍ତି। ରଣଧୀର ବିଭିନ୍ନ ଭାରତୀୟ ଏବଂ ଏସୀୟ କ୍ରୀଡ଼ା ପରିଷଦର ବିଭିନ୍ନ ପ୍ରଶାସନିକ ପଦବୀରେ କାର୍ଯ୍ୟ କରିସାରିଛନ୍ତି। ରବିବାର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ ଏସିଆର ୪୫ଟି ଦେଶର ଶୀର୍ଷ କ୍ରୀଡ଼ା ଅଧିକାରୀଙ୍କ ଉପସ୍ଥିତିରେ ରଣଧୀରଙ୍କୁ ବିଧିବଦ୍ଧ ଭାବେ ଓସିଏ ସଭାପତି ଭାବେ ମନୋନୀତ କରାଯାଇଥିଲା। ରଣଧୀରଙ୍କ ଜନ୍ମସ୍ଥାନ ହେଉଛି ପଞ୍ଜାବର ଲୁଧିଆନାରେ। ଏକ କ୍ରୀଡ଼ାବିତ୍ ପରିବାରରୁ ସେ ଆସିଛନ୍ତି। ତାଙ୍କ ମାମୁ ମହାରାଜ ଯଦବିନ୍ଦ୍ର ସିଂ ଭାରତ ପାଇଁ ଟେଷ୍ଟ କ୍ରିକେଟ ଖେଳିଛନ୍ତି। ଆଇଓସିର ସେ ଜଣେ ସଦସ୍ୟ ଥିଲେ। ତାଙ୍କ ପିତା ଭଲିନ୍ଦ୍ର ସିଂ ମଧ୍ୟ ଜଣେ ପ୍ରଥମ ଶ୍ରେଣୀ କ୍ରିକେଟର ଥିଲେ। ୧୯୪୭ରୁ ୧୯୯୨ ମଧ୍ୟରେ ସେ ଆଇଓସିର ଜଣେ ସଦସ୍ୟ ରହିଥିଲେ। ଏହାପରେ ସେ ବିଶ୍ୱ କ୍ରୀଡ଼ା ପରିଷଦର ଜଣେ ଅବୈତନିକ ସଦସ୍ୟ ରହି ଆସିଛନ୍ତି।


ଗ୍ୟାସ୍ ଓ ଏସିଡ଼ିଟି ପାଇଁ ଚିନ୍ତିତ କି ?

ଶିବାଷ୍ଟକ ଚୂର୍ଣ୍ଣ

ଏହା ବ୍ୟବହାର କଲେ ଗ୍ୟାସ୍, ଏସିଡ଼ିଟି, ବଦହଜମି, ଆମ୍ବିଳା ହାକୁଟି, ଛାତି ତଣ୍ଟି ପୋଡ଼ା ଜଳା ଅଜୀର୍ଣ୍ଣ କୋଷ୍ଠକାଠିନ୍ୟ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢାଏ

FAST RELIEF FROM ACIDITY, INDIGESTION & CONSTIPATION

Sibastaka Churna

DOUBLE STRENGTH JADRUDAMAN JADU MALAM

ଯଦ୍ରୁଦମନ ଯାଦୁ ମଲମ (ଯାଦୁ ପାଇଁ ବେଷ୍ଟ)

ଓଡ଼ିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ

Contact:9437883226






100 DAYS OF HAPPINESS | STAND A CHANCE TO WIN 100% CASHBACK ON YOUR PURCHASE**

ଏକ୍ସ-ଶୋରୁମ ମୂଲ୍ୟ ₹74903/-* | ସର୍ବନିମ୍ନ ଡାଉନ ପେମେଣ୍ଟ ₹4999/-* | ସୁଧ ଦର 6.99%~ | ଗୁରୁଦକ୍ଷିଣା ଅଫର୍ ₹3000/-* | Available at Flipkart^ | INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **This Centennial Celebration Campaign is open only for Indian residents who buys a new Hero two wheeler during Campaign is valid from 26th June 2024 to 3rd October 2024. Cashback money can be claimed by the winning Participant within 90 days from the date of declaration of winner status. Any claim raised after expiry of above 90 days period shall not be entertained. Offer valid from 26th June 2024 to 3rd October 2024. ##Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empaneled dealers on Wheels of Trust platform. Available at select dealerships. For more details please visit your nearest authorised Hero outlet. *Ex-showroom price of Pleasure LX variant in Orissa. *Basis data available in public forum for 110cc 1CE Scooter segment. ~Finance scheme is at the sole discretion of the financier, ^Flipkart offers available on specific bank cards. Offers amount and combination of offers may vary for model/variant & states. Terms and Conditions apply.

Authorised Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes, Ph:7682841658, Rourkela: Dua Motors, Ph: 6372753989, Jeypore: Supreme Sales, Ph: 8144822656.

Associate Dealers: Rahama: Sarala Automobiles, Ph:9937018532, Nimapara: Basudev Automobiles, Ph: 9861020724, Pipili: Shri Ram Motors, Ph: 9437110789, Khamakhyanagar: Reliance Automobiles, Ph: 9938435743, Chendipada: Tara Motors, Ph: 8018339414, Bhubaneswar: Mahamayee Motors, Ph: 9437004624, Khurdha: Dinesh Trading Co, Ph: 9778097876, Sakhigopal: Sai Motors, Ph: 9439765820, Begunia: Rashmi Automobiles, Ph: 9178316145, Laxmipur: Tarini Motors, Ph: 7205862853, Rajgangpur: Kedia & Kedia, Ph: 9437152881, Brajrajnagar: Bina Motors, Ph: 9861078290, Belpahar: Varsha Motors, Ph: 9437058417, Deogarh: Jindal Motors, Ph: 9437056659, Bamra: Choudhury Motors, Ph: 9938274720, Baliapal: Baba Motors, Ph: 8093603116, Soro: Twinkle Motors, Ph: 9861594852, Kendrapara: Baishnabi Motors, Ph: 9437089454/9853471301, Barbil: Wheels Motors, Ph:9776931870, Pattamundai: Mishra Auto, Ph: 9853843713, Basta: Shivam Motors, Ph: 7735958754, Rairangpur: Maa Sakambari Motors, Ph: 7008581719, Khuakia: Binayak Automobiles, Ph: 9090444379, Jajpur Town: Ayush Automobiles, Ph: 9556189870, Mayurbhanj: Jk Motors, Ph: 9040909925, Semiliguda: K P Enterprises, Ph: 9437233464, Parlakhemundi: Preetam Enterprises, Ph: 9438685535, Nabarangpur: Arun Sales & Service, Ph: 9437174795, Bhanjanagar: Rebati Motors, Ph: 9438279794/9937015509, Narsinghpur: Ambika Motocorp, Ph: 9861811411, Gunpur: M/s Sai Sharan Automobiles, Ph: 9437234012, Malkangiri: Kanishka Automobiles, Ph: 9437181980, Kotpad: Shai Automobiles, Ph: 7205593156, Umerkote: Bharat Sales, Ph: 9937455659/9777765563, Junagarh: Shree Bimala Motors, Ph: 9668287479, Rajakhariar: Jagdamba Auto Combines, Ph: 9937002262, Boudh: Bansal Auto, Ph: 9437062948, Nuapada: Maruti Auto, Ph: 9178014999, Padampur: Debesh Motors, Ph: 9437253970, Barpalli: Durga Motors, Ph: 9861265979, Titlagarh: Sneha Motors, Ph: 9853925879, Mayurbhanj: Mahaveer Motors, Ph: 7326872255/9853290346, Baliguda: Sai Automobiles, Ph: 9827843657, Patrapur: Ronak Motors, Ph: 9030985084, Balipatna: M/S Jagannath Motors, Ph: 7064309702, Kalimela: Laxminiyati Motors, Ph: 9861002055, Chandpur: Apsara, Ph: 9861418161, Subdega: Jdj Automobiles, Ph: 9937060108, Bissam cuttack: Patnaik Motors, Ph: 7008615208, BasudevPur: Bidyalalita Automobile, Ph: 9827487072, Telkoi: Panchamukhi Motors, Ph: 9717004926, Tikabali: M/S Maa Rudrakali Automobiles, Ph: 7846961367, Kamrda: Siddhivinayak Motors, Ph: 7208675074, Jagdalpur: Kiran Sales, Ph: 9827654949, Kesinga: Annapurna Automobile, Ph: 7978787287, M.Rampur: Aruna Automobiles, Ph: 8114331356,



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ